READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୯ ସଂଖ୍ୟା-୪୧ ୨୦ ଅକ୍ଟୋବର - ୨୭ ଅକ୍ଟୋବର, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-41 20th OCTOBER- 27th OCTOBER, 2025 BHUBANESWAR ₹ 5/- (8 Pages)

### ପୁଲିସ ଏସଆଇ ନିଯୁକ୍ତି ଦୁର୍ନୀତି ମାମଲା

## ଅନ୍ଧାରରେ ଚାକିରି ଆଶାୟୀଙ୍କ ଭବିଷ୍ୟତ


**ଭୁବନେଶ୍ୱର :** ଓଡ଼ିଶା ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାକୁ ମିଳିମିଶି ଚାପି ଦେବାକୁ ଆରମ୍ଭ ହୋଇଛି କସରତ। କ୍ରାଇମବ୍ରାଞ୍ଚର ଦିଶାହୀନ ତଦନ୍ତ ଓ 'ଓଡିଶା ପୁଲିସ ନିଯୁକ୍ତି ବୋର୍ଡ' (ଓପିଆରବି)ର ପ୍ରଶାସନିକ ବିଫଳତା ପାଇଁ ଲକ୍ଷ ଲକ୍ଷ ଚାକିରି ଆଶାୟୀ ଯୁବବର୍ଗଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ନିଯୁକ୍ତି ପରୀକ୍ଷା ସହ ଜଡ଼ିତ ଓପିଆରବି, ଆଇଟିଆଇ ଲିମିଟେଡ୍ ଓ ସିଲିକନ୍ ଟେକଲାବ ମଧ୍ୟରେ ଅଘୋଷିତ ମେଣ୍ଟ ଓ ପ୍ରଶାସନିକ ବିଫଳତା ପଛର ରହସ୍ୟକୁ ଉଜାଗର ନକରି କ୍ରାଇମବ୍ରାଞ୍ଚ ଏବେ କେବଳ ପରୀକ୍ଷାର୍ଥୀ, ଦଲାଲ ଓ ପଞ୍ଚସଫ୍ଟ ଭଳି ବିବାଦୀୟ ସଂସ୍ଥା ମଧ୍ୟରେ ନିଜର ତଦନ୍ତକୁ ସୀମିତ କରିଦେଇଥିବା ଜଣାପଡ଼ିଛି। ତଦନ୍ତ ହାତକୁ ନେବା ପରେ ମଧ ନିଯୁକ୍ତି ପରୀକ୍ଷା ଦୁର୍ନୀତି ସିଣ୍ଡିକେଟର ଅସଲ ମାଷ୍ଟରମାଇଣ୍ଡମାନଙ୍କୁ ତଦନ୍ତ ପରିସରଭୁକ୍ତ ନକରି କେବଳ ଦିନ ଗଡ଼ାଇ ଗଡ଼ାଇ ଘଟଣାକୁ ଚାପି ଦେବାକୁ କ୍ରାଇମବ୍ରାଞ୍ଚ କସରତ କରୁଥିବା ଚର୍ଚ୍ଚା ହେଉଛି। 'ଓପିଆରବି'ର ଅକ୍ଟୋବର ୯ତାରିଖ ବୈଠକର ବିବରଣୀ, ଅକ୍ଟୋବର ୧୧ତାରିଖ ପ୍ରେସ ରିଲିଜ୍ ଏବଂ ୨୦୨୫ ମେ' ୨୮ତାରିଖରେ ଆଇଟିଆଇ ଲିମିଟେଡର କୋଲକାତା ଅଫିସକୁ ପୁଲିସ ମୁଖ୍ୟାଳୟ ଦେଇଥିବା ଚିଠି ହିଁ ଖୋଲାଖୋଲି ଭାବେ 'ଓପିଆରବି'ର ସନ୍ଦେହଜନକ ଭୂମିକାକୁ ପଦାରେ ପକାଇ ଦେଇଛି। ୨୦୨୫ ମାର୍ଚ୍ଚ ୮-୯ରେ ପ୍ରଥମଥର ପୁଲିସ ଏସଆଇ ପରୀକ୍ଷା ବାତିଲ ହେବାପରେ ଆଇଟିଆଇ ଲିମିଟେଡକୁ ମେ' ୨୮ତାରିଖରେ ଚିଠି ଦିଆଯିବାବେଳେ ଓପିଆରବିର ଅଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ନାଥ (ଏବେବି ଅଛନ୍ତି) ଦାୟିତ୍ୱ ନେଇସାରିଥିଲେ। ଏହି ସବୁ ଦସ୍ତାବିଜକୁ ଖୋଳତାଡ଼ ପରେ ଏଭଳି ଏକାଧିକ ଦିଗ ପଦାକୁ ଆସିଛି ଯାହା 'ଓପିଆରବି'ର ସନ୍ଦେହଜନକ ଭୂମିକାକୁ ଇଙ୍ଗିତ କରୁଛି। ମାତ୍ର କ୍ରାଇମବ୍ରାଞ୍ଚ ଏସବୁ ଦିଗ ପ୍ରତି ଆଖିବୁଜି ଦେଇଥିବା ଭଳି ଜଣାପଡୁଛି। ଅକ୍ଟୋବର ୯ତାରିଖରେ ଓପିଆରବି ଅଧ୍ୟକ୍ଷ ସୁଶାନ୍ତ ନାଥଙ୍କ ଅଧ୍ୟକ୍ଷତାରେ ଓ ➤ ପୃ-୬

## 'କଡା କାର୍ଯ୍ୟାନୁଷ୍ଠାନ ହେଲେ ଅପରାଧ କମିବ'



**ଭୁବନେଶ୍ୱର :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି। ରାଜ୍ୟର ବିଭିନ୍ନ ପ୍ରସଙ୍ଗ ନେଇ ସାମ୍ବାଦିକଙ୍କ ସହ ଆଲୋଚନା କରିବା ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ରାଜ୍ୟପାଳ। ସେ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପେଟ୍ରୋଲିୟମ ଓ ଦକ୍ଷତା ବିକାଶ ମନ୍ତ୍ରୀ ଥିବାବେଳେ ଦକ୍ଷତା ବିକାଶ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଓଡ଼ିଶା ଓ ଆନ୍ଧ୍ର ସମେତ ବିଭିନ୍ନ ରାଜ୍ୟରେ ଅନେକ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯାଇଛି। ବିଭିନ୍ନ ତୈଳ କମ୍ପାନୀଙ୍କ ସହଯୋଗରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ୫ ଟି ଦକ୍ଷତା ବିକାଶ କେନ୍ଦ୍ର ଖୋଲିଛି। ଯାହାକି ରାଜ୍ୟର ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ବେଶ ସହାୟକ ହେଉଛି। ରାଜଭବନରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ଅନେକ ଦିଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି। ସୀମା ବିବାଦକୁ ନେଇ ରାଜ୍ୟପାଳ କହିଛନ୍ତି, ଲୋକଙ୍କ ଉପରେ ନିଷ୍ପତ୍ତି ଛାଡ଼ିଦେବା ଉଚିତ। ସୀମାବର୍ତ୍ତୀ ଲୋକେ ହୁଏତ ଦୁଇ ରାଜ୍ୟର ସମସ୍ତ ସୁବିଧା ପାଉଛନ୍ତି। କିନ୍ତୁ ଉଭୟ ରାଜ୍ୟ ଆପୋଷ ଆଲୋଚନା ମଧ୍ୟରେ ସୀମା ବିବାଦର ସମାଧାନ ହୋଇପାରେ। ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନରେ ପଦବୀ ଖାଲି ରହିଛି ତାହା ପୂରଣ କରିବା ପାଇଁ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ରାଜ୍ୟପାଳ। ମନ୍ତ୍ରୀ ପରିଷଦ ଖାଲି ପ୍ରସଙ୍ଗରେ ରାଜ୍ୟପାଳ କହିଛନ୍ତି, 'ତାହା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିଷ୍ପତ୍ତି।' ରାଜ୍ୟରେ ବିଭିନ୍ନ ନିଗମ ବୋର୍ଡ ଓ କମିଶନରେ ଖାଲିଥିବା ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ରାଜ୍ୟପାଳ। ରାଜ୍ୟରେ ପେଶା ଆଇନ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ➤ ପୃ-୬

## ଭାରତରେ ବନାଗ୍ନି; ୧.୫ କୋଟି ଲୋକ ପ୍ରଭାବିତ




**ନୂଆଦିଲ୍ଲୀ :** ବର୍ଷ ୨୦୨୪-୨୫ରେ ଭାରତରେ ବନାଗ୍ନି ଯୋଗୁ ପ୍ରାୟ ୧.୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଉତ୍ତରପ୍ରଦେଶରେ ସର୍ବାଧିକ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଆର୍ଥ ସିଷ୍ଟମ ସାଇନ୍ସ ଡେଟା ନାମକ ଏକ ଜର୍ନାଲରେ ପ୍ରକାଶିତ 'ଷ୍ଟେଟ୍ ଅଫ୍ ୱାଇଲ୍ଡ ଫାୟାର୍ସ' ଶୀର୍ଷକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଫସଲ ଜାଳିବା, ପ୍ରଚଣ୍ଡ ତାତି, ଶୁଷ୍କ ଇନ୍ଧନ ସଂଗ୍ରହ ଆଦି ଯୋଗୁ ଉତ୍ତରପ୍ରଦେଶରେ ବନାଗ୍ନି ଘଟଣା ବଢ଼ିଛି ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ସେହିପରି ଗତବର୍ଷ ବନାଗ୍ନି ଯୋଗୁ ପଞ୍ଜାବରେ ୩୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରିଟେନ୍ର ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗିଲିଆ, ୟୁକେ ମେଟ୍ ଅଫିସର ଗବେଷକଙ୍କ ଦ୍ୱାରା ମିଳିତ ଭାବେ ଏହି ଅଧ୍ୟୟନ କରାଯାଇଛି। ଅଧ୍ୟୟନ ଅନୁଯାୟୀ, ସାରା ବିଶ୍ୱରେ ହିଟ୍ ୱେଭ୍ ଏବଂ ମରୁଡ଼ି ଯୋଗୁ ବନାଗ୍ନି ଘଟଣା ଲଗାତର ବଢ଼ିବା ସହ ତୀବ୍ର ହେବାରେ ଲାଗିଛି। ଫଳରେ ନିଆଁ, ପ୍ରଦୂଷିତ ଧୂଆଁ ଆଦି ମାଧ୍ୟମରେ ଲୋକଙ୍କ ଜୀବନ ପ୍ରତି ବିପଦ ବଢୁଛି। ଏହା ଲୋକଙ୍କୁ ଆର୍ଥିକ ଭାବେ ଦୁର୍ବଳ କରିବା ସହ ଦେଶର ଅର୍ଥନୀତି ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ନେଇ ଅଧ୍ୟୟନରେ କୁହାଯାଇଛି। ଗତବର୍ଷ ବନାଗ୍ନି ଯୋଗୁ ବିଶ୍ୱବ୍ୟାପୀ ୩୭ ଲକ୍ଷ ବର୍ଗ କି.ମି. ଅଞ୍ଚଳ ଜଳିଯାଇଥିଲା, ଯାହା ଭାରତର ➤ ପୃ-୬

## ସରକାରୀ ପାଣ୍ଠିରେ କିଣାଯିବନି ଉପହାର



**ଭୁବନେଶ୍ୱର :** ଏଣିକି ରାଜ୍ୟ ସରକାରଙ୍କ କୌଣସି ବିଭାଗ ଓ ଅଫିସ୍ ଆଉ ସରକାରୀ ପାଣ୍ଠିରେ ଉପହାର କ୍ରୟ କରିପାରିବ ନାହିଁ। ଦୀପାବଳି ସମେତ ସମସ୍ତ ପର୍ବପର୍ବାଣୀରେ ଉପହାର କିମ୍ବା ଏଭଳି ସାମଗ୍ରୀ କ୍ରୟ ବାବଦ ଖର୍ଚ୍ଚ ଉପରେ ରାଜ୍ୟ ସରକାର ତୁରନ୍ତ କଟକଣା ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ସେପ୍ଟେମ୍ବର ୧୯ତାରିଖର ନିର୍ଦ୍ଦେଶନାମାକୁ ପାଳନ କରି ରାଜ୍ୟ ସରକାର ନିଜର ସବୁ ଅଫିସ୍ ପାଇଁ 'ନୋ ଗିଫ୍ଟ ପଲିସି'ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ନୂଆବର୍ଷରେ କ୍ୟାଲେଣ୍ଡର ଓ ଡାଏରୀ ବାବଦରେ କରୁଥିବା ଖର୍ଚ୍ଚ ଉପରେ କଟକଣା ରହିଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟ ଓ ସରକାରୀ ଉଦ୍ୟୋଗ (ପିଏସୟୁ), କେନ୍ଦ୍ରୀୟ ପିଏସୟୁ ଗୁଡ଼ିକରେ ଦୀପାବଳି ଓ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ଉପହାର କିମ୍ବା ଏ ସଂକ୍ରାନ୍ତୀୟ ଜିନିଷପତ୍ର କ୍ରୟ ଏବଂ ଆଦାନପ୍ରଦାନ ବାବଦରେ କୌଣସି ଅର୍ଥ ଖର୍ଚ୍ଚ କରାଯିବ ନାହିଁ। ଏହି ନିଷ୍ପତ୍ତି (ଓଡ଼ିଶା ଫାଇନାନ୍ସ) ରାଜକୋଷର ସୁଚିନ୍ତିତ ତଥା ଉପଯୁକ୍ତ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ଅନାବଶ୍ୟକ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ନିଆଯାଇଥିବା ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ➤ ପୃ-୬

## ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ



**ଭୁବନେଶ୍ୱର :** ଚିଲିକାରେ ବିଦେଶୀ ପକ୍ଷୀଙ୍କ ସମ୍ଭାର। ଶୀତ ଆଗମନରେ ଚିଲିକାରେ ପାଦ ଥାପିଲେଣି ହଜାର ହଜାର ବିଦେଶୀ ପକ୍ଷୀ। ଚିଲିକାର ନୀଳ ଜଳରାଶି ଉପରେ ବୁଲିଲେଣି ରଙ୍ଗ ବେରଙ୍ଗର ବିଦେଶୀ ପକ୍ଷୀ। ଯାହାକୁ ଦେଖି ପକ୍ଷୀ ପ୍ରେମୀ ମାନଙ୍କ ମଧ୍ୟରେ ଖେଳିଯାଇଛି ଆନନ୍ଦ। କିଚିରି ମିଚିରି ଶବ୍ଦରେ ମୁଖରିତ ନିଳାମ୍ବୁ ଚିଲିକା। ଶୀତର ଆଗମନ ପୂର୍ବରୁ ଚିଲିକାରେ ପାଦଥାପିଲେଣି ବିଦେଶୀ ବିହଙ୍ଗ। ଚିଲିକାରେ ଲାଗିଲାଣି ରଙ୍ଗବେରଙ୍ଗର ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଭିଡ଼। ଚିଲିକା ସୌନ୍ଦର୍ଯ୍ୟର ସମ୍ଭାର, ମରାଳ ମାଳିନି ନିଳାମ୍ବୁ ଚିଲିକାର ସୌନ୍ଦର୍ଯ୍ୟକୁ ଅଧିକ ବଢ଼ାଉଛନ୍ତି ବିଦେଶୀ ପକ୍ଷୀ। ସାଧାରଣତଃ ଅକ୍ଟୋବରରୁ ଫେବ୍ରୁଆରୀ ମଧ୍ୟରେ ସୁଦୂର ଅଷ୍ଟ୍ରେଲିଆ, ସାଇବେରିଆ, ରୁଷିଆ, କାଜାକିସ୍ତାନ, ଇରାନ, ଇରାକ, ମଙ୍ଗୋଲିଆ ଆଦି ଅଞ୍ଚଳରୁ ଚିଲିକାକୁ ଉଡ଼ି ଆସନ୍ତି ବିଦେଶୀ ପକ୍ଷୀ। ଚିଲିକା ବନଖଣ୍ଡ ଅଧିନ ବାଲୁଗାଁ, ଚିଲିକା, ଟାଙ୍ଗି, ସାତପଡ଼ା ଓ ରମ୍ଭା ୫ଟି ରେଞ୍ଜରେ ୨୧ଟି ଶୁରକ୍ଷା ଶିବିର ରହିଛି। ପ୍ରତ୍ୟକ ଶିବିରରେ ୩ ରୁ ୪ ଜଣ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଛନ୍ତି। ୬ଟି ଦ୍ରୁତଗାମୀ ବୋର୍ଟ ସହ ୨୪ ଘଣ୍ଟା ପାଟ୍ରୋଲିଂ କରାଯାଉଛି। ଚଳିତ ବର୍ଷ ନଭେମ୍ବର ମାସ ପୂର୍ବରୁ ପକ୍ଷୀଙ୍କ ➤ ପୃ-୬

### ମୂଳ ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତାବଳୀ ଉଲ୍ଲଙ୍ଘନ ଅଭିଯୋଗ

## ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ



**ଭୁବନେଶ୍ୱର :** ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ। ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କଲେ ହାଇକୋର୍ଟ। ପ୍ରିଲିମିନାରୀ ପରୀକ୍ଷା କରିବାକୁ ଷ୍ଟାଫ୍ ସିଲେକ୍ସନ୍ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ନିଯୁକ୍ତି ପ୍ରକ୍ରିୟାରେ ମୂଳ ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତାବଳୀ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ ହୋଇଛି। ସମସ୍ତ ପ୍ରାର୍ଥୀ ପ୍ରଥମେ ପ୍ରିଲିମିନାରି ପରୀକ୍ଷାରେ ଅଂଶଗ୍ରହଣ କରିବେ। ଯେଉଁ ପ୍ରାର୍ଥୀ ଯୋଗ୍ୟତା ଅର୍ଜନ କରିବେ ସେମାନେ ଲିଖିତ ପରୀକ୍ଷା ଦେବେ। ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ କରାଯିବ। ନିଯୁକ୍ତି ପାଇଁ ଷ୍ଟାଫ୍ ସିଲେକ୍ସନ କମିସନ ପକ୍ଷରୁ ଗତବର୍ଷ ଅକ୍ଟୋବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ହିନ୍ଦୀ ଶିକ୍ଷକ ପଦ ପାଇଁ ପ୍ରିଲିମିନାରି ପରୀକ୍ଷା କରିବାକୁ କମିସନ୍ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ପୂର୍ବରୁ ଅନୁଷ୍ଠିତ ଲିଖିତ ପରୀକ୍ଷା ମୂଲ୍ୟହୀନ ହୋଇଯାଇଛି। ସମସ୍ତ ପ୍ରାର୍ଥୀ ପ୍ରଥମେ ପ୍ରିଲିମିନାରି ପରୀକ୍ଷାରେ ଅଂଶଗ୍ରହଣ କରିବେ। ଯେଉଁ ପ୍ରାର୍ଥୀ ଯୋଗ୍ୟତା ଅର୍ଜନ କରିବେ ସେମାନେ ଲିଖିତ ପରୀକ୍ଷା ଦେବେ। ଏଥି ସହିତ ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ପରୀକ୍ଷାରେ ଦ୍ୱିଭାଷୀ (ହିନ୍ଦୀ ଓ ଇଂରାଜୀ) ସୁବିଧା ପ୍ରାର୍ଥୀଙ୍କୁ ପ୍ରଦାନ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ କରାଯିବ। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଫିରୋଜ କୁମାର ମହାପାତ୍ର, ରାକେଶ କୁମାର ବାରିକ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନ ଗୁଡ଼ିକର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ ମାଧ୍ୟମିକ ସ୍କୁଲରେ ହିନ୍ଦୀ ସହିତ ଅନ୍ୟ ବିଭାଗରେ ଶିକ୍ଷକ ନିଯୁକ୍ତି ପାଇଁ ଷ୍ଟାଫ୍ ସିଲେକ୍ସନ କମିସନ ପକ୍ଷରୁ ୨୦୨୪, ଅକ୍ଟୋବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯଦି ପ୍ରାର୍ଥୀଙ୍କ ସଂଖ୍ୟା ପୂରଣ ହେବାକୁ ଥିବା ପଦବି ସଂଖ୍ୟାର ୫ଗୁଣ ବା ତା'ଠାରୁ ଅଧିକ ହୁଏ ତେବେ ପ୍ରଥମେ ପ୍ରିଲିମିନାରି ପରୀକ୍ଷା କରାଯିବ ➤ ପୃ-୬

### ଉପକୂଳିଆ ନେତାଙ୍କୁ ଜୋନ୍ ଦାୟିତ୍ୱ

## ବିବାଦୀୟ ଦିବ୍ୟଶଙ୍କର, ପ୍ରତାପ ଜେନା ବି ସାମିଲ

**ଭୁବନେଶ୍ୱର :** ନୂଆପଡ଼ା ଭୋଟରଙ୍କ ଉପରେ ଜିଲ୍ଲା ବାହାରର ପ୍ରାର୍ଥୀଙ୍କୁ ଲଦି ଦେଇ ନିର୍ବାଚନୀ ମଇଦାନରେ ଲଢ଼େଇ ପୂର୍ବରୁ ଆତ୍ମସମର୍ପଣ କରିସାରିଥିବା ବିଜେଡି ପୁଣିଥରେ ୟୁ-ଟର୍ଣ୍ଣ ନେଇଛି। ସପ୍ତାହକ ପୂର୍ବରୁ ନୂଆପଡ଼ା ଉପନିର୍ବାଚନ ପରିଚାଳନା ପାଇଁ ଜାରି କରିଥିବା ୧୯ଜଣିଆ କମିଟିରେ ଆମୂଳଚୂଳ ପରିବର୍ତ୍ତନ କରିଛି। କେବଳ ସେତିକି ନୁହେଁ ସଂଶୋଧିତ କମିଟିରେ ଉପକୂଳ ଓଡ଼ିଶାର ପ୍ରାୟ ୨୫ରୁ ଅଧିକ ଆଗଧାଡ଼ିର ନେତାଙ୍କୁ ମଧ ସାମିଲ କରିବାକୁ ଏକରକମ ବାଧ ହୋଇଛି। ମମିତା ମେହେର ହତ୍ୟା-ଗୋବିନ୍ଦ ସାହୁ ଆତ୍ମହତ୍ୟା ମାମଲାରେ ବିବାଦୀୟ ଦିବ୍ୟଶଙ୍କର ମିଶ୍ର ଓ ମାହାଙ୍ଗା ଡବଲ ମର୍ଡର ହତ୍ୟା ଅଭିଯୁକ୍ତ ପ୍ରତାପ ଜେନାଙ୍କୁ ମଧ କମିଟିରେ ସାମିଲ କରିଛି ବିଜେଡି। ଉପନିର୍ବାଚନ ମଇଦାନରେ କଂଗ୍ରେସର ଘାସିରାମ ମାଝୀ ଓ ବିଜେପିର ଜୟ ଢ଼ୋଲକିଆ ନିଜର ପ୍ରଚାର ଜୋରଦାର କରିଥିବାବେଳେ ବାହାର ଜିଲ୍ଲାର ନେତ୍ରୀଙ୍କୁ ବିଜେଡି ପ୍ରାର୍ଥୀ କରିଥିବାରୁ ତା'ର ପ୍ରତିବାଦରେ ଗୁରୁବାର ଦଳର ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ସମେତ ୫୬ଜଣ ସରପଞ୍ଚ ଓ ସମିତି ସଭ୍ୟ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହାପୂର୍ବରୁ କୋମନା ବ୍ଲକର ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ଓ ଅନ୍ୟ ୧୮ଜଣ ସରପଞ୍ଚ ଓ ୯ଜଣ ସମିତି ସଭ୍ୟ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ନୂଆପଡ଼ା ଉପନିର୍ବାଚନ ପରିଚାଳନା ପାଇଁ ବିଜେଡି ଚଳିତମାସ ୮ତାରିଖରେ ୩ଟି କମିଟି ଗଠନ କରି ୧୯ଜଣ ନେତାଙ୍କୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ଏଥିରେ ଜଣେ ମଧ ଉପକୂଳବର୍ତ୍ତୀ ଜିଲ୍ଲାର ନେତାଙ୍କୁ ସାମିଲ କରାଯାଇ ନଥିଲା। ମାତ୍ର ପ୍ରକାଶିତ ତାଲିକାରେ ମୋଟ ୫୨ଜଣ ନେତାଙ୍କୁ ଦଳ ନୂଆପଡ଼ା ଉପନିର୍ବାଚନ ଦାୟିତ୍ୱ ନ୍ୟସ୍ତ କରିଛି। ସେଥିରେ ୨୫ରୁ ଅଧିକ ଉପକୂଳ ଓଡ଼ିଶାର ଆଗଧାଡ଼ିର ନେତାମାନେ ସାମିଲ ଅଛନ୍ତି। ତେବେ ଏହି କମିଟିରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ➤ ପୃ-୬

### ବକ୍ରବାଣୀ



ଉପ ନିର୍ବାଚନ ଗୋଟିଏ ହବ
ସତେ କି ପୃଥୀଟା ଓଲଟି ଯିବ
ଦିନ ରାତି ସେଇ ଗୋଟିଏ କଥା
ଗଣମାଧ୍ୟମଟା ପିଟୁଛି ମଥା
ତିଳଟାକୁ ତାଳ ଭଳିଆ କରି
ଦର୍ଶକ ମଥାକୁ ଖାଆନ୍ତି କୋରି
ବିଜ୍ଞ ଲୋକମାନେ ଶୁଣନ୍ତୁ ବାରେ
ଟିଭି ମିଡିଆଠୁ ରୁହନ୍ତୁ ଦୂରେ
ପ୍ରିଣ୍ଟ ମିଡିଆରେ ନ ଦେଇ ମନ
ସାଙ୍ଗ ସାଥୀ ମେଳେ କାଟନ୍ତୁ ଦିନ।

—— ଟୁଟୁ

### ୨୦୨୭ ଜନଗଣନା ପାଇଁ ପ୍ରକ୍ରିୟା ଆରମ୍ଭ

## ନଭେମ୍ବର ୧ରୁ କରିପାରିବେ ବ୍ୟକ୍ତିଗତ ତଥ୍ୟ ଦାଖଲ



**ନୂଆଦିଲ୍ଲୀ :** ୨୦୨୭ ଜନଗଣନା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। ଏଥିପାଇଁ ଜାରି ହୋଇଛି ବିଜ୍ଞପ୍ତି। ବିଧିବଦ୍ଧ ଜଣଗଣନା ପୂର୍ବରୁ ପରୀକ୍ଷା ମୂଳକ ଭାବେ କିଛି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ସେହିପରି ବିଧିବଦ୍ଧ ଜଣଗଡ଼ା ପୂର୍ବରୁ ଚଳିତ ବର୍ଷ ନଭେମ୍ବର ୧ରୁ ୭ ମଧ୍ୟରେ ସାଧାରଣ ଲୋକମାନେ ଡିଜିଟାଲ ଉପାୟରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟକୁ ଦାଖଲ କରିପାରିବେ। ଆତ୍ମଘୋଷିତ ଗଣନା ୱିଣ୍ଡ ମାଧ୍ୟମରେ ସେମାନେ ଘରେ ବସି ନିଜର ତଥ୍ୟ ଦାଖଲ କରିପାରିବେ। ୨୦୨୭ ଜନଗଣନାର ପରୀକ୍ଷା ନୀରିକ୍ଷା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଘରଗୁଡ଼ିକୁ ତାଲିକାଭୁକ୍ତ ଓ ଘରଗୁଡ଼ିକର ଗଣନା କରାଯିବ। ପରୀକ୍ଷାମୂଳକ ଭାବେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କିଛି ନିର୍ଦ୍ଦିଷ୍ଟ ତଥା ଚିହ୍ନଟ ହୋଇଥିବା ସ୍ଥାନରେ ନଭେମ୍ବର ୧୦ରୁ ୩୦ ଯାଏ ଆୟୋଜନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏନେଇ ଜାରି ହୋଇଥିବା ବିଜ୍ଞପ୍ତିରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା କମିଶନର ଅଫ ଇଣ୍ଡିଆ ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି ଯେ ନଭେମ୍ବର ୧ରୁ ୭ ଯାଏ ବ୍ୟକ୍ତିଗତ ତଥ୍ୟକୁ ପୂରଣ କରିବା ପାଇଁ ଲୋକଙ୍କୁ ବିକଳ୍ପ ମିଳିବ। ସେମାନେ ଡିଜିଟାଲୀ ଏହାକୁ କରିପାରିବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜନଗଣନା ଆଇନ ୧୯୪୮ରେ ଥିବା ପ୍ରାବଧାନକୁ ବିସ୍ତାର କରିଛନ୍ତି। ବିଧିବଦ୍ଧ ଜନଗଣନା ପୂର୍ବରୁ ପରୀକ୍ଷା ମୂଳକ ଭାବେ କିଛି ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଗଣନାର ଦକ୍ଷତାକୁ ମାପିବା ହିଁ ପ୍ରି-ଟେଷ୍ଟର ଲକ୍ଷ୍ୟ। ଜନଗଣନା ୨୦୨୬ ଏପ୍ରିଲ ୧ରୁ ୨୦୨୭ ଫେବୃଆରୀ ୨୮ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଘରଗୁଡ଼ିକର ତାଲିକା ଭୁକ୍ତ ଓ ଘର ଗଣନା କରାଯିବ। ଏହାପରେ ଜନଗଣନା ଆରମ୍ଭ ହେବ। ➤ ପୃ-୬

### ମନମୋହନଙ୍କ ୨୬ଜଣିଆ ନୂଆ କର୍ମକର୍ତ୍ତା ଟିମ୍

## ବାଦ୍ ପଡ଼ିଲେ ନାଉରୀ, ଗୋଲକ ଓ ଅପରାଜିତା



**ଭୁବନେଶ୍ୱର :** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତାଙ୍କର ନୂଆ ଟିମ୍ ଗଠନ କରିଛନ୍ତି। ରାଜ୍ୟ କର୍ମକର୍ତ୍ତା ଟିମରେ ସେ ୨୬ଜଣଙ୍କୁ ସାମିଲ କରିଥିବାବେଳେ ତାଙ୍କ ପୁରୁଣା ଟିମରୁ ଦଳର ବରିଷ୍ଠ ନେତା ନାଉରୀ ନାଏକ, ଗୋଲକ ମହାପାତ୍ର, ଓ ଅପରାଜିତା ଷଡ଼ଙ୍ଗୀଙ୍କ ଭଳି ନେତାମାନଙ୍କୁ ବାଦ୍ ଦେଇଛନ୍ତି। ଏହି ନୂଆ କମିଟିରେ ୧୦ଜଣ ଉପସଭାପତି, ୪ଜଣ ସାଧାରଣ ସମ୍ପାଦକ (ପୂର୍ବରୁ ୫ଜଣ ଥିଲେ), ୧୦ଜଣ ସମ୍ପାଦକ ଓ ୨ଜଣ କୋଷାଧ୍ୟକ୍ଷ ରହିଛନ୍ତି। ମନମୋହନଙ୍କୁ ଦଳ ଜୁଲାଇ ପ୍ରଥମ ସପ୍ତାହରେ ପୁଣିଥରେ ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନ୍ୟସ୍ତ କରିଥିଲା। ଦଳର ରାଜ୍ୟ ସଂଗଠନ ସମ୍ପାଦକ ମାନସ କୁମାର ମହାନ୍ତିଙ୍କ ଦ୍ୱାରା ଜାରି ନୂଆ କର୍ମକର୍ତ୍ତା ତାଲିକାରେ ମନମୋହନ ଯେଉଁ ୧୦ଜଣଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦେଇଛନ୍ତି ସେଥିରେ ଯତୀନ ମହାନ୍ତି (ଖୋର୍ଦ୍ଧା), ଅଶୋକ ମିଶ୍ର (ନୟାଗଡ଼), କୁସୁମ ଟେଟେ (ସୁନ୍ଦରଗଡ଼), ରମେଶ ଚନ୍ଦ୍ର ସାହୁ (ନବରଙ୍ଗପୁର), କେ.ନାରାୟଣ ରାଓ (ଗଜପତି), ଶିବାଜୀ ମହାନ୍ତି (ବଲାଙ୍ଗୀର), ଭବେନ୍ଦ୍ର କୁମାର ପଣ୍ଡା (କଳାହାଣ୍ଡି), ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ପୁରୁଣା ରୋଗରୁ ମୁକ୍ତି ମିଳିବ। ଦୂର ଯାତ୍ରାରୁ ଆର୍ଥିକ ସୁଫଳ ମିଳିବ। ପିତାଙ୍କ ରୁକ୍ଷ ବ୍ୟବହାର କଷ୍ଟ ଦେବ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନଙ୍କ ଶୁଭ ମିଳିବ। ଜୀବନସାଥିଙ୍କ ଠାରୁ ରୁକ୍ଷ ବ୍ୟବହାର ପାଇବେ।

**ବୃଷ** ଆର୍ଥିକ ସ୍ଥିତି ସାମାନ୍ୟ ଠାରୁ ଅଧିକ ରହିବ। ଆୟ ବ୍ୟୟରେ ବୃଦ୍ଧି ହେବ। ନୂତନ ଦାୟିତ୍ୱ ପାଇପାରନ୍ତି। ପେଷାଗତ ନୂଆ ନିଷ୍ପତ୍ତି ନେଇପାରନ୍ତି। ଶିକ୍ଷାରେ ଦାୟିତ୍ୱହୀନ ହୁଅନ୍ତୁ ନାହିଁ। ମାନସିକ କ୍ଷେତ୍ରରେ ପ୍ରେମୀମାନେ ନିକଟବର୍ତ୍ତୀ ହେବେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଆପଣ ଚେଷ୍ଟା କରିବେ। ବେତନ ବୃଦ୍ଧି ହୋଇପାରେ। ଖର୍ଚ୍ଚରେ ନିୟନ୍ତ୍ରଣ କରନ୍ତୁ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ନିରାଶ ହୋଇପାରନ୍ତି। ପ୍ରେମରେ ନାକାରାତ୍ମକ ଫଳ ମିଳିବ।

**କର୍କଟ** ନିଜର ଖରାପ ସ୍ୱାସ୍ଥ୍ୟ ପାଇଁ ଘରୋଇ ଉପଚାର କରନ୍ତୁ ନାହିଁ। ନୂଆ ସ୍ରୋତରୁ ଧନପ୍ରାପ୍ତି ହୋଇପାରେ। ପରିବାରରେ ଶାନ୍ତି ପାଇବେ। କାର୍ଯ୍ୟକ୍ଷେତ୍ରରେ ନୂଆ ଦାୟିତ୍ୱ ପାଇପାରନ୍ତି। ଛାତ୍ରମାନଙ୍କ ବନ୍ଧୁମାନେ ଇର୍ଷା କରିବେ।

**ସିଂହ** ପାଦର ସୁରକ୍ଷା ପାଇଁ ଧ୍ୟାନ ଦିଅନ୍ତୁ। ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ପରିବାରର ଦାୟିତ୍ୱ ନିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ଉଭୟ ଉନ୍ନତି ଓ ବାଧାର ସାମନା କରିବେ। ଛାତ୍ରମାନଙ୍କୁ ଶୁଭ ସମାଚାର ପାଇପାରନ୍ତି।

**କନ୍ୟା** ସ୍ୱାସ୍ଥ୍ୟ ପ୍ରତି ଆପଣଙ୍କ ଦାୟିତ୍ୱ ଅନେକ ରୋଗରୁ ରକ୍ଷା କରିବ। ଅଳ୍ପ ଚେଷ୍ଟାରେ ଅଧିକ ଧନପ୍ରାପ୍ତି ହୋଇପାରେ। ପରିବାରରେ ମନକୁ ସ୍ଥିର ଓ ଶାନ୍ତି ରଖନ୍ତୁ। ପଦୋନ୍ନତିର ସମ୍ଭାବନା ଅଛି। ଉଚ୍ଚଶିକ୍ଷା କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବାସୀ ଖାଦ୍ୟ ଖାଆନ୍ତୁ ନାହିଁ। ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁ ନାହିଁ। ବଡ କ୍ଷତି ହୋଇପାରେ। ଭାଇଭଉଣୀଙ୍କ ସହଯୋଗ ପାଇପାରନ୍ତି।

**ବିଛା** କୌଣସି ନିଜ ଲୋକ ଉଧାର ମାଗି ପାରନ୍ତି। ଦୂରରେ ରହୁଥିବା ଛାତ୍ରମାନେ ଏକା ଅନୁଭବ କରି ଦୁଃଖି ହୋଇପାରନ୍ତି। ପୂର୍ବର କ୍ଷତ ଭରଣା ହେବ। ଦାମ୍ପତ୍ୟ ଜୀବନରେ ଅଧିକ ସମୟ ଦେବା ପାଇଁ ଚେଷ୍ଟା କରନ୍ତୁ।

**ଧନୁ** କୌଣସି ଖରାପ ଅଭ୍ୟାସ ବନ୍ଦ କରିପାରନ୍ତି। ନୂଆ ବ୍ୟବସାୟ ଦିଗରେ ଚିନ୍ତା କରିପାରନ୍ତି। ପିତାମାତାଙ୍କ ଆଶୀର୍ବାଦ ପ୍ରାପ୍ତି ହେବ। କାର୍ଯ୍ୟକ୍ଷେତ୍ରରେ ଶ୍ରେଷ୍ଠ ସଫଳତା ପାଇବେ।

**ମକର** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଅନେକ କ୍ଷେତ୍ରରେ ବହୁତ ସଫଳତା ପାଇବେ। ଖର୍ଚ୍ଚ କରିବା ପୂର୍ବରୁ ବିଚାର କରନ୍ତୁ। ପରିବାରର ସହଯୋଗ ପାଇବେ। ଛାତ୍ରମାନେ ଖାଲି ସମୟକୁ ଉଚିତ ବିନିଯୋଗ କରନ୍ତୁ।

**କୁମ୍ଭ** ସମସ୍ତ ଲୋକ କି ସାଥୀ ପଇସାପତ୍ର ବିଷୟରେ ଦେଣନେଣରୁ ଦୂରେଇ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ଶାନ୍ତି ପାଇଁ ଅଧିକ ବାର୍ତ୍ତାଳାପ କରନ୍ତୁ ନାହିଁ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** ପତିପତ୍ନୀଙ୍କ ଖରାପ ସ୍ୱାସ୍ଥ୍ୟ, ଅଶାନ୍ତିର କାରଣ ହୋଇପାରେ। ଉଭୟ ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମୟ ପୂର୍ବରୁ ସବୁ କାର୍ଯ୍ୟ ସମାପ୍ତ କରିପାରନ୍ତି। ଛାତ୍ରମାନେ ନିଜ ଲକ୍ଷ୍ୟରେ ଦୃଢ଼ ରହନ୍ତୁ। ଦମ୍ପତିମାନେ ଭଲରେ ସମୟ କଟାଇବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ସିଙ୍ଗାପୁର ପାସପୋର୍ଟ ସବୁଠୁ ଶକ୍ତିଶାଳୀ



**ଲଣ୍ଡନ :** ହେନଲି ପାସପୋର୍ଟ ସୂଚକାଙ୍କ ପକ୍ଷରୁ ଚଳିତବର୍ଷ ପାଇଁ ବିଭିନ୍ନ ଦେଶର ପାସପୋର୍ଟ ତାଲିକା ଜାରି କରାଯାଇଛି। ତଦନୁଯାୟୀ ସିଙ୍ଗାପୁର ପାସପୋର୍ଟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସବୁଠୁ ଶକ୍ତିଶାଳୀ ପାସପୋର୍ଟ ଭାବେ ମାନ୍ୟତାଲାଭ କରିଛି। ସିଙ୍ଗାପୁର ପାସପୋର୍ଟଧାରୀ ବ୍ୟକ୍ତି ବିନା ଭିସାରେ ୧୯୩ ରାଷ୍ଟ୍ରକୁ ଗସ୍ତ କରିପାରିବେ ବୋଲି ଜଣାପଡିଛି। ସିଙ୍ଗାପୁର ପଛକୁ ଦକ୍ଷିଣ କୋରିଆ ଓ ଜାପାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଦୁଇ ଦେଶର ପାସପୋର୍ଟଧାରୀ ବିନା ଭିସାରେ ଯଥାକ୍ରମେ ୧୯୦ ଓ ୧୮୯ ରାଷ୍ଟ୍ର ଯାଇପାରିବେ ବୋଲି କୁହାଯାଇଛି। ଗତବର୍ଷ ତୁଳନାରେ ଭାରତ ଏଥର ପାଞ୍ଚଟି ପାହ୍ୟା ତଳକୁ ଖସି ୮୫ତମ ସ୍ଥାନ ଅଧିକାର କରିଛି। ଭାରତୀୟ ପାସପୋର୍ଟଧାରୀ ବିନା ଭିସାରେ ୫୭ଟି ଦେଶ ଗସ୍ତ କରିପାରିବେ। ଗତବର୍ଷ ଭାରତ ୮୦ତମ ସ୍ଥାନରେ ଥିବାବେଳେ ପାସପୋର୍ଟଧାରୀଙ୍କୁ ୬୨ଟି ଦେଶ ବୁଲିବାର ସୁଯୋଗ ମିଳିପାରିଥିଲା। ଅପରପକ୍ଷରେ ଜର୍ମାନୀ, ଇଟାଲୀ, ଲକଜ୍ମେବର୍ଗ, ସ୍ପେନ ଓ ସ୍ୱିଜରଲାଣ୍ଡ ମିଳିତଭାବେ ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଏହି ଦେଶର ପାସପୋର୍ଟଧାରୀଙ୍କୁ ବିନ ଭିସାରେ ୧୮୮ ରାଷ୍ଟ୍ର ଗସ୍ତ କରିବାର ସୁବିଧା ଉପଲବ୍ଧ ହେବ। ସେହିପରି ପଞ୍ଚମ ସ୍ଥାନରେ ଅଷ୍ଟ୍ରିଆ, ବେଲଜିୟମ, ଡେନମାର୍କ, ଫିନଲାଣ୍ଡ, ଫ୍ରାନ୍ସ, ଆୟରଲାଣ୍ଡ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ରହିଛନ୍ତି। ଏହି ପାସପୋର୍ଟଧାରୀମାନେ ବିନା ଭିସାରେ ୧୮୭ ରାଷ୍ଟ୍ର ଗସ୍ତ କରିବାର ସୁଯୋଗ ପାଇପାରିବେ। ଷଷ୍ଠ ସ୍ଥାନରେ ହଙ୍ଗେରୀ, ନ୍ୟୁଜିଲାଣ୍ଡ, ନରୱେ, ପର୍ତ୍ତୁଗାଲ ଓ ସ୍ୱିଡେନ ମିଳିତଭାବେ ରହିଛନ୍ତି। ଏହି ପାସପୋର୍ଟଧାରୀ ବିନା ଭିସାରେ ୧୮୬ ରାଷ୍ଟ୍ର ଯାଇପାରିବେ। ଅଷ୍ଟ୍ରେଲିଆ, ଚେକ୍ ଗଣତନ୍ତ୍ର, ମାଲଟା ଓ ପୋଲାଣ୍ଡ ମିଳିତଭାବେ ୭ମ ସ୍ଥାନରେ ରହିଥିବାବେଳେ ଏମାନଙ୍କୁ ୧୮୫ ରାଷ୍ଟ୍ର ଗସ୍ତ କରିବାର ସୁଯୋଗ ମିଳିବ। କ୍ରୋଏସିଆ, ଏଷ୍ଟୋନିଆ, ସ୍ଲୋଭାକିଆ, ସ୍ଲୋଭେନିଆ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ବ୍ରିଟେନ ମିଳିତଭାବେ ୮ମ ସ୍ଥାନରେ ରହିଛନ୍ତି। କାନାଡା ୯ମ ସ୍ଥାନରେ ଥିବାବେଳେ ଲାଟଭିଆ ଓ ଲିଚେସଷ୍ଟିନ୍ ଯୁଗ୍ମଭାବେ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଏଭଳି ପାସପୋର୍ଟଧାରୀ ୧୮୨ ରାଷ୍ଟ୍ରକୁ ବିନା ଭିସାରେ ଗସ୍ତ କରିପାରିବେ। ଅପରପକ୍ଷରେ ଆମେରିକା ପ୍ରଥମ ଥର ଶ୍ରେଷ୍ଠ ୧୦ରୁ ବାଦ ପଡିଛି। ଗତବର୍ଷ ଆମେରିକା ଏହି ତାଲିକାରେ ୭ମ ସ୍ଥାନରେ ଥିବାବେଳେ ଚଳିତବର୍ଷ ୧୨ଶ ସ୍ଥାନକୁ ଖସିଛି। ଆମେରିକା ପାସପୋର୍ଟଧାରୀ ବିନା ଭିସାରେ ୧୮୦ ରାଷ୍ଟ୍ର ଗସ୍ତ କରିବାର ସୁଯୋଗ ପାଇବେ। ଭାରତର ପଡୋଶୀ ରାଷ୍ଟ୍ର ମଧ୍ୟରେ ଶ୍ରୀଲଙ୍କା ୯୮, ଭୁଟାନ ୯୨, ବାଂଲାଦେଶ ୧୦୦, ନେପାଳ ୧୦୧ ଓ ପାକିସ୍ତାନ ୧୦୩ତମ ସ୍ଥାନରେ ରହିଛନ୍ତି। ଆଫ୍ଗାନିସ୍ତାନ ପାସପୋର୍ଟ ବିଶ୍ୱର ସବୁଠୁ ଦୁର୍ବଳ ପାସପୋର୍ଟ ବିବେଚିତ ହୋଇଥିବାବେଳେ ଏହା ପଛକୁ ସିରିୟା ଓ ଇରାକ ସ୍ଥାନ ପାଇଛନ୍ତି।

## ଉତ୍ତରାଖଣ୍ଡରେ ହେବ ଅତ୍ୟାଧୁନିକ ରୋପୱେ



**ନୂଆଦିଲ୍ଲୀ :** କେଦାରନାଥ ଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ପରିବର୍ତ୍ତନଶୀଳ ପାଣିପାଗ, ବର୍ଷା, ତୁଷାରପାତର ଭୟ ଶ୍ରଦ୍ଧାଳୁଙ୍କ ମନରେ ଭୟ ସୃଷ୍ଟି କରିଥାଏ। ବୟସ୍କ ଓ ଶିଶୁଙ୍କ ପାଇଁ ଯାତ୍ରା କଷ୍ଟଦାୟକ ହୋଇଥାଏ। ଏବେ ଏହାକୁ ସହଜ କରିବା ପାଇଁ ଆଦାନୀ ଗ୍ରୁପ୍ ୪ ହଜାର କୋଟି ଟଙ୍କା ଖର୍ଚ୍ଚରେ ୧୨.୯ କିଲୋମିଟର ଲମ୍ବା ରୋପୱେ ପ୍ରସ୍ତୁତ କରୁଛି। ଏହା ଫଳରେ ସୋନପ୍ରୟାଗରୁ କେଦାରନାଥ ପର୍ଯ୍ୟନ୍ତ ୮-୯ ଘଣ୍ଟାର ଯାତ୍ରା ମାତ୍ର ୩୬ ମିନିଟରେ ପୂରା କରିହେବ। ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଥିବା ଭିଡିଓରେ କୁହାଯାଇଛି କି କେଦାରନାଥ ଯାତ୍ରା ଲକ୍ଷ ଲକ୍ଷ ହିନ୍ଦୁଙ୍କ ଆସ୍ଥାର କେନ୍ଦ୍ର; କିନ୍ତୁ ଲମ୍ବା ରାସ୍ତା ଏହାକୁ କଷ୍ଟଦାୟକ କରୁଛି। ଏବେ ୧୨.୯ କିଲୋମିଟର ଲମ୍ବା ରୋପୱେ ସାହାଯ୍ୟରେ ପ୍ରତି ଘଣ୍ଟାରେ ୧ ହଜାର ୮୦୦ ଶ୍ରଦ୍ଧାଳୁ ଯାତ୍ରା କରିପାରିବେ। ଏହା ଅତ୍ୟାଧୁନିକ ସହ ସୁରକ୍ଷିତ ମଧ୍ୟ ହେବ। ଏହା ଫଳରେ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିବ।

## 'ନକ୍ସଲବାଦକୁ ଧ୍ୱଂସ କରିବା ଲାଗି ଆମେ ସଂକଳ୍ପବଦ୍ଧ'



**ନୂଆଦିଲ୍ଲୀ, (ପିଆଇବି):** କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ଛତିଶଗଡ଼ ଏବଂ ମହାରାଷ୍ଟ୍ରରେ ୨୫୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି, ଯାହା ନକ୍ସଲବାଦ ବିରୋଧରେ ଆମର ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ସେ କହିଥିଲେ, ଆଜି ଛତିଶଗଡ଼ରେ ୧୭୦ ଜଣ ନକ୍ସଲ ଆତ୍ମସମର୍ପଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣ ଛତିଶଗଡ଼ରେ ଏବଂ ୬୧ ଜଣ ମହାରାଷ୍ଟ୍ରରେ ଅସ୍ତ୍ର ସମର୍ପଣ କରିଛନ୍ତି। ଭାରତର ସମ୍ବିଧାନ ଉପରେ ସେମାନଙ୍କର ବିଶ୍ୱାସକୁ ଦୋହରାଇ ହିଂସା ପରିତ୍ୟାଗ କରିବା ଲାଗି ସେମାନଙ୍କ ନିଷ୍ପତ୍ତିକୁ ଗୃହମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହା ଏହି ସତ୍ୟର ପ୍ରମାଣ ଦେଉଛି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହି ବିପଦର ଅବସାନ ପାଇଁ ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ନକ୍ସଲବାଦ ଶେଷ ନିଃଶ୍ୱାସ ପ୍ରଶ୍ୱାସ ନେଉଛି। ଏକ୍ସରେ ଏକ ପୋଷ୍ଟରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, 'ନକ୍ସଲବାଦ ବିରୋଧରେ ଆମର ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଆଜି ଛତିଶଗଡ଼ରେ ୧୭୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଗତକାଲି ଛତିଶଗଡେର ୨୭ ଜଣ ଅସ୍ତ୍ରଶସ୍ତ୍ର ସମର୍ପଣ କରିଥିଲେ। ମହାରାଷ୍ଟ୍ରରେ ଗତକାଲି ୬୧ ଜଣ ମୁଖ୍ୟଧାରାକୁ ଫେରିଥିଲେ। ଗତ ଦୁଇ ଦିନ ମଧ୍ୟରେ ମୋଟ ୨୫୮ ଜଣ ବାମପନ୍ଥୀ ଉଗ୍ରବାଦୀ ହିଂସା ଛାଡ଼ିଛନ୍ତି। ଭାରତର ସମ୍ବିଧାନ ଉପରେ ସେମାନଙ୍କର ବିଶ୍ୱାସକୁ ଦୋହରାଇ, ହିଂସାକୁ ପରିତ୍ୟାଗ କରିବାର ସେମାନଙ୍କର ନିଷ୍ପତ୍ତିକୁ ମୁଁ ପ୍ରଶଂସା କରୁଛି। ଏହା ଏହି ସତ୍ୟକୁ ପ୍ରମାଣିତ କରେ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଏହି ବିପଦର ଅବସାନ ପାଇଁ ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ନକ୍ସଲବାଦ ଶେଷ ନିଃଶ୍ୱାସ ପ୍ରଶ୍ୱାସ ନେଉଛି। ମୋଦୀ ସରକାରଙ୍କ ନୀତି ସ୍ପଷ୍ଟ: ଯେଉଁମାନେ ଆତ୍ମସମର୍ପଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ସ୍ୱାଗତ, ଏବଂ ଯେଉଁମାନେ ବନ୍ଧୁକ ଚଳାଇବେ ସେମାନେ ଆମ ସେନାର ସମ୍ମୁଖୀନ ହେବେ।

## ଭାରତକୁ ପ୍ରତ୍ୟାର୍ପଣ ହେବ ମେହୁଲ ଚୋକସି

**ଆଣ୍ଟୱର୍ପ :** ବହୁକୋଟି ଟଙ୍କାର ପିଏନବି ଠକେଇର ଅନ୍ୟତମ ଅଭିଯୁକ୍ତ ତଥା ପଳାତକ ମେହୁଲ ଚୋକସି ସମ୍ପର୍କରେ ବେଲଜିୟମର ଏକ କୋର୍ଟରୁ ଗୁରୁତ୍ୱପୂର୍ଣ୍ଣ ଖବର ଆସିଛି। ଆଣ୍ଟୱର୍ପ କୋର୍ଟ ଚୋକସିଙ୍କ ଭାରତ ପ୍ରତ୍ୟର୍ପଣକୁ ମଞ୍ଜୁରୀ ଦେଇଛି। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭାରତୀୟ ଏଜେନ୍ସିଗୁଡ଼ିକର ଦାବି ବୈଧ ଏବଂ ବେଲଜିୟମ ପୁଲିସ ଦ୍ୱାରା ଗିରଫଦାରୀ ଆଇନଗତ ଭାବରେ ସଠିକ୍ ଥିଲା। ଏହି ନିଷ୍ପତ୍ତି ଭାରତୀୟ ଏଜେନ୍ସି, ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଇଁ ଏକ ବଡ଼ ଆଇନଗତ ବିଜୟ ହୋଇଛି। ଯଦିଓ ଚୋକସିଙ୍କ ଓକିଲମାନେ କୋର୍ଟରେ କହିଛନ୍ତି ଯେ ସେମାନେ ଏହି ନିଷ୍ପତ୍ତି ବିରୁଦ୍ଧରେ ଉଚ୍ଚ ଅଦାଲତରେ ଆବେଦନ କରିବେ। ତେଣୁ, ତାଙ୍କୁ ତୁରନ୍ତ ଭାରତ ପଠାଯିବ ନାହିଁ। ଏହି ନିଷ୍ପତ୍ତି ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ପ୍ରତ୍ୟର୍ପଣ ପ୍ରକ୍ରିୟାରେ ଏକ ମୋଡ଼ ବୋଲି ବିବେଚନା କରାଯାଏ।

# ୭୦୦ ସ୍ୱଦେଶୀ ମାର୍କ ୨ କ୍ଷେପଣାସ୍ତ୍ର କିଣିବ ଭାରତ



**ନୂଆଦିଲ୍ଲୀ :** ଭାରତୀୟ ବାୟୁସେନା ଯୁଦ୍ଧ ବିମାନ ପାଇଁ ୭୦୦ଟି ସ୍ୱଦେଶୀ ଭାବରେ ବିକଶିତ ଅସ୍ତ୍ର ମାର୍କ ୨ କ୍ଷେପଣାସ୍ତ୍ର କିଣିବାକୁ ଯୋଜନା କରୁଛି। ଏହି କ୍ଷେପଣାସ୍ତ୍ରଗୁଡ଼ିକ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ। ଏହା ଏୟାର ଟୁ ଏୟାର କ୍ଷେପଣାସ୍ତ୍ର ଶ୍ରେଣୀରେ ଆସୁଥିବାବେଳେ ଡିଆରଡିଓ ଏହି କ୍ଷେପଣାସ୍ତ୍ରର ପରିସରକୁ ୨୦୦ କିଲୋମିଟରରୁ ଅଧିକ ବୃଦ୍ଧି କରିଛି। ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ପାକିସ୍ତାନର ପିଏଲ-୧୫ କ୍ଷେପଣାସ୍ତ୍ରର ପ୍ରତିରୋଧ ଭାବରେ ବିବେଚନା କରାଯାଏ, ଯାହାର ପରିସର ୧୪୫ କିଲୋମିଟର। ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ଚୀନ୍ ଦ୍ୱାରା ପାକିସ୍ତାନକୁ ଯୋଗାଇ ଦିଆଯାଇଥିଲା। ପାକିସ୍ତାନ ଅପରେସନ୍ ସିନ୍ଦୁର ସମୟରେ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ବିଫଳ ଭାବରେ ବ୍ୟବହାର କରିଥିଲା। ବାସ୍ତବରେ ଭାରତୀୟ ବାୟୁସେନା ଏହାର ସୁଖୋଇ ଏବଂ ହାଲୁକା ଯୁଦ୍ଧ ବିମାନ ନୌବାହିନୀରେ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ବ୍ୟବହାର କରିବ। ଡିଆରଡିଓ ମୂଳତଃ କ୍ଷେପଣାସ୍ତ୍ରର ପରିସର ୧୬୦ କିଲୋମିଟର କରିବାକୁ ଯୋଜନା କରିଥିଲା, କିନ୍ତୁ ଏହାକୁ ବର୍ତ୍ତମାନ ୨୦୦ କିଲୋମିଟରକୁ ବୃଦ୍ଧି କରାଯାଉଛି। ଉଲ୍ଲେଖନୀୟ ଯେ ଅସ୍ତ୍ର ମାର୍କ ୧ କ୍ଷେପଣାସ୍ତ୍ରର ପରିସର ୧୦୦ କିଲୋମିଟର ରହିଛି। ଏହା ଏକ ଉନ୍ନତ ମାର୍ଗଦର୍ଶନ ଏବଂ ନାଭିଗେସନ୍ ସିଷ୍ଟମ ସହିତ ସଜ୍ଜିତ। ଏବେ ଏହାର ପରିସରକୁ ଆହୁରି ୧୦୦ କିଲୋମିଟର ବଢାଇବାକୁ ନିଷ୍ପତ୍ତି ହୋଇଛି।

**ବିଶ୍ୱ ଆର୍ଥିକ ଅସ୍ଥିରତା ମଧ୍ୟରେ ଭାରତ ଏକ ବିକାଶ ସ୍ତମ୍ଭ**

# ଆଇଏମଏଫର ଆକଳନ ମୁତାବକ ୬.୬% ଜିଡିପି ଅଭିବୃଦ୍ଧି ବଜାୟ ରଖିବ ଭାରତ



**ନୂଆଦିଲ୍ଲୀ, (ପିଆଇବି) :** ଦୁର୍ବଳ ବିଶ୍ୱ ଅର୍ଥବ୍ୟବସ୍ଥା ମଧ୍ୟରେ ଭାରତ ଏକ ଦୃଢ଼ ସ୍ତମ୍ଭ ରୂପେ ଛିଡ଼ା ହୋଇଛି। ୨୦୨୫ ଆର୍ଥିକ ବର୍ଷରେ ଭାରତର ଜିଡିପି ୬.୬% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ଏହାର ବିଶ୍ୱ ଅର୍ଥବ୍ୟବସ୍ଥା ଆଉଟଲୁକ୍ (ଅକ୍ଟୋବର ୨୦୨୫) ରିପୋର୍ଟରେ ଆକଳନ କରିଛି। ଦୃଢ଼ ଘରୋଇ ଚାହିଦା ଏବଂ ଏକ ସ୍ଥିର ସେବା କ୍ଷେତ୍ର ଜରିଆରେ ଭାରତ ଅଭିବୃଦ୍ଧି ହାର ସୁଦୃଢ଼ ରହିବାର ସମ୍ଭାବନା ରହିଛି। ଏଥିସହିତ ମୁଦ୍ରାସ୍ଫିତ ୨.୮%କୁ ହ୍ରାସ ପାଇବା ଖାଦ୍ୟ ଓ ଇନ୍ଧନ ମୂଲ୍ୟସ୍ଥିରତାକୁ ଦର୍ଶାଉଛି ବୋଲି ଆଇଏମଏଫ ରିପୋର୍ଟରେ କୁହାଯାଇଛି। ବିଚକ୍ଷଣ ଆର୍ଥିକ ପରିଚାଳନା ଏବଂ ସ୍ଥିର ନୀତିଗତ ସଂସ୍କାର ବଳରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ୍ୟ ଅର୍ଥବ୍ୟବସ୍ଥା ମଧ୍ୟରୁ ଅନ୍ୟତମ ହୋଇପାରିଛି। ସାମ୍ପ୍ରତିକ ବାଣିଜ୍ୟିକ ବାଧା ସତ୍ତ୍ୱେ ଭାରତ ବିଶ୍ୱ ଅର୍ଥବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରୁଛି। ଭାରତର ଜିଡିପି ୬.୪% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ପୂର୍ବରୁ ଆଇଏମଏଫ ଆକଳନ କରିଥିବା ବେଳେ ବର୍ତ୍ତମାନ ଏହାକୁ ସଂଶୋଧନ କରି ୬.୬% କରିଛି। ପ୍ରଥମ ତ୍ରୈମାସରେ ଭାରତୀୟ ଅର୍ଥବ୍ୟବସ୍ଥାର ଦୃଢ଼ ପ୍ରଦର୍ଶନ ପରେ ଏଥିରେ ସଂଶୋଧନ କରାଯାଇଛି। ବାସ୍ତବ ମୁଣ୍ଡପିଛା ଉତ୍ପାଦନ ୫.୭% ରହିବା ନେଇ ଆକଳନ କରାଯାଇଛି। ବାର୍ଷିକ ହାରାହାରୀ ମୁଦ୍ରାସ୍ଫିତ ୨.୮% ରହିବ। ବିଶ୍ୱସ୍ତରରେ ମୁଦ୍ରାସ୍ଫିତି ହାର ଅଧିକ ରହିଥିବା ବେଳେ ଭାରତ ଏହାକୁ ଆଶାଠାରୁ ଅଧିକ ନିୟନ୍ତ୍ରଣ କରିବାରେ ସଫଳ ହୋଇଛି। ଦେଶରେ ବେକାରୀ ହାର ମଧ୍ୟ ନିୟନ୍ତ୍ରିତ ସ୍ଥିତିରେ ରହିବା ନେଇ ଆକଳନ କରାଯାଇଛି। ଭାରତର ସେବା କ୍ଷେତ୍ର ଏବଂ ଘରୋଇ ଚାହିଦା ବିକାଶ ହାରକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୨୫ର ପ୍ରାରମ୍ଭିକ ସମୟ ତୁଳନାରେ ସେବା କ୍ଷେତ୍ରରେ ଅଭିବୃଦ୍ଧି ଦୃଢ଼ ରହିଛି। ଭାରତର ଆର୍ଥିକ ସ୍ଥିତି ସୁଦୃଢ଼ ରହିଛି। ସ୍ଥିର ବିକାଶ, ନିୟନ୍ତ୍ରିତ ମୁଦ୍ରାସ୍ଫିତି ଏବଂ ନିୟନ୍ତ୍ରିତ ଚଳନ୍ତ ଖାତା ନିଅଣ୍ଟ ସୁଦୃଢ଼ ସାମଗ୍ରିକ ଆର୍ଥିକ ଆଧାରକୁ ପ୍ରତିଫଳିତ କରୁଛି। ଆର୍ଥିକ ଶୃଙ୍ଖଳା, ଗ୍ରାମୀଣ ଚାହିଦା ଏବଂ ଢାଞ୍ଚାଗତ ସଂସ୍କାର ଉପରେ ନିରନ୍ତର ଧ୍ୟାନ ଦିଆଯିବା ଫଳରେ ବିକାଶ ହାରକୁ ବଜାୟ ରଖାଯାଇପାରିଛି। ବିଶ୍ୱ ବାଣିଜ୍ୟ ଅନିଶ୍ଚିତତା ଏବଂ ଅଭିବୃଦ୍ଧି ମନ୍ଥର ହେବା ମଧ୍ୟରେ, ଭାରତର ସ୍ଥିରତା ଏହାକୁ ୨୦୨୫ ଏବଂ ପରବର୍ତ୍ତୀ ସମୟରେ ବିଶ୍ୱ ଆର୍ଥିକ ପ୍ରସାରର ଏକ ପ୍ରମୁଖ ବାହକ ଭାବରେ ସ୍ଥାନିତ କରୁଛି।

## ବିଶ୍ୱର ତୃତୀୟ ଶକ୍ତିଶାଳୀ ଭାରତୀୟ ବାୟୁସେନା



**ନୂଆଦିଲ୍ଲୀ :** ଭାରତୀୟ ବାୟୁସେନା ବିଶ୍ୱର ତୃତୀୟ ସବୁଠାରୁ ଶକ୍ତିଶାଳୀ ବାୟୁସେନା ପାଲଟିଛି। ବିଶ୍ୱ ଆଧୁନିକ ସାମରିକ ବିମାନ ନିର୍ଦ୍ଦେଶିକା ଦ୍ୱାରା ପ୍ରକାଶିତ ସର୍ବଶେଷ ରାଙ୍କିଙ୍ଗରେ, ଭାରତୀୟ ବାୟୁସେନା ଚାଇନାକୁ ପଛରେ ପକାଇ ଦେଇଛି। ପ୍ରଥମ ସ୍ଥାନରେ ଯୁକ୍ତରାଷ୍ଟ୍ର ଆମେରୀକା, ଦ୍ୱିତୀୟ ସ୍ଥାନରେ ରୁଷିଆ ଏବଂ ତୃତୀୟ ସ୍ଥାନରେ ଭାରତ ରହିଛି। ଯଦିଓ ଚାଇନା ଭାରତ ତୁଳନାରେ ଅଧିକ ସାମରିକ ବିମାନ ରଖିଛି, ତଥାପି ବିଶ୍ୱ ଆଧୁନିକ ସାମରିକ ବିମାନ ନିର୍ଦ୍ଦେଶିକା ରାଙ୍କିଙ୍ଗ ବାୟୁସେନାର ଲକ୍ଷ୍ୟଭେଦି କ୍ଷମତା ଉପରେ ଆଧାରିତ। ବିଶ୍ୱର ବିଭିନ୍ନ ବାୟୁସେନାର ମୋଟ ଯୁଦ୍ଧ ଶକ୍ତି ସହିତ ଜଡିତ ମୂଲ୍ୟାଙ୍କନ ପାଇଁ ଏକ ସୂତ୍ର ବ୍ୟବହାର କରେ। ଏହି ସୂତ୍ର 'ଟ୍ରୁ ମୂଲ୍ୟାଙ୍କନ' (ଟିଭିଆର), ବାୟୁସେନା ଆଧୁନିକୀକରଣ, ଲଜିଷ୍ଟିକ ସମର୍ଥନ, ଆକ୍ରମଣାତ୍ମକ ଏବଂ ପ୍ରତିରକ୍ଷା କ୍ଷମତା ଇତ୍ୟାଦି ଉପରେ ଆଧାରିତ। ଏକ ଦେଶର ବାୟୁସେନାର ଶକ୍ତି କେବଳ ବିମାନର ମୋଟ ସଂଖ୍ୟା ଉପରେ ଆଧାରିତ ନୁହେଁ, ବରଂ ଏହାର ଇନଭେଣ୍ଟରୀର ଗୁଣବତ୍ତା ଏବଂ ସାମଗ୍ରିକ ମିଶ୍ରଣ ଉପରେ ମଧ୍ୟ ମୂଲ୍ୟାଙ୍କନ କରାଯାଏ। ପ୍ରାୟତଃ ଅଣଦେଖା କରାଯାଉଥିବା ବର୍ଗ ଯେପରିକି ସ୍ୱତନ୍ତ୍ର-ମିଶନ, ବୋମା ବିସ୍ଫୋରଣକାରୀ ଶକ୍ତି, ସିଏଏସ୍, ତାଲିମ ଏବଂ ଅର୍ଡର ୟୁନିଟଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହା ସହିତ, ସ୍ଥାନୀୟ ବିମାନ ଶିଳ୍ପ କ୍ଷମତା, ଇନଭେଣ୍ଟରୀ ସନ୍ତୁଳନ ଏବଂ ବାୟୁସେନା ଅଭିଜ୍ଞତାକୁ ମଧ୍ୟ ବିଚାର କରାଯାଏ। ଆମେରିକା ବାୟୁସେନାର ସର୍ବାଧିକ ହାସଲଯୋଗ୍ୟ ଟିଭିଆର ସ୍କୋର ୨୪୨.୯। ୟୁଏସ୍ଏଏଫ୍ ବିଭିନ୍ନ ପ୍ରକାରର ବିମାନ ସହିତ ଏକ ଦୃଢ଼ ସାମଗ୍ରିକ ଶକ୍ତି ଗର୍ବ କରେ। ଆମେରିକାର ବିଶାଳ ଶିଳ୍ପ ଭିତ୍ତିଭୂମି ଯୋଗୁ, ଏହାର ଅନେକ ଉତ୍ପାଦ ସ୍ଥାନୀୟ ଭାବରେ ନିର୍ମିତ ହୁଏ।

**ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ମୋଦୀ ସରକାରଙ୍କ ବଡ଼ ପଦକ୍ଷେପ**

# ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ଏବେ କେବଳ ୩



**ନୂଆଦିଲ୍ଲୀ, (ପିଆଇବି):** ମୋଦୀ ସରକାରଙ୍କ ନକ୍ସଲ ମୁକ୍ତ ଭାରତ ନିର୍ମାଣ ଲକ୍ଷ୍ୟ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୬ରୁ ୩କୁ ହ୍ରାସ ପାଇଛି। ବର୍ତ୍ତମାନ କେବଳ ଛତିଶଗଡ଼ର ବିଜାପୁର, ସୁକମା ଏବଂ ନାରାୟଣପୁର ବାମପନ୍ଥୀ ଉଗ୍ରବାଦ (ଏଲ. ଡବ୍ଲ୍ୟୁ. ଇ.) ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲା। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲା ବର୍ଗରେ ମଧ୍ୟ ଏହି ସଂଖ୍ୟାକୁ ୧୮ ରୁ ୧୧କୁ ହ୍ରାସ କରାଯାଇଛି। ବର୍ତ୍ତମାନ କେବଳ ୧୧ଟି ଜିଲ୍ଲା ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ। ମୋଦୀ ସରକାର ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନକ୍ସଲ ବିପଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ପରିଚାଳନାଗତ ସଫଳତା ଚଳିତ ବର୍ଷ ସମସ୍ତ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି, ଯେଉଁଥିରେ ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ ଏବଂ ଅନ୍ୟ ୮ ଜଣ ପଲିଟବ୍ୟୁରୋ/କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ସମେତ ୩୧୨ ଜଣ ବାମପନ୍ଥୀ ଉଗ୍ରବାଦୀ କ୍ୟାଡରଙ୍କୁ ନିପାତ କରି ଦିଆଯାଇଛି। ୮୩୬ ଜଣ ଏଲ୍.ଡବ୍ଲ୍ୟୁ.ଇ. କର୍ମୀଙ୍କୁ ଗିରଫ କରାଯାଇଛି ଏବଂ ୧,୬୩୯ ଜଣ ଆତ୍ମସମର୍ପଣ କରି ମୁଖ୍ୟଧାରାରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ ଜଣେ ପଲିଟ୍ ବ୍ୟୁରୋର ସଦସ୍ୟ ଏବଂ ଜଣେ କେନ୍ଦ୍ରୀୟ କମିଟିର ସଦସ୍ୟ ଅଛନ୍ତି। ମୋଦୀ ସରକାରଙ୍କ ଅଧୀନରେ, ଜାତୀୟ କାର୍ଯ୍ୟ ଯୋଜନା ଏବଂ ନୀତିର କଠୋର କାର୍ଯ୍ୟକାରିତା ମାଧ୍ୟମରେ ନକ୍ସଲ ବିପଦର ମୁକାବିଲା କରିବାରେ ଅଭୂତପୂର୍ବ ସଫଳତା ହାସଲ କରାଯାଇଛି, ଯାହା ଏକ ବହୁମୁଖୀ ଆଭିମୁଖ୍ୟର ପରିକଳ୍ପନା କରିଛି। ଜାତୀୟ କାର୍ଯ୍ୟ ଯୋଜନା ଏବଂ ନୀତିରେ ସଠିକ୍ ଗୁଇନ୍ଦା ଆଧାରିତ ଏବଂ ଲୋକ ଅନୁକୂଳ ବାମପନ୍ଥୀ ଉଗ୍ରବାଦ (ଏଲ.ଡବ୍ଲ୍ୟୁ.ଇ.) ମୁକାବିଲା କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପଗୁଡ଼ିକ ସହିତ ସୁରକ୍ଷା ଶୂନ୍ୟ ଥିବା ଅଞ୍ଚଳକୁ ତ୍ୱରାନ୍ୱିତ କରିବା, ଶୀର୍ଷ ନେତା ତଥା ତୃଣମୂଳ କର୍ମୀଙ୍କୁ ଟାର୍ଗେଟ କରିବା, ଘୃଣ୍ୟ ବିଚାରଧାରାର ମୁକାବିଲା କରିବା, ଭିତ୍ତିଭୂମିର ଦ୍ରୁତ ବିକାଶ ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକର ପରିପୂର୍ଣ୍ଣତା, ଆର୍ଥିକ ଅବରୋଧ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଏବଂ ମାଓବାଦୀ ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରାନ୍ୱିତ ଅନୁସନ୍ଧାନ ଏବଂ ବିଚାର କରାଯାଇଥିଲା। ଏକଦା ୨୦୧୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭାରତର 'ସବୁଠାରୁ ବଡ଼ ଆଭ୍ୟନ୍ତରୀଣ ସୁରକ୍ଷା ଆହ୍ୱାନ' ବୋଲି କୁହାଯାଉଥିବା ନକ୍ସଲବାଦ ଏବେ ପ୍ରତ୍ୟାବର୍ତ୍ତନ କରୁଛି। ନେପାଳର ପଶୁପତି ଠାରୁ ଆନ୍ଧ୍ରପ୍ରଦେଶର ତିରୁପତି ପର୍ଯ୍ୟନ୍ତ ଏକ ରେଡ୍ କରିଡର ନିର୍ମାଣ କରିବା ପାଇଁ ନକ୍ସଲମାନେ ଯୋଜନା କରିଥିଲେ। ୨୦୧୩ ରେ, ବିଭିନ୍ନ ରାଜ୍ୟର ୧୨୬ ଟି ଜିଲ୍ଲା ନକ୍ସଲ ସମ୍ବନ୍ଧୀୟ ହିଂସା ରିପୋର୍ଟ କରିଥିଲେ; ମାର୍ଚ୍ଚ ୨୦୨୫ ସୁଦ୍ଧା, ଏହି ସଂଖ୍ୟା ମାତ୍ର ୧୮ ଟି ଜିଲ୍ଲାକୁ ଖସି ଆସିଥିଲା, ଯେଉଁଥିରେ କେବଳ ୬ ଟି 'ସର୍ବାଧିକ ପ୍ରଭାବିତ ଜିଲ୍ଲା' ଭାବରେ ବର୍ଗୀକୃତ ହୋଇଥିଲା।

୩
ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୦ ଅକ୍ଟୋବର - ୨୬ ଅକ୍ଟୋବର, ୨୦୨୫
ପରିକ୍ରମା

## ଐତିହାସିକ କଟକ ବାଲିଯାତ୍ରା ୨୦୨୫ ଥିମ୍ ରହିବ 'ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ'



**କଟକ :** ଐତିହାସିକ କଟକ ବାଲିଯାତ୍ରା ୨୦୨୫ ରେ କଟକ-ଇନ୍-କଟକର ଥିମ୍ ରହିବ 'ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ'। ବର୍ତ୍ତମାନ ସୁଦ୍ଧା ଚାରିଜଣ ବଲିଉଡ୍ କଳାକାରଙ୍କ ସାଙ୍ଗରେ ଯୋଗାଯୋଗ ହୋଇସାରିଛି। ସେମାନେ ହେଲେ ଶ୍ରେୟା ଘୋଷାଲ୍, ହର୍ଷଦୀପ ସିଂ, ହମ୍ ସୁଫି ବ୍ୟାଣ୍ଡ, ରିଷି। ଓଲିଉଡର ୧୪ ଜଣ କଳାକାରଙ୍କ ସହ ଚୁକ୍ତିନାମା ସରିଛି। ଏଥର ଉଭୟ ମଞ୍ଚରେ ଦର୍ଶକ ଦେଖି ପାରିବେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ଚାରୋଟି ପ୍ରବେଶ ପଥ ଥିବାବେଳେ ପ୍ରସ୍ଥାନ ପାଇଁ ୯ଟି ସ୍ଥାନ ସ୍ଥିର କରାଯାଇଛି। ଜରୁରୀକାଳୀନ ପ୍ରସ୍ଥାନ ରହିବ ବୋଲି ସୂଚନା ଦେଇଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ୍ ସିନ୍ଧେ।

**ଭୁବନେଶ୍ୱରରେ ଆଇସିଏଆର-ସିଆଇଡବ୍ଲୁଏ ଦ୍ୱାରା ରାଷ୍ଟ୍ରୀୟ ମହିଳା କିଷାନ ଦିବସ ପାଳିତ**

# ସମୃଦ୍ଧ ରାଷ୍ଟ୍ର ପାଇଁ ମହିଳା କୃଷକଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,(ପିଆଇବି):** ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଭୁବନେଶ୍ୱର ଦ୍ୱାରା, "ସମୃଦ୍ଧ ରାଷ୍ଟ୍ର ପାଇଁ ମହିଳା କୃଷକଙ୍କୁ ସଶକ୍ତ କରିବା" ବିଷୟବସ୍ତୁ ସହିତ ରାଷ୍ଟ୍ରୀୟ ମହିଳା କିଷାନ ଦିବସ ପାଳିତ ହୋଇଛି। ଏହି ଅବସରରେ ମାନ୍ୟବର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଭାସୀ ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରି, ଭାରତର ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବାରେ ମହିଳା କୃଷକଙ୍କ ଭୂମିକାକୁ ଉଚ୍ଚ ସ୍ଥାନରେ ରଖିଥିଲେ। ସେ କହିଥିଲେ, "ମହିଳାମାନେ କେବଳ କୃଷକ ନୁହଁନ୍ତି, ସେମାନେ ଆମ ଦେଶର ଆତ୍ମନିର୍ଭର କୃଷିର ଆଦର୍ଶ।" ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡକ୍ଟର ମୃଦୁଳା ଦେବୀ ସମାରୋହରେ ସମ୍ମାନିତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି, ଆଇସିଏଆର-ସିଆଇଡବ୍ଲୁଏର ଲିଙ୍ଗ ସମାବେଶୀ ପ୍ରଯୁକ୍ତିବିଦ୍ୟା, ଜୀବିକା ମଡେଲ ବିକାଶ ଏବଂ ମହିଳା କୃଷକମାନଙ୍କ କ୍ଷମତା ନିର୍ମାଣରେ ଅବଦାନ ଉପରେ ଆଲୋକପାତ କରିଥିଲେ। ଡକ୍ଟର ରାଜବୀର ସିଂହ, ଉପ-ମହାନିର୍ଦ୍ଦେଶକ (କୃଷି ସମ୍ପ୍ରସାରଣ), ଆଇସିଏଆର, ତାଙ୍କ ଭାଷଣରେ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ପାଇଁ ବିଜ୍ଞାନ ଆଧାରିତ ପଦକ୍ଷେପର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ କହିଥିଲେ ଯେ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ମହିଳାମାନଙ୍କ ସହଭାଗିତା ଦେଶର ଆର୍ଥିକ ସୁସ୍ଥିତିରେ ମୂଳଭୂମିକା ନିଭାଉଛି। ଏହି କାର୍ଯ୍ୟକ୍ରମରେ ଆଇସିଏଆରର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ଡ଼. ବିମଲେଶ ମାନ ଏବଂ ଭାରତର 'ମିଲେଟ୍ ରାଣୀ' ଶ୍ରୀମତୀ ରାଇମତୀ ଘିଉରିଆ ମଧ୍ୟ ଉପସ୍ଥିତ ହୋଇ, ମହିଳା ଚାଷୀଙ୍କ



ନବସୃଜନ ଓ ସଫଳତାର ଅନୁଭବ ବାଣ୍ଟିଥିଲେ। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ମହିଳା କୃଷକ କୃତିତ୍ୱ ହାସଲକାରୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଜ୍ଞାନିକ ଭିତ୍ତିରେ ଫସଲ ଉତ୍ପାଦନ ଏବଂ ପଶୁପାଳନ ଅଭ୍ୟାସ, ପ୍ରାକୃତିକ କୃଷିର ନୀତି ଏବଂ ଅଭ୍ୟାସ, କୃଷକମାନଙ୍କୁ ଜିଏସଟି ହ୍ରାସ ଲାଭ ଏବଂ କୃଷକଙ୍କ କଲ୍ୟାଣ ପାଇଁ ଯୋଜନା ଭଳି ପ୍ରମୁଖ ବିଷୟଗୁଡ଼ିକ ଉପରେ ଏକ ବୈଜ୍ଞାନିକ-କୃଷକ ପାରସ୍ପରିକ ଆଲୋଚନା ହୋଇଥିଲା। ସମାରୋହର ଆକର୍ଷଣ ଥିଲା, "କୃଷିରେ ମହିଳା ଶକ୍ତି" ବିଷୟରେ ଆୟୋଜିତ ଏକ ବିଶେଷ ପ୍ରଦର୍ଶନୀ, ଯେଉଁଠି ମହିଳା ନେତୃତ୍ୱାଧୀନ କୃଷି ଉଦ୍ୟୋଗ, ନବସୃଜନଶୀଳ ମହିଳା ଅନୁକୂଳ ଉପକରଣ ଏବଂ ଆଇସିଏଆର-ସିଆଇଡବ୍ଲୁଏ ଦ୍ୱାରା ବିକଶିତ ଲିଙ୍ଗ-ଅନୁକୂଳ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶିତ ହୋଇଥିଲା। ଏହି ଉତ୍ସବରେ ପ୍ରାୟ ୨୫୦ରୁ ଅଧିକ ମହିଳା କୃଷକ, ଉଦ୍ୟୋଗୀ, ଏଫପିଓ ଓ ଏସଏଚଜି ସଦସ୍ୟ, ସହିତ ଛାତ୍ର, ଜନପ୍ରତିନିଧି ଓ ପ୍ରତିଷ୍ଠାନର ବୈଜ୍ଞାନିକ ଓ କର୍ମଚାରୀମାନେ ଉତ୍ସାହିତ ଅଂଶଗ୍ରହଣ କରିଥିଲେ। ଏହି ଅବସର ମହିଳା କୃଷକଙ୍କ ଅବଦାନକୁ ସ୍ୱୀକୃତି ଦେବା ସହିତ ତାଙ୍କ ସଶକ୍ତିକରଣ ପାଇଁ ଏକ ନୂତନ ପ୍ରେରଣା ସୃଷ୍ଟି କରିଥିଲା।

## ଫେବୃଆରୀ ୧୫ ରୁ ୨୫ ମଧ୍ୟରେ +୨ ପରୀକ୍ଷା

**ଭୁବନେଶ୍ୱର :** ଯୁକ୍ତ ଦୁଇ ପଢୁଥିବା ଛାତ୍ରାଛାତ୍ରୀମାନଙ୍କ ଘୋଷଣା ହେଲା ପରୀକ୍ଷା ତାରିଖ। ଆସନ୍ତା ଫେବୃଆରି ମାସରେ ହେବ ଯୁକ୍ତ ଦୁଇ ପରୀକ୍ଷା। ଫେବୃଆରି ମାସ ୧୫ ତାରିଖରୁ ୨୫ ତାରିଖ ଭିତରେ ଯୁକ୍ତ ଦୁଇ ପରୀକ୍ଷା ହେବ। ଏଥିପାଇଁ ଡିସେମ୍ବର ୧୫ ସୁଦ୍ଧା ମିଳିବ ଆଡମିଟ୍ କାର୍ଡ। ମିଳିଥିବା ସୂଚନା ମୁତାବକ, ଇଣ୍ଟରନାଲ ପରୀକ୍ଷା ଡିସେମ୍ବର ୨୨ରୁ ୩୧ ଭିତରେ ହେବ। ଯେଉଁମାନେ ଏହି ସମୟରେ ଇଣ୍ଟରନାଲ ଦେଇପାରିବେ ନାହିଁ, ସେମାନେ ଜାନୁଆରି ୧୦ରୁ ୧୫ ତାରିଖ ଭିତରେ ଇଣ୍ଟରନାଲ ପରୀକ୍ଷା ଦେବା ପାଇଁ ଆଉ ଏକ ସୁଯୋଗ ପାଇବେ। ଏଣେ ଜାନୁଆରି ୨ରୁ ୧୫ ତାରିଖ ଯାଏଁ ହେବ ପ୍ରାକ୍ଟିକାଲ ପରୀକ୍ଷା। ଏକ୍ସ ରେଗୁଲାର ଫର୍ମ ଫିଲଅପ



ଅକ୍ଟୋବର ୧୩ରୁ ନଭେମ୍ବର ୨୨ ତାରିଖ ଯାଏଁ ଚାଲିବ। ସେହିପରି ଆସନ୍ତା ଅକ୍ଟୋବର ୨୦ରୁ ନଭେମ୍ବର ୨୨ ତାରିଖ ଯାଏ ରେଗୁଲାର ପିଲାଙ୍କ ଫର୍ମ ଫିଲଅପ ଚାଲିବ। ନଭେମ୍ବର ୨୯ ସୁଦ୍ଧା ପରୀକ୍ଷା ସେଣ୍ଟରରେ ଲାଗିବ ସିସିଟିଭି କ୍ୟାମେରା। ଏଥର ନୂଆ ୮୯ଟି ପରୀକ୍ଷା ସେଣ୍ଟର ଅପଗ୍ରେଡ ସ୍କୁଲରେ ହେବ। ସମୁଦାୟ ୧୩୪୯ ସେଣ୍ଟରରେ ହେବ ଯୁକ୍ତ ଦୁଇ ପରୀକ୍ଷା। ଏଥର ନୂଆ କରି ପ୍ରୋଭିଜନାଲ ସାର୍ଟିଫିକେଟକୁ ଡିଜିଟାଲ କରାଯିବ।

## ସବ୍‌ସିଡି ପାଇଥିବା ରାଜ୍ୟର ୨,୯୦୯ ଶିଳ୍ପର ପତ୍ତା ମିଳୁନି

**ଭୁବନେଶ୍ୱର :** ଦେଶରେ ଯୁବବର୍ଗଙ୍କୁ ଉଦ୍ୟୋଗପତି କରିବା ଲକ୍ଷ୍ୟନେଇ ୨୦୦୮ରେ ପ୍ରଧାନମନ୍ତ୍ରୀ ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ (ପିଏମ୍ଇଜିପି) କାର୍ଯ୍ୟକାରୀ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା, ଗ୍ରାମାଞ୍ଚଳରୁ ଆରମ୍ଭକରି ସହରାଞ୍ଚଳ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ସହ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା। ହେଲେ ଏହି ଯୋଜନା ଓଡ଼ିଶାରେ ବାଟବଣା ହେଲାଭଳି ପରିଲକ୍ଷିତ ହେଉଛି। ରାଜ୍ୟରେ ଅନେକ ଯୁବୋଦ୍ୟୋଗୀ ଶିଳ୍ପ କରିବା ନାଁରେ ବ୍ୟାଙ୍କରୁ ଲୋନ୍ ଏବଂ ଏବାବଦରେ ସରକାରୀ ସବ୍‌ସିଡି ନେଇଛନ୍ତି, ମାତ୍ର ସେମାନଙ୍କର କୌଣସି ନାଁ ଗନ୍ଧ ନାହିଁ। ଏ ନେଇ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ଅଧୀନ ଖଦି ଆଣ୍ଡ୍ ଭିଲେଜ୍ ଇଣ୍ଡଷ୍ଟ୍ରି କମିଶନ (କେଭିଆଇସି) କାର୍ଯ୍ୟାଳୟ ପକ୍ଷରୁ ଖୋଳତାଡ଼ କରାଯାଉଛି। ରାଜ୍ୟରେ ୨୯୦୯ଟି ଶିଳ୍ପ ୟୁନିଟ୍ କୌଣସି ପତ୍ତା ମିଳୁ ନ ଥିବାରୁ ଗତ ୮ ତାରିଖରେ କେଭିଆଇସି କମିଶନଙ୍କ ପକ୍ଷରୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ସମେତ ୧୭ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ରାଜ୍ୟସ୍ତରୀୟ ତଦାରଖ କମିଟି (ଏସ୍ଏଲ୍ଏମ୍ସି)ର ରିପୋର୍ଟକୁ ଆଧାରକରି କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ଆରବିଆଇ ସମେତ ନାବାର୍ଡ ସିଜିଏମ୍, ଜୋନାଲ ଡେପୁଟି ସିଇଓ-କୋଲ୍କାତା, ଏସ୍ଏଲ୍ବିସି ମହାପ୍ରବନ୍ଧକ, ଓଡ଼ିଶା ଖଦି ବୋର୍ଡ ସଚିବ ଏବଂ ୬ଟି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପତ୍ରରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୭ ହଜାର ୧୮୨ଟି ୟୁନିଟ୍ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୨୯୦୯ଟିର କୌଣସି ଚିହ୍ନବର୍ଣ୍ଣ ନାହିଁ, ଯାହାକି ଯାଞ୍ଚ ହୋଇଥିବା ୟୁନିଟ୍ ୪୦.୫ ପ୍ରତିଶତ। ଏହାକୁ ନେଇ ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ ଧରପଗଡ଼ ଜୋରଦାର କରାଯାଇଛି। ତୁରନ୍ତ ଉକ୍ତ ୟୁନିଟ୍ ଗୁଡ଼ିକୁ ଖୋଜି ବାହାର କରିବା ପାଇଁ ଏମ୍ଏସ୍ଏମ୍ଇ ବିଭାଗ ସଚିବ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକର ସୂଚନା ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ୫ ସୁଦ୍ଧା ରାଜ୍ୟରେ ୧୧ ହଜାର ୪୨୦ ୟୁନିଟ୍ ରହିଛି। ସେଥିମଧ୍ୟରୁ ୭ ହଜାର ୨୩୩ ୟୁନିଟ୍ ଯାଞ୍ଚ କରାଯାଇଥିଲା। ହେଲେ ଏଥିମଧ୍ୟରୁ ୨୯୦୯ଟି ବୃହତ୍ ୟୁନିଟ୍ କୌଣସି ପତ୍ତା ମିଳୁନାହିଁ। ବୈଠକର ସୂଚନା ଅନୁଯାୟୀ, ମାଲକାନଗିରି ଓ ବରଗଡ଼ ଜିଲାରେ ପିଏମ୍ଇଜିପି ଠିକଣା ଭାବେ କାର୍ଯ୍ୟକାରୀ ହେଉଛି। ଏହି ଦୁଇ ଜିଲାରେ ପ୍ରାୟ ୯୦ପ୍ରତିଶତ ୟୁନିଟ୍ ଭଲ ପ୍ରଦର୍ଶନ କରୁଛନ୍ତି। ସରକାରୀ ରିହାତି ପାଇ ଉଦ୍ୟୋଗକୁ ଠିକଣା ଭାବେ କାର୍ଯ୍ୟକାରୀ କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଯୋଗାଇ ଦେଉଛନ୍ତି। ମାତ୍ର ଯାଜପୁର, ମୟୂରଭଞ୍ଜ, ଝାରସୁଗୁଡ଼ା ଭଳି ଜିଲାରେ ପିଏମ୍ଇଜିପି କାର୍ଯ୍ୟକାରିତାରେ ପଛରେ ରହିଛି। ଏହି ଜିଲାଗୁଡ଼ିକରେ ୫୦ପ୍ରତିଶତ ୟୁନିଟ୍ ମଧ୍ୟ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବୈଠକରେ କେଭିଆଇସି ପକ୍ଷରୁ ଅବଗତ କରାଯାଇଥିଲା ଯେ, ଇତିମଧ୍ୟରେ ସରକାରୀ ରିହାତି ବାବଦ ୫୩.୧୪ କୋଟି ଟଙ୍କା ୧୯୮୧ଟି ୟୁନିଟ୍‌କୁ ଯୋଗାଇ ଦିଆଯାଇଛି। ଚଳିତବର୍ଷ ରାଜ୍ୟରେ ପିଏମ୍ଇଜିପିରେ ୫ ହଜାର ପ୍ରକଳ୍ପ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ୧୮୬ କୋଟି ଟଙ୍କାର ରିହାତି ଦେବାକୁ ବୈଠକରେ ସ୍ଥିର ହୋଇଛି।

**ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରକଳ୍ପ**

# ସାନଘାଗରାରେ ହେବ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ବିଷୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି। ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡ଼ିଶାର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରା ଠାରେ ପ୍ରାୟ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ। ଉକ୍ତ ବୈଠକରୁ ଜଣା ପଡିଛି ଯେ, ଏହି କେନ୍ଦ୍ର, ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଣ୍ଟର, ଇକୋ-ଟୁରିଜିମ ଏବଂ ଗବେଷଣା ଓ ଶିକ୍ଷାର ବିକାଶ ପାଇଁ ନିର୍ମାଣ କରାଯିବ। ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଏବଂ ଥିମାଟିକ ଗାର୍ଡେନର ଅନୁଭୂତି ପ୍ରଦାନ କରିବ। ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ଼ ଉପଲବ୍ଧ ହେବା



ସହିତ ଗୋଲାପ, ବାଉଁଶ, କାକଟସ, ଜଙ୍ଗଲୀ ଫଳ ଇତ୍ୟାଦି ମଧ୍ୟ ସ୍ଥାନିତ ହୋଇ ଅଞ୍ଚଳର ଶୋଭା ମଣ୍ଡନ କରିବ। ଏହି ଅଞ୍ଚଳକୁ ବିଶେଷ ପର୍ଯ୍ୟଟନ ସ୍ଥଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷ ତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅଞ୍ଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ଏହାର ଉଚିତ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଡିପ୍ ଟ୍ରେଞ୍ଚସ ଦ୍ୱାରା ମଣିଷ-ହାତୀଙ୍କର ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଥିଲେ। ଏହି ନୂତନ ନିର୍ମାଣ ଯୋଗୁଁ ସେହି ସ୍ଥାନ ଦେଇ ବହି ଯାଉଥିବା ମାଛକାନ୍ଦଣା ନଦୀର ଜଳ ଯେପରି ସବୁବେଳେ ଭରପୁର ରୁହେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି କେନ୍ଦ୍ରରେ ଅର୍କିଡ୍ ସଂରକ୍ଷଣ ଏବଂ ପ୍ରଦର୍ଶନ କେନ୍ଦ୍ର, ପଦ୍ମ ଉଦ୍ୟାନ, ଜଙ୍ଗଲୀ ଖାଦ୍ୟଯୋଗ୍ୟ ଫଳ ଉଦ୍ୟାନ, ଫର୍ଣ୍ଣ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, ଫୁଲ ବଜାର, ଛୋଟ ପିଲାଙ୍କ ଖେଳ ସ୍ଥାନନିର୍ମାଣ ହେବା ସହିତ ସମସ୍ତ ଆସବାବପତ୍ର ପାଇଁ ସ୍ଥାନୀୟ ପଥର ଏବଂ କାଠର ବ୍ୟବହାର କରାଯିବ। ଏହି ନିର୍ମାଣ କାର୍ଯ୍ୟ ୨୦୨୭ ସୁଦ୍ଧା ସମାପ୍ତ ହେବ ବୋଲି ଆଲୋଚନାରୁ ଜଣାପଡିଛି। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଆଭାସୀ ମାଧ୍ୟମରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଓ କେନ୍ଦୁଝର ଉରଙ୍ଗ ଧନରାଜ ହନୁମନ୍ତ ଧାମଡେରେ ପ୍ରମୁଖ ଉପସ୍ଥିତ ଥିଲେ।

## କେବେ କାର୍ଯ୍ୟକାରୀ ହେବ ଲେନ୍ ଡ୍ରାଇଭିଂ !

**ଭୁବନେଶ୍ୱର :** ଜାତୀୟ ରାଜପଥ-୧୬ର ବାଲିକୁଦାଠାରୁ ପଳାଶୁଣି ପର୍ଯ୍ୟନ୍ତ ଲେନ୍ ଡ୍ରାଇଭିଂ ହେବ। ଧାଡ଼ିରେ ଗାଡ଼ି ଚାଲିବ। ୨୦୨୦ରେ କଟକ ପରିବହନ ଅଧିକାରୀ, ଏନ୍ଏଚ୍ଏଆଇର ଯୋଜନା ସଦସ୍ୟ, କମିସନରେଟ ପୁଲିସର ଭୁବନେଶ୍ୱର ଓ କଟକ ଟ୍ରାଫିକ୍ ଅଧିକାରୀ ଏଥିପାଇଁ ମିଳିତ ଅନୁଧ୍ୟାନ କରିଥିଲେ। ରିପୋର୍ଟ ଦାଖଲର ୩ ବର୍ଷ ପରେ ରାଜ୍ୟ ସରକାର ୨୦୨୩ ଜୁଲାଇ ୧୫ ତାରିଖ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ସରକାରୀ ନିର୍ଦ୍ଦେଶ ପରେ କିପରି ଧାଡ଼ି ଚାଳନା ହେବ ସେନେଇ କମିସନରେଟ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ହେଲେ ଜାତୀୟ ରାଜପଥର ଅଧାପନ୍ତରିଆ କାମ ବାଧକ ସାଜିଥିଲା। ରାସ୍ତା କାମ ସରିଛି। ଲେନ୍ ଡ୍ରାଇଭିଂ ଯୋଜନାକୁ ସବୁ ବିଭାଗ ଭୁଲି ଯାଇଛନ୍ତି। ଦୁର୍ଘଟଣା ରୋକିବା ପାଇଁ ଧାଡ଼ି ଚାଳନା ଫଳପ୍ରଦ ହେବ ବୋଲି ଆକଳନ କରାଯାଇଥିଲା। ଏହାକୁ ସରକାରଙ୍କ ପକ୍ଷରୁ 'ମାନବ ଜୀବନ ବଞ୍ଚାଇବା ପାଇଁ ବୈଦ୍ୟୁତିକ କାର୍ଯ୍ୟକାରିତାର ବିକାଶ' (ଦେସା) ପ୍ରକଳ୍ପ ନାମରେ ନାମିତ କରାଯାଇଛି। ୬ ଲେନ୍ ରାସ୍ତା ବା ଗୋଟିଏ ପାର୍ଶ୍ୱ ୩ ଲେନ୍ ଥିବା ସ୍ଥଳରେ ଧାଡି ଚାଳନା ହୋଇପାରିବ। ୩ଟି ଧାଡ଼ିରେ ଗାଡ଼ି ଚାଲିବ। ରାସ୍ତାର ବାମ ପାର୍ଶ୍ୱକୁ ପ୍ରଥମ ଧାଡିରେ ୪୦ କିଲୋମିଟର ବେଗରେ ଗାଡ଼ି ଗଡ଼ିବ। ତା' ପର ଧାଡ଼ିରେ ୬୦ ବେଗରୁ ଅଧିକ ବେଗରେ ଗାଡ଼ି ଚାଲିପାରିବ ନାହିଁ। ତୃତୀୟ ଧାଡ଼ିରେ ଅଧିକ ବେଗରେ ଗାଡ଼ି ଚାଲିପାରିବ। ଚିହ୍ନଟ ରାସ୍ତାରେ ଥର୍ମୋ ପ୍ଲାଷ୍ଟିକ ରଙ୍ଗ ଲେପନ କରାଯିବ। ମୋଟରଯାନ ଆଇନ ପ୍ରଥମ ଅନୁଚ୍ଛେଦ-୨୦୧୯ ଅନୁଯାୟୀ ସାଇନେଜ୍ ଲାଗିବ। ଅମାନିଆ ଗାଡ଼ି ଚାଳକଙ୍କୁ ନଜର ରଖିବା ପାଇଁ ଏକାଧିକ ସ୍ଥାନରେ ଚିତ୍ର ଉତ୍ତୋଳନକାରୀ ଯନ୍ତ୍ର (ସିସିଟିଭି) ଲାଗିବ। ଆଇନ ଉଲ୍ଲଙ୍ଘନକାରୀଙ୍କୁ ସିସିଟିଭି ଜଗିବ। ଉତ୍ତୋଳନ ଫଟୋରୁ ସମ୍ପୃକ୍ତ ଅମାନିଆ ଚାଳକଙ୍କୁ ଜୋରିମାନା କରାଯିବ। ଏହାଦ୍ୱାରା ଦୁର୍ଘଟଣା କମିବ ବୋଲି ସର୍ବେକ୍ଷଣରୁ ଜଣାପଡ଼ିଛି। ଦ୍ୱୈତନଗରୀରେ ଟ୍ରାଫିକ୍ ପରିଚାଳନା ମୁଖ୍ୟ ସମସ୍ୟା ହୋଇଛି। ରାତି ପାହିଲେ ରାସ୍ତା ରକ୍ତ ରଞ୍ଜିତ ହେଉଛି। ଅଚିରେ ବହୁ ମୂଲ୍ୟବାନ ଜୀବନ ଟଳି ପଡୁଛି। ଦୁର୍ଘଟଣା ରୋକିବା ଓ ଲୋକଙ୍କ ଜୀବନ ରକ୍ଷା ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ସଡ଼କ ସୁରକ୍ଷା କମିଟି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅଧୀନରେ କାର୍ଯ୍ୟ କରୁଛି। ଯେତେ ସଚେତନ କଲେ ମଧ୍ୟ ଦୁର୍ଘଟଣା କମିବା ନାଁ ଧରୁନି। ଦୁର୍ଘଟଣା ହ୍ରାସ ପାଇଁ ଲେନ୍ ଡ୍ରାଇଭିଂ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ଯୋଜନା ଏବେ ଫାଇଲ ଭିତରେ ରହିଯାଇଛି। ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ ଉପରେ ଦୋଷ ଲଦି ଦିଆଯାଉଥିଲା। ଏବେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇସାରିଛି। ହେଲେ ସବୁ ବିଭାଗ ଲେନ୍ ଡ୍ରାଇଭିଂ ବ୍ୟବସ୍ଥାକୁ ଭୁଲି ଯାଇଛନ୍ତି। କିଛି ଦିନ ତଳେ ଧାଡ଼ି ଚାଳନା ବା ଲେନ୍ ଡ୍ରାଇଭିଂ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାମକୁ ପୁଣି ବନ୍ଦ କରିଦିଆଯାଇଛି।


**କର୍ଣ୍ଣାଟକ ଢ଼ାଞ୍ଚାରେ ଓଡ଼ିଶାରେ 'ସୁବାହକ ଯୋଜନା'**

# ୪ବର୍ଷରେ ମାତ୍ର ୧୧୦୦ଜଣ ମହିଳାଙ୍କୁ ମିଳିବ କାର ସବ୍‌ସିଡି

**ଭୁବନେଶ୍ୱର :** କର୍ଣ୍ଣାଟକ ସରକାରଙ୍କ 'ସ୍ୱାବଲମ୍ବୀ ସାରଥୀ' ଯୋଜନା ଢ଼ାଞ୍ଚାରେ ଓଡ଼ିଶା ସରକାର 'ଆମ ସୁବାହକ ଯୋଜନା' କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଆଗାମୀ ୪ବର୍ଷ ମଧ୍ୟରେ ଏହି ଯୋଜନାରେ ନିର୍ଦ୍ଦିଷ୍ଟ ବର୍ଗର ମାତ୍ର ୧୧୦୦ଜଣ ମହିଳାଙ୍କୁ କାର(ଟ୍ୟାକ୍ସି) କିଣିବା ପାଇଁ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସୁଧ ରିହାତି ପ୍ରଦାନ କରିବେ ସରକାର। ହିତାଧିକାରୀଙ୍କୁ କାର କିଣିବା ପାଇଁ ଅତିକମରେ ୧ଲକ୍ଷ ଟଙ୍କା ମୂଳଧନ ଦେବାକୁ ପଡ଼ିବ ଏବଂ ୫ବର୍ଷ ମଧ୍ୟରେ ବ୍ୟାଙ୍କଋଣ ସୁଝିବାକୁ ମଧ୍ୟ ପଡ଼ିବ। ଏସବୁ ବ୍ୟତୀତ ଇଲେକ୍ଟ୍ରିକ କାର(ଇଭି) କ୍ରୟ କଲେ ସରକାର ଅଧିକ ୨ଲକ୍ଷ ଟଙ୍କା ପ୍ରୋତ୍ସାହନ ଦେବେ। ତେବେ ମହିଳାଙ୍କୁ ଆତ୍ମନିର୍ଭର କରିବା ନିମନ୍ତେ ଉଦ୍ଦିଷ୍ଟ ଏହି ଯୋଜନା ଆରମ୍ଭ ପୂର୍ବରୁ ଏହାର ସର୍ତ୍ତାବଳୀକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମହିଳା ଡ୍ରାଇଭରଙ୍କ ସମେତ ସୁଭଦ୍ରା ହିତାଧିକାରୀ, କ୍ଯୁଟ୍ ବସ ଡ୍ରାଇଭର, ମହିଳା ଏସଏଚଜି ସଦସ୍ୟାମାନଙ୍କୁ କାର (ଟ୍ୟାକ୍ସି) କିଣାଇବାରେ ସରକାର ସହଯୋଗ ଯୋଗାଇ ଦେବେ। ବ୍ୟାଙ୍କ ମାଧ୍ୟମରେ ପ୍ରତ୍ୟେକ ମହିଳାଙ୍କୁ କାର କିଣିବା ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ମହିଳାମାନେ ଋଣର ୧୦ ପ୍ରତିଶତ ଅର୍ଥାତ୍ ୧ଲକ୍ଷ ଟଙ୍କା ମୂଳଧନ ଦେଇ କାର କିଣିବେ। ଏହି ବ୍ୟାଙ୍କ ଋଣର କିସ୍ତିକୁ ୫ବର୍ଷ ମଧ୍ୟରେ ପରିଶୋଧ କରିବେ। ରାଜ୍ୟ ସରକାର ବ୍ୟାଙ୍କ ଋଣ ଉପରେ ବାର୍ଷିକ ୧୧ପ୍ରତିଶତ ସୁଧ ଯୋଗାଇ ଦେବେ। ବାଣିଜ୍ୟ ଓ ପରିବହନ ବିଭାଗର ଏହି ଯୋଜନାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ବିଭାଗର ଯୋଜନା ଅନୁସାରେ, ରାଜ୍ୟ ସରକାରଙ୍କ ୪ଟି ଡ୍ରାଇଭିଂ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକରେ ଏବେ ସୁଦ୍ଧା ଡ୍ରାଇଭିଂ ଟ୍ରେନିଂ ନେଇଥିବା ୬୨୧୬ଜଣ ମହିଳାଙ୍କୁ



ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ ଏହି ଯୋଜନା ଆରମ୍ଭ ହୋଇଛି। ମାତ୍ର ଆଗାମୀ ୪ବର୍ଷରେ ମୋଟ ୧୧୦୦ ଜଣ ମହିଳାଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପ୍ରଥମ ବର୍ଷରେ ୨୦୦ଜଣ, ଦ୍ୱିତୀୟ ବର୍ଷରେ ୨୫୦ଜଣ, ତୃତୀୟ ବର୍ଷରେ ୩୦୦ଜଣ ଏବଂ ଚତୁର୍ଥ ବର୍ଷରେ ୩୫୦ଜଣ ମହିଳାଙ୍କୁ ଏହି କାର କିଣିବା ପାଇଁ ବ୍ୟାଙ୍କ ମାଧ୍ୟମରେ ୧୦ଲକ୍ଷ ଟଙ୍କା ଲେଖାଏଁ ଋଣ ଦିଆଯିବ। ଯଦି ଇଭି ଗାଡ଼ି କିଣିବେ ତେବେ ସରକାରୀ ପ୍ରୋତ୍ସାହନ ବାବଦକୁ ଅଧିକ ୨ଲକ୍ଷ ଟଙ୍କା ମଧ୍ୟ ମିଳିବ। ରାଜ୍ୟରେ ବିଜେଡି ସରକାର ଅମଳରେ 'ମିଶନଶକ୍ତି' ଯୋଜନାରେ ସ୍କୁଟି କିଣିଥିବା ମହିଳାମାନେ ଏବେବି ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ରାଜ୍ୟ ପରିବହନ ବିଭାଗ 'ଆମ ସୁବାହକ ଯୋଜନା' ନାଁରେ ରାଜ୍ୟର ୨୧ରୁ ୪୦ବର୍ଷର ମହିଳାଙ୍କୁ ଟ୍ୟାକ୍ସି କିଣିବାକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ୫ବର୍ଷ ପାଇଁ ସୁଧରିହାତି ଦେବ। ତେବେ ଏଥିପାଇଁ ସମ୍ପୃକ୍ତ ମହିଳାଙ୍କ ପରିବାରର ବାର୍ଷିକ ଆୟ ୩ଲକ୍ଷ ଟଙ୍କା ହୋଇଥିବାବେଳେ ସରକାରୀ ପ୍ରତିଷ୍ଠାନରେ ଡ୍ରାଇଭିଂ ତାଲିମ ନେଇ ଡ୍ରାଇଭିଂ ଲାଇସେନ୍ସ ପାଇଥିବେ ଓ ୫ବର୍ଷ ପର୍ଯ୍ୟନ୍ତ ଟ୍ୟାକ୍ସି ଚଲାଇବେ ବୋଲି ପ୍ରତିଶ୍ରୁତିବଦ୍ଧ ହେବେ ବୋଲି ବାଧ୍ୟତାମୂଳକ ପ୍ରାବଧାନ ରହିଛି। ଏଥିରେ ସୁଭଦ୍ରା ହିତାଧିକାରୀ, ଓଏସଆରଟିସି ଓ କ୍ଯୁଟ୍ ବସ୍ ଡ୍ରାଇଭର, ମହିଳା ଏସଏଚଜି ସଦସ୍ୟାମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ବିଭାଗ ସୂତ୍ରରୁ ସୂଚନା ମିଳିଛି। ଗାଡ଼ି କିଣିବାର ୩ ମାସ ପରେ ଋଣ ଆଦାୟ ହେବ। ଏହି ୩ମାସ ଗାଡ଼ି କ୍ରେତାଙ୍କୁ କିସ୍ତି ଦେବାକୁ ପଡ଼ିବନି କିନ୍ତୁ ସୁଧ ସରକାର ପରିଶୋଧନ କରିବେ। ଗାଡ଼ି ଡ୍ରାଇଭରଙ୍କ ଦୁର୍ଘଟଣା ବୀମା ବାବଦକୁ ସରକାର ବାର୍ଷିକ ହଜାରେ ଟଙ୍କା ଖର୍ଚ୍ଚ କରିବେ। ମାତ୍ର ଗାଡ଼ିର ବୀମା ହିତାଧିକାରୀଙ୍କୁ ଦେବାକୁ ପଡ଼ିବ। ତେବେ ବାର୍ଷିକ ମାତ୍ର ୩ଲକ୍ଷ ଟଙ୍କା ଆୟ ଥିବା ପରିବାର କିଭଳି ୧ଲକ୍ଷ ଟଙ୍କାର ମୂଳଧନ ସଂଗ୍ରହ କରିପାରିବ ଓ ଋଣ ଶୁଝିବାର ଅବଧିକୁ କାହିଁକି ସରକାର ୫ବର୍ଷ ମଧ୍ୟରେ ସୀମିତ ରଖିଛନ୍ତି ତଥା ଏତେ ପରିମାଣର ଇଏମଆଇ (ମାସିକ କିସ୍ତି) କିଭଳି ପରିଶୋଧ କରିହେବ ତା'ର ବାସ୍ତବତାକୁ ଆକଳନ କରିବାକୁ ବିଭାଗ ଆଗ୍ରହ ଦେଖାଇନଥିବା ଭଳି ଜଣାପଡ଼ିଛି। ଏପରିକି ବାର୍ଷିକ ବୀମା ବାବଦରେ ଅତିରିକ୍ତ ୧୦-୧୨ହଜାର ଟଙ୍କା ଗରିବ ହିତାଧିକାରୀ ପକ୍ଷେ କିଭଳି ସମ୍ଭବପର ହେବ ତାହା ମଧ୍ୟ ଅସ୍ପଷ୍ଟ। ଅବଶ୍ୟ ମହିଳା ଟ୍ୟାକ୍ସି ଚାଳକଙ୍କ ଆୟର ହିସାବ ରଖି ସେମାନଙ୍କୁ ଅଧିକ ଆୟ କରିବା ପାଇଁ ପ୍ରତି ୩ମାସରେ ପରାମର୍ଶ ଦେବାକୁ ବିଭାଗ ଗୋଟିଏ ଷ୍ଟିଅରିଂ କମିଟି ଗଠନ କରିଛି।



କାହା କଥାରେ ଯଦି କୌଣସି ଭୁଲ୍ କିୟା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୦ ଅକ୍ଟୋବର - ୨୬ ଅକ୍ଟୋବର, ୨୦୨୫

# ସମୟକୁ ଅପେକ୍ଷା

ସମ୍ବାଦକାଣ୍ଡ
ତାରକ ମହାନ୍ତି



ନୂଆପଡା ଉପନିର୍ବାଚନରେ ବିଜେଡି ଜଣେ ମହିଳାଙ୍କୁ ଟିକଟ ଦେଇ ପୁଣି ମହିଳା କାର୍ଡ ଖେଳିବାକୁ ଯାଉଛି। ମିଶନ ଶକ୍ତି ମହିଳାଙ୍କ ଜରିଆରେ ପୂର୍ବରୁ ଜିତୁଥିବା ବିଜେଡି ନୂଆପଡାରେ ସଫଳ ହେବ କି ନାହିଁ ତାହା ତ ସମୟ କହିବ, ଅତାବିରା ପ୍ରାର୍ଥୀଙ୍କୁ ନୂଆପଡା କଣ ପାଇଁ ବୋଲି ପ୍ରଶ୍ନ ଉଠୁଛି। ନୂଆପଡାରେ କଣ ବିଜେଡିର କେହି ପ୍ରାର୍ଥୀ ନଥିଲେ ନା ବିଜେପି ଜିତିବାର ପଥ ସୁଗମ କରିଦେଲା ବିଜେଡି ଏହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଜେଡି ଯେଉଁ କମିଟି ଗଠନ ନୂଆପଡାରେ ନେତା ଚୟନ ଦାୟିତ୍ୱ ନବୀନ ଦେଇଥିଲେ ସେହି ତିନିଜଣ ତାଲିକାରେ ନଥିଲେ ତ ସ୍ନେହାଙ୍ଗିନୀ ଛୁରିଆ। ନୂଆପଡାର ତିନି ନେତା ଥିଲେ ଏହି ତାଲିକାରେ। ତେବେ ନବୀନ କଣ ସନ୍ତୁଷ୍ଟ ନଥିଲେ କି ନିଜ ଦଳର ବରିଷ୍ଠ ନେତା ଦେଇଥିବା ତାଲିକାରେ ! ନା ଶ୍ରୀମୟୀ ମିଶ୍ର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସତ୍ୟ। ନୂଆପଡା ଟିକଟ ଦିଲ୍ଲୀରେ ଡିଲ ହେଲା ବୋଲି ସେ କହୁଛନ୍ତି। ବାସ୍ତବିକ କଣ ପାଇଁ ସ୍ଥାନୀୟ ନେତାଙ୍କୁ ଟିକଟ ନଦେଇ ଆମଦାନୀ ନେତାଙ୍କୁ ଟିକଟ ମିଳିଲା ଏହା ବୁଝାପଡୁନି। ବିଜେଡିର ଟିକଟ ଆଶାୟୀ ନେତା ଏହାକୁ ସହଜରେ ଗ୍ରହଣ କରିବେ ତ ! ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କୁ ସମ୍ବଲପୁର ସାଂସଦ ପ୍ରାର୍ଥୀ ଭାବେ ଟିକଟ ଦେଇ ବିଜେଡି ଯେଉଁ ପରିଣାମ ଭୋଗିଥିଲା ନୂଆପଡାରେ ସେଭଳି ଦୃଶ୍ୟ ଦେଖିବାକୁ ମିଳିବ ବୋଲି ନୂଆପଡା ଲୋକ କହିଲେଣି। ଜୟ ଢୋଲକିଆ ଜିତିବାର ସବୁ ମାର୍ଗ ପ୍ରସ୍ତୁତ କରିଦେଇଛି ବିଜେଡି ବୋଲି ମଧ୍ୟ ଅଭିଯୋଗ ହେଉଛି। ବିଜେଡିରେ ଯେଉଁ ଅଦୃଶ୍ୟ ନାୟକ ଏହା ପଛରେ ରହି ବିଜେପି ପାଇଁ କାର୍ଯ୍ୟ କରୁଥିବା ସ୍ପଷ୍ଟ ପ୍ରମାଣ ମିଳୁଛି। ଯାହା ସାଧାରଣ ନିର୍ବାଚନରେ ଦେଖିବାକୁ ମିଳିଥିଲା. ବୋଧେ ନବୀନ ବାବୁ ବିଜେଡି ପାଇଁ କିଛି ବଡ଼ ନିଷ୍ପତ୍ତି ନେଇପାରୁନାହାନ୍ତି। ଯେଉଁଥିପାଇଁ ଅଘୋଷିତ ମୁଖିଆ ନିଜ ଗୋଷ୍ଠୀ ଦ୍ୱାରା ବିଜେଡିକୁ ପରିଚାଳିତ କରୁଛନ୍ତି। ନୂଆପଡାରେ ବିଜେଡି କାହା ସହିତ ନିର୍ବାଚନ ଲଢ଼ିବ ବୋଲି ପ୍ରଶ୍ନ ଉଠିଲାଣି। କାରଣ ବିଜେପି ସହିତ ଯଦି ବିଜେଡିର ଡିଲ ହୋଇଥାଏ ତେବେ ସ୍ନେହାଙ୍ଗିନୀ ହାରିବା ଥୟ। କୌଣସି ଦଳ ଯିଏ ଶାସନ କ୍ଷମତାରେ ଥାଏ ଉପନିର୍ବାଚନ ସେ ହିଁ ଜିତନ୍ତି ବୋଲି ଅସଂଖ୍ୟ ନଜିର ରହିଛି। ବିଜେପି ଯେଉଁ ପ୍ରଚାର ତାଲିକା ଜାରି କରିଛି ସେଥିରେ ମୁଖ୍ୟମନ୍ତ୍ରୀ, ଦଳର ରାଜ୍ୟ ସଭାପତିଙ୍କ ଠାରୁ ଆରମ୍ଭ କରି ବହୁ କେନ୍ଦ୍ର ମନ୍ତ୍ରୀ, ଦଳୀୟ ବଡ଼ କର୍ମକର୍ତ୍ତା ଏବଂ ସାଂସଦ ରହିଛନ୍ତି। ସେମାନେ ନିଶ୍ଚୟ ନୂଆପଡାରେ ଡେରା ପକାଇ ରହିବେ। ଯାହା କି ଢୋଲକିଆଙ୍କ ସପକ୍ଷରେ ଯିବ। ଯଦିଓ ନବୀନ ବାବୁଙ୍କର ଲୋକପ୍ରିୟତା କମିନି ତଥାପି ତାଙ୍କ ପାଖରେ ଆଉ କ୍ଷମତା କି ପ୍ରଶାସନ କଳ ନାହିଁ। ନୂଆପଡାରେ ବିଜେପିର ଷ୍ଟାର ପ୍ରଚାରକ ତାଲିକାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କାହିଁକି ନାହାନ୍ତି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। କଣ ପାଇଁ ଅପରାଜିତାଙ୍କ ଭଳି ଜଣେ ଟାଣୁଆ ନେତ୍ରୀଙ୍କୁ ଦଳ ପ୍ରଚାରକ ତାଲିକାରେ ରଖିନାହିଁ ବୋଲି ଲୋକ କହୁଛନ୍ତି। ବିଜେଡି ପରି ବିଜେପିରେ ମଧ୍ୟ ଗୋଷ୍ଠୀ କନ୍ଦଳ ସ୍ପଷ୍ଟ ଜଣାପଡୁଛି। ଏଭଳି ସମୟରେ ନୂଆପଡା ଉପନିର୍ବାଚନ ପ୍ରଚାର ମଇଦାନରେ ବିଜେଡିର କିଛି ଦାଗୀ ନେତା ମଙ୍ଗ ଧରିଛନ୍ତି। ଯଦିଓ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପ୍ରତି ନୂଆପଡା ବିଧାନସଭା କ୍ଷେତ୍ରରେ ଜନତାଙ୍କର ବିପୁଳ ସମର୍ଥନ ରହିଥିଲା ତାଙ୍କ ପୁଅ ଜୟ ଢୋଲକିଆଙ୍କ ପ୍ରତି ସେଭଳି ସମର୍ଥନ ମିଳିବ କି ନାହିଁ ଅପେକ୍ଷା।

# ଓଡ଼ିଶାରେ ସାମ୍ପ୍ରଦାୟିକ ସଦ୍ଭାବରେ ଫାଟ !



ଅସିତ ମହାନ୍ତି

ସାମ୍ପ୍ରତିକ ଓଡ଼ିଶାରେ, ବିଶେଷକରି କଟକରେ ଘଟିଥିବା ସାମ୍ପ୍ରଦାୟିକ ହିଂସା, ଧାର୍ମିକ ସଦ୍ଭାବ ପାଇଁ ରାଜ୍ୟର ଦୀର୍ଘକାଳୀନ ଖ୍ୟାତିରୁ ଏକ ଦୁଃଖଦ ବିଚ୍ୟୁତିକୁ ସୂଚିତ କରେ - ଏବଂ ଅନେକ ପର୍ଯ୍ୟବେକ୍ଷକ ଯୁକ୍ତି ଦିଅନ୍ତି ଯେ ଏହାର ସମୟ ଏବଂ ପ୍ରକୃତି ବିଜେପି କ୍ଷମତାକୁ ଆସିବା ପରେ ରାଜନୈତିକ ପ୍ରେରଣାକୁ ସୂଚିତ କରେ।

ଐତିହାସିକ ଭାବରେ ବହୁଳବାଦୀ ନୀତି ଏବଂ ସମ୍ପ୍ରଦାୟ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଜଣାଶୁଣା ଓଡ଼ିଶା, ଅକ୍ଟୋବର ୨୦୨୫ ରେ ସାମ୍ପ୍ରଦାୟିକ ଅଶାନ୍ତିର ଏକ ବିରକ୍ତିକର ଘଟଣା ଦେଖିଥିଲା। କଟକରେ ଏକ ଦୁର୍ଗା ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ସମୟରେ ହିଂସା ଘଟିଲା, ଏକ ସହର ଯାହା ପ୍ରାୟତଃ ଏହାର ସର୍ବଧର୍ମ ସୌହାର୍ଦ୍ଦ୍ୟ ପାଇଁ ପାଳିତ ହୁଏ। ଦରଗା ବଜାରର ହାତି ପୋଖରୀ ନିକଟରେ ଉଚ୍ଚ ସ୍ୱରରେ ସଂଗୀତକୁ ନେଇ ବିବାଦ ଭାବରେ ଯାହା ଆରମ୍ଭ ହୋଇଥିଲା ତାହା ଛାତରୁ ପଥର ଫିଙ୍ଗାଳି ଏବଂ ବୋତଲ ଫିଙ୍ଗାଳି ପର୍ଯ୍ୟନ୍ତ ବୃଦ୍ଧି ପାଇଲା, ଯେଉଁଥିରେ ପୋଲିସ ଡେପୁଟି କମିଶନରଙ୍କ ସମେତ ଅନେକ ଅଂଶଗ୍ରହଣକାରୀ ଆହତ ହେଲେ। ସେହି ଦିନ ପରେ, ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଦ୍ୱାରା ଆୟୋଜିତ ଏକ ମୋଟରସାଇକେଲ ରାଲି - ଅନୁମତି ନ ମିଳିବା ସତ୍ତ୍ୱେ - ଆଇନ ପ୍ରବର୍ତ୍ତନକାରୀଙ୍କ ସହ ସଂଘର୍ଷ ହେବା ପରେ ଉତ୍ତେଜନା ତୀବ୍ର ହୋଇଥିଲା, ଯାହା ଫଳରେ ୨୫ ରୁ ଅଧିକ ପୋଲିସ ଅଧିକାରୀ, ସାମ୍ବାଦିକ ଏବଂ ସାଧାରଣ ଲୋକ ଆହତ ହୋଇଥିଲେ। ପରିସ୍ଥିତି ଦ୍ରୁତ ଗତିରେ ବିଗିଡ଼ି ଯାଇଥିଲା, ଯାହା ଫଳରେ ସରକାରଙ୍କୁ ଆହୁରି ଉତ୍ତେଜନାକୁ ରୋକିବା ପାଇଁ ୩୬ ଘଣ୍ଟା କର୍ଫ୍ୟୁ ଏବଂ ଅସ୍ଥାୟୀ ଇଣ୍ଟରନେଟ୍ ବନ୍ଦ କରିବାକୁ ପଡିଲା।

ହିଂସାର ଏହି ବିସ୍ଫୋରଣ କେବଳ ଆଇନ ଶୃଙ୍ଖଳା ବିଫଳତା ନୁହେଁ; ଏହା ରାଜ୍ୟରେ ରାଜନୈତିକ ଧାରା ପରିବର୍ତ୍ତନର ଗଭୀର ଲକ୍ଷଣ। ବିଜୁ ଜନତା ଦଳ (ବିଜେଡି) ଅଧୀନରେ ପ୍ରାୟ ଦୁଇ ଦଶନ୍ଧି ଧରି, ଓଡ଼ିଶା ଏକ ଆପେକ୍ଷିକ ଶାନ୍ତିପୂର୍ଣ୍ଣ ସାମ୍ପ୍ରଦାୟିକ ଦୃଶ୍ୟପଟ ବଜାୟ ରଖିଛି। ଯଦିଓ ବିକ୍ଷିପ୍ତ ଘଟଣା ଘଟିଥିଲା - ଯେପରିକି ୨୦୦୮ ରେ କନ୍ଧମାଳ ଦଙ୍ଗା - ସେଗୁଡ଼ିକୁ ମୁଖ୍ୟତଃ ବିଚ୍ଛିନ୍ନ ଏବଂ ଶୀଘ୍ର ନିୟନ୍ତ୍ରଣ କରାଯାଇଥିଲା। ବିଜେଡିର ଶାସନ ମଡେଲ ଅନ୍ତର୍ଭୁକ୍ତ ବିକାଶ ଏବଂ ଧର୍ମନିରପେକ୍ଷ ପ୍ରଶାସନ ଉପରେ ଗୁରୁତ୍ୱ ଦେଇଥିଲା, ପ୍ରାୟତଃ ଧ୍ରୁବୀକରଣ ବାକଚାତୁରୀକୁ ଏଡାଇ ଦେଇ। ତଥାପି, ୨୦୨୪ ରେ ଭାରତୀୟ ଜନତା ପାର୍ଟି (ବିଜେପି) ଓଡ଼ିଶାରେ କ୍ଷମତା ହାସଲ କରିବା ପରେ ରାଜନୈତିକ ଦୃଶ୍ୟପଟ ନାଟକୀୟ ଭାବରେ ପରିବର୍ତ୍ତନ ହୋଇଥିଲା। ସେବେଠାରୁ, ରାଜ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନାରେ ଏକ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, କେବଳ ୨୦୨୪ ରେ ପୂର୍ବ ବର୍ଷ ତୁଳନାରେ ସାମ୍ପ୍ରଦାୟିକ ଦଙ୍ଗାରେ ଆଶ୍ଚର୍ଯ୍ୟଜନକ ୮୪ % ବୃଦ୍ଧି ରେକର୍ଡ କରାଯାଇଛି। ଏହି ଘଟଣାରେ ତେର ଜଣ ଲୋକ, ମୁଖ୍ୟତଃ ମୁସଲମାନ, ପ୍ରାଣ ହରାଇଥିଲେ ଏବଂ ଭୁବନେଶ୍ୱର, ସମ୍ବଲପୁର ଏବଂ କଟକ ଭଳି ସହରାଞ୍ଚଳ କେନ୍ଦ୍ରଗୁଡ଼ିକ ଫ୍ଲାସପଏଣ୍ଟ ପାଲଟିଛି।

କଟକ ହିଂସାର ସମୟ - ବିଜେପି କାର୍ଯ୍ୟକାଳର ମାତ୍ର ଗୋଟିଏ ବର୍ଷ ପରେ - ରାଜନୈତିକ ଉଦ୍ଦେଶ୍ୟ ଏବଂ ଆଦର୍ଶଗତ ପ୍ରଭାବ ବିଷୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥାଏ। ବିଜେପିର ହିନ୍ଦୁତ୍ୱ ଏଜେଣ୍ଡା ସହିତ ଘନିଷ୍ଠ ଭାବରେ ସମନ୍ୱିତ ଏକ ଗୋଷ୍ଠୀ, ଠାଏଚର ସମ୍ପୃକ୍ତିକୁ ଅଣଦେଖା କରାଯାଇପାରିବ ନାହିଁ। ହିଂସାର ଦ୍ୱିତୀୟ ଲହରକୁ ଆରମ୍ଭ କରିଥିବା ରାଲିକୁ ପୋଲିସ ସ୍ପଷ୍ଟ ଭାବରେ ଅନୁମତି ପ୍ରଦାନ କରିନଥିଲା, ତଥାପି ଏହା ଆଗକୁ ବଢ଼ିଥିଲା, ଯାହା ଫଳରେ ଆଇନ ପ୍ରବର୍ତ୍ତନକାରୀଙ୍କ ସହ ସିଧାସଳଖ ମୁହାଁମୁହିଁ ହୋଇଥିଲା। ପ୍ରଶାସନିକ ନିର୍ଦ୍ଦେଶର ଏହି ଅବମାନନା ଏବଂ ପରବର୍ତ୍ତୀ ବୃଦ୍ଧି ଏକ ଜାଣିଶୁଣି ଉତ୍ତେଜନାକୁ ସୂଚାଇଥାଏ, ଯାହା ସମ୍ଭବତଃ ସାମ୍ପ୍ରଦାୟିକ ପରିଚୟକୁ ସୁଦୃଢ଼ କରିବା ଏବଂ ଭୋଟରଙ୍କୁ ଧ୍ରୁବୀକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇପାରେ। ବିଜେପିର ବ୍ୟାପକ ଜାତୀୟ ରଣନୀତି ପ୍ରାୟତଃ ଏପରି ରଣନୀତି ଉପରେ ନିର୍ଭର କରିଛି, ଯେଉଁଠାରେ ଧାର୍ମିକ ଆନ୍ଦୋଳନ ସମର୍ଥନ ସଂଗ୍ରହ କରିବା ଏବଂ ଶାସନ ବିଫଳତାରୁ ବିଚ୍ୟୁତ କରିବା ପାଇଁ ଏକ ଉପକରଣ ଭାବରେ କାର୍ଯ୍ୟ କରେ।

ଏହା ବ୍ୟତୀତ, ଓଡ଼ିଶାରେ ଜନସଂଖ୍ୟାଗତ ପରିବର୍ତ୍ତନ ନିଆଁରେ ଇନ୍ଧନ ଯୋଗାଇଛି। ପଡ଼ୋଶୀ ବଙ୍ଗଳାରୁ ପ୍ରବାସ ସହରାଞ୍ଚଳରେ ମୁସଲିମ ଜନସଂଖ୍ୟାରେ ଏକ ଦୃଶ୍ୟମାନ ବୃଦ୍ଧି ପାଇଛି, ଯେଉଁମାନେ ପ୍ରାୟତଃ କମ ଦରମା କ୍ଷେତ୍ରରେ ନିଯୋଜିତ ହୁଅନ୍ତି। ଯଦିଓ ଏହି ଜନସଂଖ୍ୟାଗତ ପରିବର୍ତ୍ତନ ଅର୍ଥନୈତିକ ପ୍ରବାସର ଏକ ସ୍ୱାଭାବିକ ଫଳାଫଳ, କିଛି ରାଜନୈତିକ ବର୍ଣ୍ଣନା ଏହାକୁ ଏକ ବିପଦ ଭାବରେ ପ୍ରସ୍ତୁତ କରିଛି, ଏହାକୁ ମୌଳବାଦ ଏବଂ ସାଂସ୍କୃତିକ ଦୁର୍ବଳତା ସହିତ ଯୋଡ଼ିଛି। ସାମାଜିକ ଗଣମାଧ୍ୟମ ଏବଂ ଦକ୍ଷିଣପନ୍ଥୀ ମଞ୍ଚ ଦ୍ୱାରା ଏପରି ଫ୍ରେମିଂ ସନ୍ଦେହ ଏବଂ ଶତ୍ରୁତାର ପରିବେଶ ସୃଷ୍ଟି କରିଛି। କଟକ ଘଟଣା, ଯେଉଁଠାରେ ଏକ ଧାର୍ମିକ ଶୋଭାଯାତ୍ରା ସମୟରେ ସଙ୍ଗୀତ ପ୍ରତି ଆପତ୍ତି ହିଂସାରେ ପରିଣତ ହୋଇଛି, ତାହା ପ୍ରତିଫଳିତ କରେ ଯେ ଏହି ନୂତନ ରାଜନୈତିକ ବ୍ୟବସ୍ଥା ଅଧୀନରେ ସାମ୍ପ୍ରଦାୟିକ ସମ୍ପର୍କ କେତେ ଦୁର୍ବଳ ହୋଇଛି।

ହିଂସା ପ୍ରତି ରାଜ୍ୟର ପ୍ରତିକ୍ରିୟା ମଧ୍ୟ ଶାସନ ପ୍ରାଥମିକତାରେ ପରିବର୍ତ୍ତନକୁ ପ୍ରକାଶ କରେ। କର୍ଫ୍ୟୁ ଏବଂ ଇଣ୍ଟରନେଟ୍ ବନ୍ଦ ତୁରନ୍ତ ଲାଗୁ ହୋଇଥିଲେ ମଧ୍ୟ, ରାଜନୈତିକ ନେତାମାନଙ୍କ ବକ୍ତବ୍ୟରେ ଓଡ଼ିଶାର ସଙ୍କଟ ପରିଚାଳନାକୁ ଏକଦା ପରିଭାଷିତ କରୁଥିବା ସମାଧାନମୂଳକ ସ୍ୱରର ଅଭାବ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଶାନ୍ତି ପାଇଁ ଆବେଦନ ଅକାର୍ଯ୍ୟକ୍ଷମ ଥିଲା, ଏବଂ ଭିଏଚପିର ଭୂମିକା କିମ୍ବା ଅଶାନ୍ତିକୁ ପ୍ରୋତ୍ସାହିତ କରୁଥିବା ଆଦର୍ଶଗତ ଅନ୍ତର୍ନିହିତ ଧାରା ପ୍ରତି କୌଣସି ଦୃଢ଼ ନିନ୍ଦା ନଥିଲା। ଏହି ନୀରବତା ସ୍ପଷ୍ଟ କରୁଛି - ଏହା ହୁଏତ ଜଟିଳତା କିମ୍ବା ଦଳର ମୂଳ ସମର୍ଥନ ଆଧାରକୁ ଦୂରେଇ ରଖିବା ପାଇଁ ଏକ ରଣନୈତିକ ପସନ୍ଦକୁ ସୂଚିତ କରେ। ବିପରୀତରେ, ପୂର୍ବ ବର୍ଷଗୁଡ଼ିକରେ ବିଜେଡି ନେତୃତ୍ୱ ସାମ୍ପ୍ରଦାୟିକ ଉତ୍ତେଜନା ବିରୁଦ୍ଧରେ ଦୃଢ଼ ମତ ପୋଷଣ କରିଥିଲେ, ପ୍ରାୟତଃ ସଦଭାବ ପୁନଃସ୍ଥାପନ ପାଇଁ ନାଗରିକ ସମାଜ ଏବଂ ଧାର୍ମିକ ନେତାମାନଙ୍କୁ ନିୟୋଜିତ କରିଥିଲେ।


ଏହି ହିଂସାର ପ୍ରଭାବ ତୁରନ୍ତ ଆଇନ ଶୃଙ୍ଖଳା ଚିନ୍ତାରୁ ବିପରୀତ। ଏହା ଓଡ଼ିଶାର ସାମାଜିକ ଗଠନକୁ ଭାଙ୍ଗିବାକୁ ଧମକ ଦେଉଛି, ଯେଉଁଠାରେ ସର୍ବଧର୍ମ ସମ୍ପର୍କ ଐତିହାସିକ ଭାବରେ ସମୃଦ୍ଧ ହୋଇଛି। ବିଶେଷକରି ଧାର୍ମିକ ପର୍ବ ସମୟରେ ସାମ୍ପ୍ରଦାୟିକ ସଂଘର୍ଷର ସ୍ୱାଭାବିକୀକରଣ ସାଂସ୍କୃତିକ ଉତ୍ସବଗୁଡ଼ିକୁ ଯୁଦ୍ଧଭୂମିରେ ପରିଣତ କରିବାର ଆଶଙ୍କା ସୃଷ୍ଟି କରେ। ଯଦି ଏହାକୁ ନିୟନ୍ତ୍ରଣ କରାନଯାଏ, ତେବେ ଏହି ଧାରା ଅନୁଷ୍ଠାନଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ହ୍ରାସ କରିପାରେ, ସାମାଜିକ ବିଭାଜନକୁ ଆହୁରି ଘନିଷ୍ଠ କରିପାରେ ଏବଂ ରାଜ୍ୟର ବିକାଶ ପଥକୁ ବାଧା ଦେଇପାରେ।

ଶେଷରେ, କଟକରେ ସାମ୍ପ୍ରଦାୟିକ ହିଂସା ଏକ ବିଚ୍ଛିନ୍ନ ଘଟଣା ନୁହେଁ - ଏହା ଓଡ଼ିଶାରେ ଗଭୀର ରାଜନୈତିକ ପରିବର୍ତ୍ତନ ଏବଂ ଆଦର୍ଶଗତ ପୁନର୍ଗଠନର ଏକ ପ୍ରକାଶନ। ବିଜେପି କ୍ଷମତାକୁ ଆସିବା ସହିତ ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି ପାଇଛି, ଏବଂ ଉତ୍ତେଜକ କାର୍ଯ୍ୟରେ ଭିଏଚ୍‌ପି ଭଳି ସହଯୋଗୀ ଗୋଷ୍ଠୀଗୁଡ଼ିକର ସମ୍ପୃକ୍ତି ରାଜ୍ୟର ଧର୍ମନିରପେକ୍ଷ ପରିଚୟକୁ ପୁନଃଆକାର ଦେବା ପାଇଁ ଏକ ସୁଚିନ୍ତିତ ରଣନୀତିକୁ ସୂଚିତ କରୁଛି। ଯଦିଓ ବିଜେଡି ଯୁଗ ଆପେକ୍ଷିକ ସାମ୍ପ୍ରଦାୟିକ ଶାନ୍ତି ଦ୍ୱାରା ଚିହ୍ନିତ ହୋଇଥିଲା, ବର୍ତ୍ତମାନର ଶାସନର ନୀରବତା ଏବଂ ପ୍ରତିକ୍ରିୟାଶୀଳ ଶାସନ ସମନ୍ୱୟ ପ୍ରତି ଏହାର ପ୍ରତିବଦ୍ଧତା ବିଷୟରେ ଚିନ୍ତା ସୃଷ୍ଟି କରେ। ଯେତେବେଳେ ଓଡ଼ିଶା ଏକ ଛକରେ ଠିଆ ହୋଇଛି, ସଚେତନ ନାଗରିକ ସମାଜ, ଦାୟିତ୍ୱବାନ ନେତୃତ୍ୱ ଏବଂ ଅନ୍ତର୍ଭୁକ୍ତ ନୀତି ନିର୍ଦ୍ଧାରଣର ଆବଶ୍ୟକତା ପୂର୍ବରୁ ଏତେ ଜରୁରୀ ହୋଇନଥିଲା।

ଏପରି ପରିସ୍ଥିତିରେ ଓଡ଼ିଶାର ଲୋକମାନଙ୍କୁ କେତେ ଗୁଡିଏ ଜରୁରୀ ପଦକ୍ଷେପ ନେବାକୁ ହେବ। ସେଗୁଡିକ ହେଉଛି - ୧. ସ୍ଥାନୀୟ ସାଂସ୍କୃତିକ ମଞ୍ଚ ଏବଂ ଯୁବ କ୍ଲବ ମାଧ୍ୟମରେ ଆନ୍ତଃଧର୍ମ ଆଲୋଚନାକୁ ପ୍ରୋତ୍ସାହିତ କରନ୍ତୁ। ୨. ପାରସ୍ପରିକ ସମ୍ମାନ ଏବଂ ସମାନ ପରମ୍ପରାକୁ ବୃଦ୍ଧି କରିବା ପାଇଁ ମିଳିତ ଭାବରେ ପର୍ବ ପାଳନ କରନ୍ତୁ।୩. ଉତ୍ତେଜନାପୂର୍ଣ୍ଣ ଗୁଜବକୁ ପ୍ରତିରୋଧ କରନ୍ତୁ ଏବଂ ପ୍ରତିକ୍ରିୟା ଦେବା ପୂର୍ବରୁ ସୂଚନା ଯାଞ୍ଚ କରନ୍ତୁ। ୪. ସମ୍ବେଦନଶୀଳ କ୍ଷେତ୍ରରେ ସମ୍ପ୍ରଦାୟ ପୋଲିସିଂ ଏବଂ ନାଗରିକ ନଜର ଗୋଷ୍ଠୀକୁ ଉତ୍ସାହିତ କରନ୍ତୁ। ୫. ସହନଶୀଳତା ଏବଂ ବହୁଳତା ଶିଖାଉଥିବା ଅନ୍ତର୍ଭୁକ୍ତ ଶିକ୍ଷାକୁ ସମର୍ଥନ କରନ୍ତୁ। ୬. ବିଭାଜନକାରୀ ଭାଷଣ କିମ୍ବା ନିଷ୍କ୍ରିୟତା ପାଇଁ ରାଜନୈତିକ ନେତାମାନଙ୍କୁ ଦାୟୀ କରନ୍ତୁ। ୭. ଘୃଣାପୂର୍ଣ୍ଣ ଭାଷଣ ଏବଂ ଭୁଲ ସୂଚନାର ମୁକାବିଲା କରିବା ପାଇଁ ସାମାଜିକ ଗଣମାଧ୍ୟମକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରନ୍ତୁ। ୮. ସହଯୋଗ ନାଗରିକ ପଦକ୍ଷେପ ମାଧ୍ୟମରେ ପଡ଼ୋଶୀ ବନ୍ଧନକୁ ସୁଦୃଢ଼ କରନ୍ତୁ। ୯. ସ୍ଥାନୀୟ ବିବାଦରେ ଶାନ୍ତି ଦୂତ ଭାବରେ ମହିଳା ଏବଂ ବୟସ୍କମାନଙ୍କୁ ସଶକ୍ତ କରନ୍ତୁ। ୧୦. ଏହାର ସମନ୍ୱିତ ଐତିହ୍ୟକୁ ସମ୍ମାନ ଦେଇ ଓଡ଼ିଶାର ସମନ୍ୱୟର ଐତିହ୍ୟକୁ ବଜାୟ ରଖନ୍ତୁ।

ସୁଜନପୁର, ଯାଜପୁର
ଦୂରଭାଷ : ୯୪୩୭୨୮୮୦୨୮

# ଭାରତ ପାଇଁ ପୁତିନଙ୍କ ବଡଚାଲ



ସୌମେନ୍ଦ୍ର ଜେନା

ଡିସେମ୍ବର ୫-୬(୨୦୨୫) ଦୁଇଦିନ ପାଇଁ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଭାରତ ଗସ୍ତରେ ଆସିବେ ବୋଲି ଘୋଷଣା କରାଯାଇଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣ କ୍ରମେ ପୁତିନ ଭାରତକୁ ଆସିବାକୁ ସମ୍ମତି ପ୍ରଦାନ କରିଛନ୍ତି । ରୁଷିଆଠାରୁ ତୈଳକ୍ରୟ ପ୍ରସଙ୍ଗକୁ ଆଳକରି ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଯେମିତି ଭାରତକୁ ଟାର୍ଗେଟ କରି ଘୃଣାବାଚକ ଶବ୍ଦ ପ୍ରୟୋଗ, କଟକଣାର ଧମକ, ପଡୋଶୀ ଚୀନର ଆକ୍ରମଣ ଭୟ, ପାକିସ୍ଥାନ ମାଧ୍ୟମରେ ପରମାଣୁ ଆକ୍ରମଣ ଭୟ, ସାଉଦି-ଆରବ-ପାକ୍‌ର ବୁଝାମଣା ମାଧ୍ୟମରେ ଭାରତକୁ ଯୁଦ୍ଧର ଭୟ ଦେଖାଇବାରେ ଲାଗିଛନ୍ତି, ତା'କୁ ଭାରତ ଗ୍ରହଣ କରିନାହିଁ କିମ୍ବା ବିଚଳିତ ମଧ୍ୟ ହୋଇନାହିଁ । ଅଧିକନ୍ତୁ ଆମେରିକା ଏବଂ ପାକିସ୍ଥାନର ମିଛକୁ ଲୋକଲୋଚନକୁ ଆଣି ସେମାନଙ୍କର ମୁଖା ଖସାଇଦେବାକୁ ସକ୍ଷମ ହୋଇଛି । ଭାରତର ଆଭିମୁଖ୍ୟକୁ ଲକ୍ଷ୍ୟକରି ପୁତିନ ଆମେରିକା ଉଦ୍ଦେଶ୍ୟରେ କହିଛନ୍ତି ଯେ ଭାରତର ଲୋକେ ଆମେରିକାକୁ କ୍ଷମା ଦେବେ ନାହିଁ, ଟ୍ରମ୍ପଙ୍କ ବ୍ୟବହାରର ଉଚିତ ଜବାବ ମଧ୍ୟ ଦେବେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ନରେନ୍ଦ୍ର ମୋଦି ସ୍ଥିରଚିତ୍ତ ଏବଂ ରାଷ୍ଟ୍ରବାଦୀ ନେତା । ରୁଷିଆର ସୋଚିସ୍ଥିତ ଭଲଦାଇ ଡିସ୍‌କସନ୍ କ୍ଲବଠାରେ ବକ୍ତବ୍ୟ ପ୍ରଦାନ କରି ପୁତିନ ଭାରତ ସହ ସ୍ୱତନ୍ତ୍ର ସଂପର୍କ ରହିଥିବା କହିଛନ୍ତି । କେବଳ ସେତିକି ନୁହେଁ ଭାରତ-ରୁଷିଆର ସଂପର୍କକୁ ବୁଝାଇବାକୁ ସେ କହିଛନ୍ତି ଯେ ଭାରତ ନିଜର ସ୍ୱାଧୀନତା ପାଇଁ ସଂଗ୍ରାମରତ ଥିବା ସମୟରୁ ସୋଭିଏତ ସଂଘ ବେଳୁ ଏହି ସଂପର୍କ ରହିଆସିଛି । ସେ କହିଛନ୍ତି, "ଭାରତରେ ସେମାନେ ଏକଥା ମନେପକାଇଥାନ୍ତି,ସେମାନେ ଏକଥା ଜାଣନ୍ତି ଏବଂ ଏହାକୁ ଗୁରୁତ୍ୱ ଦେଇଥାନ୍ତି । ଭାରତ ଏକଥା ଆଜିଯାଏଁ ଭୁଲିନାହିଁ, ସେଥିପାଇଁ ଆମେ ପ୍ରଶଂସା କରିଥାଉ । ଭାରତ ସହ ଆମର ସ୍ୱାର୍ଥକୁ ନେଇ କେବେ ବି ସମସ୍ୟା ଉପୁଜିନାହିଁ ।"

ବାର୍ଷିକ ଦ୍ୱିପାକ୍ଷିକ ଶିଖର ବୈଠକ ପାଇଁ ପୁତିନ ଭାରତ ଗସ୍ତରେ ଆସିବା ସ୍ଥିର ହୋଇଛି । ଭାରତକୁ ଆସିବା ପୂର୍ବରୁ ବାଣିଜ୍ୟିକ ସନ୍ତୁଳନ ରକ୍ଷା ପାଇଁ ସେ ତାଙ୍କ ସରକାର, ଉପ-ପ୍ରଧାନମନ୍ତ୍ରୀ ଡେନିସ ମଣ୍ଟୁରୋଭଙ୍କୁ ଆବଶ୍ୟକ ପଦକ୍ଷେପ ନେବାଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏକଥା ସତ ଯେ ଭାରତ ଯେତିକି ପରିମାଣର ତୈଳ ରୁଷିଆଠାରୁ କ୍ରୟ କରୁଛି ସେହି ଅନୁପାତରେ ରୁଷିଆ ଭାରତଠାରୁ ବସ୍ତୁ କ୍ରୟ କରୁନାହିଁ । ଦୁଇରାଷ୍ଟ୍ରର ଦୂରତା ଏବଂ ଯୋଗାଯୋଗର ଅସୁବିଧାରୁ ଚୀନ ଅଧିକ ଫାଇଦା ନେଉଛି । ତେଣୁ ଆଗାମୀ ଦିନରେ ଭାରତଠାରୁ ଔଷଧ, ଖାଦ୍ୟଦ୍ରବ୍ୟ, ପନିପରିବା ଆଦି ରୁଷିଆ କ୍ରୟକରିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଦୁଇଦେଶର ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ ଅଧିକ ମଜଭୁତ କରିବାକୁ ସେ କହିଛନ୍ତି । ସୁଖୋଇ-୫୭ ଯୁଦ୍ଧବିମାନର ଭାରତରେ ଉତ୍ପାଦନ, ବିକ୍ରୟ ପାଇଁ ଲାଇସେନ୍ସ ପ୍ରଦାନ, ନାସିକସ୍ଥିତ ସୁଖୋଇ ନିର୍ମାଣ କେନ୍ଦ୍ରଠାରେ ହାଲ୍ ପରିସରରେ ଏହାର ସୁବିଧାରେ ଉତ୍ପାଦନ, ଏସ୍-୫୦୦ ସୁରକ୍ଷା ବ୍ୟବସ୍ଥା ପ୍ରଦାନ, ହାଇପରସୋନିକ କ୍ଷେପଣାସ୍ତ୍ର ପ୍ରଦାନ, ବ୍ରହ୍ମୋସ୍ତ୍ରର ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଟେକ୍‌ନୋଲୋଜୀ ପ୍ରଦାନ, ଦୁଇରାଷ୍ଟ୍ରର ମିଳିତ ଯୁଦ୍ଧାସ୍ତ୍ର ଉତ୍ପାଦନ ଉପରେ ଦୃଷ୍ଟିଦେବାକୁ ପୁତିନ ପ୍ରକାଶ କରିଛନ୍ତି । ଭାରତ ଫ୍ରାନ୍ସଠାରୁ ରାଫେଲ କ୍ରୟ ପାଇଁ ଚୁକ୍ତି କରିଥିବା ସ୍ଥଳେ ପୁତିନ ସୁଖୋଇ-୫୭ ପରି ଅତ୍ୟାଧୁନିକ ପଞ୍ଚମପିଢୀର ଯୁଦ୍ଧବିମାନ ଭାରତକୁ ପ୍ରଦାନକରି ପ୍ରତିରକ୍ଷା ସହଯୋଗ ବୃଦ୍ଧିକରିବା ସହ ଭାରତର ସହାୟତାରେ ଭାରତରେ ରୁଷିଆର ଯୁଦ୍ଧାସ୍ତ୍ର ଉତ୍ପାଦନ କରିବାକୁ ଚାହୁଁଛନ୍ତି । ଏହାର କାରଣ ହେଲା ରୁଷିଆପରି ଭାରତରେ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ଅଣସରକାରୀ ଶିଳ୍ପଗୁଡିକ ଗଢି ଉଠିବା ଫଳରେ ପୁଞ୍ଜି ଯୋଗାଣ ସହଜ ହୋଇଛି । ଭାରତର ଦ୍ରୁତ ଅର୍ଥନୀତି ଏବଂ ଆବଶ୍ୟକତା ଦୃଷ୍ଟିରୁ ପ୍ରତିରକ୍ଷା କ୍ଷେତ୍ର ପାଇଁ ବଜେଟ ପରିମାଣ ବୃଦ୍ଧିହେବା ରୁଷିଆ ପାଇଁ ଅନ୍ୟ ଏକ ଆକର୍ଷଣ । ଏହାଛଡା ରୁଷିଆର ପ୍ରତିରକ୍ଷା ଉତ୍ପାଦନ ଆମେରିକା ଏବଂ ୟୁରୋପ ତୁଳନାରେ ଶିଥିଳ ହେବା ଯୋଗୁ ଭାରତ ରୁଷିଆଠାରୁ ଠିକଣା ସମୟରେ ସାମଗ୍ରୀ ନପାଇ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକରୁ ମଧ୍ୟ କ୍ରୟ କରିବାକୁ ବାଧ ହୋଇଛି । ବିଗତ ବର୍ଷମାନଙ୍କରେ ଆଭ୍ୟନ୍ତରୀଣ ସମସ୍ୟା ଏବଂ ଯୁଦ୍ଧ ଯୋଗୁ ରୁଷିଆର ପ୍ରତିରକ୍ଷା କ୍ଷେତ୍ର ଦୁର୍ବଳ ହୋଇଛି । ଏପରିକି ଯେଉଁସବୁ ରାଷ୍ଟ୍ର ପୂର୍ବରୁ ଯୁଦ୍ଧ ବିମାନ କ୍ରୟ କରିଛନ୍ତି ସେମାନଙ୍କୁ ଆବଶ୍ୟକ ମରାମତି ସୁବିଧା ମଧ୍ୟ ରୁଷିଆ ଠିକଣା ସମୟ ମଧ୍ୟରେ ଦେବାକୁ ସକ୍ଷମ ହୋଇନାହିଁ । ଆଗାମୀ ଦିନରେ ପ୍ରତିରକ୍ଷା ସାମଗ୍ରୀର ବ୍ୟାପକ ଉତ୍ପାଦନ ଏବଂ ରପ୍ତାନୀ ପାଇଁ ଭାରତ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛି । ରୁଷିଆ ଏଥିରେ ସାମିଲ ହେଲେ ନିଜର ବହୁ ସାମଗ୍ରୀକୁ ବିକ୍ରି କରିପାରିବ ବୋଲି ମନେକରୁଛି ।

ଷାଠିଏ ଦଶକରୁ ସୁକୋଇ-୩୦ର ନିର୍ମାଣରେ ଭାରତ ସାମିଲ ହୋଇଆସିଛି । ଚୀନପରି ରୁଷିଆର ଟେକ୍‌ନୋଲୋଜୀ ଚୋରିକରି ଭାରତ ରିଭର୍ସ ଇଞ୍ଜିନିୟରିଂ ବଳରେ ରୁଷିଆକୁ ଠକିନାହିଁ ବରଂ ବ୍ରହ୍ମୋସ୍ତ୍ରକୁ ଅଧିକ ଘାତକ କରି ଶକ୍ତିଶାଳୀ କରିଛି । ଏପରିକି ମିଗ୍ -୨୧ ପରି ବହୁପୁରୁଣା ଯୁଦ୍ଧ ବିମାନକୁ ବ୍ୟବହାରକରି ପାକ୍ ବ୍ୟବହାର କରୁଥିବା ଆମେରିକା ନିର୍ମିତ ଆଧୁନିକ ଯୁଦ୍ଧବିମାନ ଏଫ୍-୧୬କୁ ଚତୁରତାର ସହ ନଷ୍ଟ କରିବାକୁ ସକ୍ଷମ ହୋଇପାରିଛି । ରୁଷିଆର ପ୍ରତିରକ୍ଷା ସାମଗ୍ରୀ ବ୍ୟବହାର କରି ଭାରତ ଅନେକ ସମୟରେ ରୁଷିଆ ତୁଳନାରେ ଅଧିକ ସଫଳତା ପାଇଛି । ତେଣୁ ଭାରତରେ ରୁଷିଆର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ହେଲେ ଅଧିକ ପୁଞ୍ଜିଯୋଗାଣ ସହଜ ହେବା ସହ ସୁବିଧାରେ ଶ୍ରମଶକ୍ତି ମଧ୍ୟ ମିଳିବ । ରୁଷିଆରେ ଆବଶ୍ୟକ ଶ୍ରମଶକ୍ତି ଅଭାବରୁ ବହୁକ୍ଷେତ୍ର ଲକ୍ଷ୍ୟ ହାସଲ କରିପାରୁନାହିଁ । ସୀମିତ ଜନସଂଖ୍ୟା, ବିସ୍ତୃତ ଅଞ୍ଚଳ, ସୀମିତ ପୁଞ୍ଜି ଏବଂ ବାରମ୍ବାର ଯୁଦ୍ଧ ହେବା ଫଳରେ ଜନସଂଖ୍ୟା ହ୍ରାସପାଇବା ଯୋଗୁ ରୁଷିଆପାଇଁ ଏବେ ସମସ୍ୟା ଦେଖାଦେଇଛି । ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ରୁଷିଆର ପ୍ରାଧାନ୍ୟ ହ୍ରାସ ପାଇଁ ସବୁବେଳେ ଉଦ୍ୟମ କରିଆସୁଥିବା ଦୃଷ୍ଟିରୁ ନିଜର ସ୍ଥିତିକୁ ମଜଭୁତ କରି କାଏମ୍ ରଖିବାକୁ ପୁତିନ ଭାରତର ସହାୟତା ଚାହୁଁଛନ୍ତି ।

ଏକଥା ସତ ଯେ ଭାରତ ରୁଷିଆଠାରୁ ଶସ୍ତା ତୈଳ କ୍ରୟକରି ଯେମିତି ନିଜ ବଜାରକୁ ସ୍ଥିର ରଖିବାକୁ ସମର୍ଥ ହୋଇଛି ଠିକ୍ ସେହିପରି ରୁଷିଆ ଯୁଦ୍ଧକୁ ଜାରି ରଖିବାକୁ ଭାରତ ପରି ବଡ ରାଷ୍ଟ୍ରର ବଜାର ସହାୟତା ମଧ୍ୟ ପାଇଛି । ଆମେରିକା ଏବଂ ୟୁରୋପର ସମାଲୋଚନା, ଚାପ, ଏପରିକି ଆର୍ଥିକ କଟକଣା ସତ୍ତ୍ୱେ ଭାରତ ବନ୍ଧୁତା ଦୃଷ୍ଟିରୁ ରୁଷିଆକୁ ଛାଡି ନାହିଁ ବରଂ ଏଥିପାଇଁ ଅଧିକ କଠୋର ହୋଇ ଜବାବ ମଧ୍ୟ ଦେଇଛି । ଆମେରିକା, ୟୁରୋପୀୟ ରାଷ୍ଟ୍ର ସମୂହ ଭାରତକୁ ନାଲି ଆଖି ଦେଖାଇବାକୁ ଚେଷ୍ଟାକରି ଭାରତ-ରୁଷିଆ ବନ୍ଧୁତାକୁ ଦୁର୍ବଳ କରିବାକୁ ଉଦ୍ୟମ କରି ସଫଳ ହୋଇପାରିନାହାନ୍ତି । ବିଦେଶୀ ରାଷ୍ଟ୍ରଗୁଡିକ କଂଗ୍ରେସର ନେତା ରାହୁଲଙ୍କୁ ନିଜ ଦେଶକୁ ଡକାଇ ତାଙ୍କ ମୁହଁରେ ଭାରତ ବିରୋଧୀ ବକ୍ତବ୍ୟ ପ୍ରକାଶ କରାଇଛନ୍ତି । ଭାରତର ସମ୍ବିଧାନ ଏବଂ ସେନାବାହିନୀକୁ କେନ୍ଦ୍ରକରି ବିବଦମାନ ବୟାନ ଦେବାକୁ ପ୍ରୋତ୍ସାହିତ କରିଛନ୍ତି । ଭାରତର ଗଣତନ୍ତ୍ର ଏବଂ ବିଧି-ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ଛିଡା କରିବାକୁ ପ୍ରୟାସ କରାଯାଇଛି । ଏପରିକି ପାକ୍‌ର ମିଛ ପ୍ରଚାର ଦେଖି କଂଗ୍ରେସ ଦଳ ପକ୍ଷରୁ ରୁଷିଆ କାହିଁକି ପାକିସ୍ଥାନକୁ କ୍ଲିମୋଭ-୯୩ ଏମ୍ଏ ଇଞ୍ଜିନ ଚୀନର ଜେଫ-୧୭ ଥଣ୍ଡରରେ ଲଗାଇବାକୁ ବିକ୍ରି କରୁଛି ବୋଲି ମୋଦି ସରକାରଙ୍କୁ ପ୍ରଶ୍ନ କରିଥିଲା । ଜୟରାମ ରମେଶଙ୍କ ଏହି ଅଭିଯୋଗର ଉତ୍ତରରେ ରୁଷିଆ ପକ୍ଷରୁ ଏହା ଭାରତ- ରୁଷିଆ ବନ୍ଧୁତା ବିରୋଧୀ ଗୋଷ୍ଠୀର ଷଡଯନ୍ତ୍ର ବୋଲି କୁହାଯାଇଛି । ହେଲେ ଭାରତର ସରକାର ଏହିସବୁ ଦେଶ ବିରୋଧୀ ଅଭିଯାନର ସାମ୍ନା କରିଛନ୍ତି ।

ମଣିପୁରରେ ବିଦେଶୀଶକ୍ତି ଦଙ୍ଗା ଗୋଳ ସୃଷ୍ଟି କରିଛନ୍ତି । ଇସଲାମିଷ୍ଟ ଜିହାଦିମାନେ ଅନେକ ସମୟରେ ଅଯଥାରେ ଦଙ୍ଗାଗୋଳ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି । କେନ୍ଦ୍ର ସରକାରଙ୍କୁ ଭୟ ଦେଖାଇବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଭାରତ ସରକାର ସେହିସବୁ ବିଦେଶୀ ଅର୍ଥରେ ଲାଳିତ-ପାଳିତ, ପ୍ରତିପୋଷିତ ଶକ୍ତିଗୁଡିକୁ ଦମନ କରିବାରେ ସକ୍ଷମ ହୋଇଛନ୍ତି । ନିଜର ବିଦେଶୀ ନୀତିକୁ ବିଭ୍ରାନ୍ତ ହେବାକୁ ସୁଯୋଗ ଦେଇନାହାନ୍ତି । ପାରମ୍ପାରିକ ବନ୍ଧୁ ରୁଷିଆ ସହ ସଂପର୍କ ଠିକଣା ଢଙ୍ଗରେ ରଖି ପାରମ୍ପାରିକ ଶତ୍ରୁ ପାକ୍-ଚୀନ, ତୁର୍କୀ ଓ ଆମେରିକାର ସାମନା କରି ଆସିଛନ୍ତି । ଏପରିକି ଏହି ଗୋଷ୍ଠୀ ଶେଷରେ ଭାରତ ଉପରେ ଯୁଦ୍ଧ ଲଦିବାକୁ ଚେଷ୍ଟାକରି ଜବରଦସ୍ତ ଉତ୍ତରପାଇ ଚକିତ ହୋଇଛନ୍ତି । ଆମେରିକା ଏବଂ ଚୀନର ୧୦ରୁ ଅଧିକ ଯୁଦ୍ଧ ବିମାନ ଏବଂ ତୁର୍କୀର ଡ୍ରୋନଗୁଡିକୁ ଭାରତୀୟ ସେନା ନଷ୍ଟକରି ନିଜର ଦକ୍ଷତାକୁ ଅପରେସନ ସିନ୍ଦୂର ସମୟରେ ପ୍ରଦର୍ଶିତ କରି ଦକ୍ଷିଣ ଏସିଆରେ ଭାରତର ଶକ୍ତି ସଂପର୍କରେ ଚେତାଇ ଦେଇଛନ୍ତି । ଏଥିରେ ପାଗଳାକୁକୁର ପରି ଟ୍ରମ୍ପ ଔଷଧ ବିକଳରେ ତାଟିଆ କାମୁଡିବା ପାଇଁ ଚେଷ୍ଟାକରି ଭାରତ ବିରୋଧରେ ପ୍ରବେଶ ଶୁଳ୍କ,କଟକଣା,ଭିସା କଟକଣା ଆଦି ଲଗାଇ ଭାରତର ଅର୍ଥନୀତିକୁ ନଷ୍ଟ କରିବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇନାହାନ୍ତି । ଭାରତର ରପ୍ତାନୀ ଅଗଷ୍ଟ ମାସରେ ପାଖାପାଖି ୧୦ପ୍ରତିଶତ ବୃଦ୍ଧିପାଇଛି । ଲଢେଇ ଫ୍ରଣ୍ଟରେ ଭାରତର ସଫଳତା ପୁତିନଙ୍କୁ ଯଥେଷ୍ଟ ସନ୍ତୋଷ ପ୍ରଦାନ କରିଛି । ଆମେରିକା ଏବଂ ତାର ସହଯୋଗୀମାନଙ୍କୁ କୂଟନୀତିକ କ୍ଷେତ୍ରରେ ଭାରତର ଜବାବ, ଯୁଦ୍ଧ କ୍ଷେତ୍ରରେ ମାଡ, ଆର୍ଥିକ କ୍ଷେତ୍ରରେ ଚକ୍‌ମା ଦେଖାଇବାକୁ ସକ୍ଷମ ହୋଇଛି ।

ଏବେ ପୁତିନ ଆଉ ଏକ ଚାଲ ଖେଳି ଭାରତକୁ ଉତ୍ତରମେରୁ ଗୋଷ୍ଠୀରେ ସାମିଲ କରିବାକୁ ନିମନ୍ତ୍ରଣ ଦେଇଛନ୍ତି । ସାଧାରଣତଃ ଉତ୍ତରମେରୁ ନିକଟବର୍ତ୍ତୀ ଅଞ୍ଚଳର ରାଷ୍ଟ୍ରଗୁଡିକ ସହ ଚୀନ ଏହି ଗୋଷ୍ଠୀରେ ସକ୍ରିୟ ଥିବା ସମୟରେ ପୁତିନ ପାଞ୍ଚହଜାର କିଲୋମିଟର ଦୂରରେ ରହିଥିବା ଭାରତକୁ ଏହି ଗୋଷ୍ଠୀରେ ସାମିଲ କରିବାକୁ ଚାହିଁଛନ୍ତି । ତା'ର କାରଣ ହେଲା ମେରୁ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଚୁର ପ୍ରାକୃତିକ ସଂପଦ ଯଥା ତୈଳ, ଗ୍ୟାସ, ମହାସାଗରୀୟ ଖଣିଜ ସଂପଦ ରହିଛି । ସେ ସବୁର ଉପଯୋଗ ଲାଗି ରୁଷିଆକୁ ଅର୍ଥବଳ ଏବଂ ଜନବଳ ଦରକାର ହେଉଛି । ମେରୁ ଅଞ୍ଚଳ ଦିନକୁଦିନ ଜନଶୂନ୍ୟ ହେଉଥିବାରୁ ରୁଷିଆର ଚିନ୍ତା ବଢିଛି । ଆଗାମୀ ଦିନରେ ପୂର୍ବ ରୁଷିଆରେ ଚୀନ ସମସ୍ୟା ସୃଷ୍ଟି କରିପାରେ ବୋଲି ରୁଷିଆର ଆଶଙ୍କା ରହିଛି । କାରଣ ଭ୍ଲାଡିଭୋଷ୍ଟକ ଉପରେ ଚୀନ ନିଜର ଦାବି ଉପସ୍ଥାପନ କରିସାରିଛି । ଚୀନର ବଢୁଥିବା ପ୍ରଭୁତ୍ୱକୁ କେବଳ ଭାରତ ଏକମାତ୍ର ରାଷ୍ଟ୍ରଭାବେ ସାମ୍ନା କରିବାକୁ ସକ୍ଷମ ହୋଇଛି । ତେଣୁ ଚୀନ ବିରୁଦ୍ଧରେ ଲଢିବାକୁ ଏକ ସହଯୋଗୀ ରାଷ୍ଟ୍ରକୁ ନିଜ ସହ ମେରୁଗୋଷ୍ଠୀରେ ରଖିବାକୁ ପୁତିନ ଚାହୁଁଛନ୍ତି । ମେରୁ ଅଞ୍ଚଳରେ ଉତ୍‌ଖନନ, ଗବେଷଣା ପାଇଁ ପୁତିନ ଭାରତରେ ବରଫକୁ ଭାଙ୍ଗିପାରୁଥିବା ପୋତ ନିର୍ମାଣ କରିବାକୁ ମତ ଦେଇଛନ୍ତି । ଭାରତ ଏହି ପୋତ ନିର୍ମାଣ କଲେ ମେରୁ ଅଞ୍ଚଳରେ ନିଜର ଦକ୍ଷତା ବୃଦ୍ଧି କରିପାରିବ । ଏହାଛଡା ଭାରତରୁ ଦଶଲକ୍ଷ ଶ୍ରମିକଙ୍କୁ ମେରୁ ଅଞ୍ଚଳରେ ଖନନ ଏବଂ ନିର୍ମାଣ କାର୍ଯ୍ୟରେ ସାମିଲ କରିବାକୁ ପୁତିନଙ୍କ ଆଗ୍ରହ ରହିଛି । ଭାରତର ଜନଶକ୍ତି ରହିଥିବା ସମୟରେ ଆଗାମୀ ଦିନପାଇଁ ଇନ୍ଧନର ଆବଶ୍ୟକତା ରହିଛି । ତେଣୁ ଆଣବିକ ରିଆକ୍‌ଟର ସ୍ଥାପନାରେ ରୁଷିଆ ଭାରତକୁ ସହଯୋଗୀ କରି ତୈଳ ଓ ଗ୍ୟାସ ଉତ୍‌ଖନନ ଓ ବିକ୍ରୟକୁ ନିଶ୍ଚିତ କରିବାକୁ ଚାହୁଁଛି । ଏ କ୍ଷେତ୍ରରେ ଭାରତ ରୁଷିଆର ମେରୁ ଅଞ୍ଚଳରେ ପୂର୍ବରୁ ନିବେଶ କରିଥିବାରୁ ଆଗାମୀ ଦିନରେ ଅଧିକ ସକ୍ରିୟ ହେବା ପୁତିନଙ୍କ ଇଚ୍ଛା ରହିଛି । ଭାରତ ପାଇଁ ରୁଷିଆର ବଜାର ଖୋଲିବାକୁ ସେ କହିସାରିଛନ୍ତି । ଆମେରିକା, ନାଟୋ, ୟୁରୋପ ଓ ଚୀନ ବିରୁଦ୍ଧରେ ଭାରତକୁ ଶକ୍ତିଶାଳୀ ଏବଂ ବିଶ୍ୱାସଯୋଗ୍ୟ ସହଯୋଗୀ କରିବାକୁ ପୁତିନ ଆଗ୍ରହୀ ରହିଛନ୍ତି । କଠୋରରୁ କଠୋରତମ ପରିସ୍ଥିତିରେ ଅତୀତରେ ରୁଷିଆ ଯେପରି ଭାରତକୁ ସାହାଯ୍ୟ କରିଥିଲା ଏବେ ଭାରତ ମଧ୍ୟ ସେମିତି ରୁଷିଆକୁ ସାହାଯ୍ୟ କରୁଛି, ଯାହା ପୁତିନଙ୍କୁ ପ୍ରଭାବିତ କରିଛି । କାରଣ ପାଖପଡୋଶୀ ରାଷ୍ଟ୍ରଗୁଡିକ ରୁଷିଆର ବିରୋଧରେ ଯାଉଥିବା,ଏପରିକି ସୋଭିଏତ୍ ସଂଘ ଅନ୍ତର୍ଗତ ରାଷ୍ଟ୍ରଗୁଡିକ ପୁତିନଙ୍କୁ ବିରୋଧ କରିବା ସମୟରେ ଭାରତ ରୁଷିଆର ସମର୍ଥନରେ ହିମାଳୟ ପରି ଛିଡାହୋଇଛି ।

ରୁଷିଆ ବିଧିବଦ୍ଧ ଭାବେ ସୁଖୋଇ-୫୭ ଯୁଦ୍ଧବିମାନକୁ କିନ୍‌ଝଲ୍ ହାଇପରସୋନିକ କ୍ଷେପଣାସ୍ତ୍ର ସହ ଭାରତକୁ ବିକ୍ରି କରିବା ପାଇଁ ପ୍ରସ୍ତାବ ଦେଇଛି ।

(କ୍ରମଶଃ)

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

ଧାରାବାହିକ ଉପନ୍ୟାସ

# ମହାନାୟକ

## କ୍ଷୀରୋଦ ଦାସ



ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୩୧

*(ପୂର୍ବପ୍ରକାଶ ଉତ୍ତାରୁ*

କଲେଜ ମାଗାଜିନରେ ତାଙ୍କର ଗପଟିଏ ପ୍ରକାଶ ପାଇଛି। ଗଳ୍ପର ଆରମ୍ଭରେ ତାଙ୍କର ନାମ ଓ ଫଟୋ। ସବା ତଳକୁ ତାଙ୍କର ଶ୍ରେଣୀର ନାମ। କଲେଜରେ ସମସ୍ତେ ମାଗାଜିନ୍‌ରୁ ତାଙ୍କ ଗପଟିକୁ ପଢୁଛନ୍ତି ମନ୍ତ୍ରମୁଗ୍ଧ ହୋଇ! ରାତାରାତି ସେ ସାରା କଲେଜରେ ପାଲଟି ଯାଇଛନ୍ତି ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ। ପୁଅଝିଅ ନିର୍ବିଶେଷରେ ସମସ୍ତେ ବ୍ୟାକୁଳ ହୋଇ ଉଠୁଛନ୍ତି ତାଙ୍କ ସହ ପଦେ କଥା ହେବା ପାଇଁ। ତାଙ୍କ ହାତରେ ହାତ ମିଳାଇବା ପାଇଁ। ସେ ପାଲଟି ଯାଉଛନ୍ତି କଲେଜ ହୀରୋ। ଅଧ୍ୟାପକ / ଅଧ୍ୟାପିକାମାନେ ମଧ୍ୟ ତାଙ୍କ ପିଠିରେ ହାତମାରି ବାହାବା ଦେଉଛନ୍ତି। କଲେଜ ତାଙ୍କ ପାଇଁ ଗର୍ବିତ ବୋଲି ସ୍ୱୀକାର କରୁଛନ୍ତି।

ଏହିପରି ମଧୁର କଳ୍ପନାରେ ରାତି ପାହିଗଲା ସିନା, ଗପର ପ୍ରଥମ ଅକ୍ଷର କିନ୍ତୁ ଲେଖା ହୋଇ ପାରିଲାନି। ଗୋଟାଏ ଅଜବ ମାନସିକତା ଧୀରେ ଧୀରେ ତାଙ୍କୁ ଆକ୍ରାନ୍ତ କରୁଥିଲା। ସେ ବେଶି ବେଶି ନିରବ ହୋଇଯାଉଥିଲେ। ତା' ପରଦିନ ସେ କଲେଜ ଗଲେ ନାହିଁ। ବସିବା ସ୍ଥାନରୁ ଉଠିଲେ ନାହିଁ। ଅପୂର୍ବ ଏକ ଭାବନାରେ, ଅଦ୍ଭୁତ ଏକ ଶିହରଣରେ, ଅନନୁଭୂତି ଏକ ଉଦ୍ଦୀପନାରେ ସେ ଭାସି ଯାଉଥିଲେ କେଉଁ ଏକ ନାଁ ଅଜଣା, ଆଖି ଅଦେଖା, କାନ ଅଶୁଣା ସୁରମ୍ୟ ଉପତ୍ୟକାକୁ। ଅପରିଚିତ ଅଥଚ ସୁନ୍ଦର ଏକ ଉପବନକୁ, ଏକ ମନମୁଗଧକର ଇଲାକାକୁ।

ସେଇ ଉନ୍ମାଦିତ ଇଲାକାରେ କିଏ ଯେପରି କୁଢ଼େଇ ଦେଇଥିଲା ମହଣ ମହଣ ବାସ୍ନାୟିତ ଫୁଲ। କୁଆଡୁ ଭାସି ଆସୁଥିବା ଚମ୍ପା ଫୁଲର ଇନ୍ଦ୍ରିୟାଭିଭୂତ ମହକ। ଗଛ ଡାଳରୁ କୋଇଲି ବୋଲୁଥିଲା ମଧୁର ସ୍ୱରରେ ଗୀତ। ଚାରିଆଡେ କିଏ ଯେପରି ଢାଳି ଦେଇଥିଲା ବୋତଲ ବୋତଲ ସୁଗନ୍ଧିତ ଅତର। ଏକ ଅକଳ୍ପନୀୟ ଅବବୋଧର ସ୍ନିଗ୍ଧ ସରୋବରରେ ସୁମନ୍ତ ଅବଗାହନ କରୁଥିଲେ ବାରମ୍ବାର ... ବାରମ୍ବାର।

ସେ ଜମା ଚାହୁଁନଥିଲେ ପ୍ରକୃତିସ୍ଥ ହେବା ପାଇଁ। ଫେରି ଆସିବା ପାଇଁ ନିଜ ଭିତରକୁ। ସେହିପରି ତଲ୍ଲୀନ ଅବସ୍ଥାରେ ବିତି ଯାଆନ୍ତା କି ଦିନଟିଏ ... ମାସଟିଏ ବର୍ଷଟିଏ... ନା, ନା, ସାରା ପରମାୟୁ! ସେ ପ୍ରସ୍ତୁତ ଥିଲେ ଗୋଟିଏ ଜୀବନ ନୁହେଁ, ଗୋଟିଏ ଜୀବନ ବି ବାଜି ଲଗାଇ ଦିଅନ୍ତେ, ଏହିପରି ଦିବ୍ୟ ଅନୁଭବ ଭିତରେ ବୁଡି ରହିବା ପାଇଁ।

କେଜାଣି କେତେ ଯୁଗ ପରେ, ସୁମନ୍ତ ଯେବେ ପ୍ରକୃତିସ୍ଥ ହେଲେ, ତାଙ୍କ ସାମ୍ନାରେ ରହିଥିଲା ସଦ୍ୟଜାତ ଏକ ସୁନ୍ଦର ଶିଶୁ। ସିଧା କାଗଜର ପିଠି ଉପରେ ଲିଖିତ ପାଞ୍ଚ ପୃଷ୍ଠାର ସେଇ



ସରଳ ନିଷ୍ପାପ ଶିଶୁଟି ତାଙ୍କୁ ଚାହିଁ ହସୁଥିଲା ପୃଥିବୀର ସବୁଠୁ ସୁନ୍ଦର ହସଟିଏ। ସେଇ ହସ ଧୋଇ ନେଉଥିଲା ସାରା ବ୍ରହ୍ମାଣ୍ଡର ଯାବତୀୟ ଆବର୍ଜନା। ପୃଥିବୀ ପିନ୍ଧି ପକାଇଥିଲା ସବୁଜ ରଙ୍ଗର ଶାଢ଼ୀ, ତା' ଉତ୍ତର ପୁରୁଷକୁ କୋଳେଇ ନେବା ପାଇଁ। ଅପୂର୍ବ ଆଉ ଅପରୂପ ଦେଖା ଯାଉଥିଲା ତାର ରୂପକାନ୍ତି।

ତାଙ୍କ ସାମନାରେ ଥିଲା ତାଙ୍କର ସୃଜନ-ସନ୍ତାନ। ପାଞ୍ଚ ପୃଷ୍ଠାର ଗପ। ତାଙ୍କ ନିଜ ଗପ। ତାଙ୍କ ପ୍ରଥମ ଗପ। ତାଙ୍କ ପ୍ରିୟ ଗପ। ତାକୁ ନିର୍ନିମେଷ ନୟନରେ ସୁମନ୍ତ ଯେତେ ଦେଖୁଥିଲେ, ଶାନ୍ତ ହେଉନଥିଲା ତାଙ୍କ ଆଖି, ତାଙ୍କ ମନ ତାଙ୍କ ହୃଦୟ।

ସେଦିନ ବି ସୁମନ୍ତ କଲେଜ ଗଲେ ନାହିଁ। ବାହାରକୁ କୁଆଡେ ବାହାରିଲେ ନାହିଁ। ସଦ୍ୟ ପ୍ରସବ କରିଥିବା ମା'ବିଲେଇ ନିଜ ଛୁଆକୁ ଜଗି ବସିଥିବା ପରି ସେ ନିଜ ସୃଷ୍ଟିକୁ ଚାହିଁ ବସି ରହିଥିଲେ ସାରାଦିନ, ଗୋଟିଏ ସ୍ଥାନରେ।

"ଏ ଗପଟି ମୋର ଏକାନ୍ତ ମୌଳିକ ଗପ। ଏହାକୁ ମୁଁ କେଉଁଠାରୁ ଉତାରି ନାହିଁ କିମ୍ବା ଆଉ କାହା ଗପର ଚାୟାରେ ଲେଖିନାହିଁ।"

ଏତକ ସତ୍ୟପାଠ ସହ ଗପଟିକୁ ସେ ହସ୍ତାନ୍ତର କରିଥିଲେ ମାଗାଜିନ୍ ଦାୟିତ୍ୱରେ ଥିବା ଓଡ଼ିଆ ବିଭାଗ ପ୍ରଫେସର ମହେନ୍ଦ୍ର ସାର୍‌ଙ୍କୁ।

ହସ୍ତାନ୍ତର କରିଥିଲେ ଏବଂ ଫେରି ଆସିଥିଲେ ଅନେକ ରଙ୍ଗୀନ ନିଶା ଓ କଳ୍ପନାକୁ ସାଙ୍ଗରେ ଧରି। ମା' ପେଟରେ ଭ୍ରୁଣ ସଂଚାର ହେବା ଦିନଠାରୁ ସନ୍ତାନ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଯେଉଁ ଅବଧି, ତାହା ସେ କେତେ ମଧୁର ପୀଡାମୟ, କେତେ ଆନନ୍ଦମୟ, ତାହା ସେ ମର୍ମେ ମର୍ମେ ଅନୁଭବ କରୁଥିଲେ। ସେ ଭୁଲି ଯାଇଥିଲେ ଭୋକଶୋଷ। ରାତାରାତି ଧରି ଅନିଦ୍ରା ରହିଲେ ମଧ୍ୟ ନିଦ୍ରା ଆଦୌ ସ୍ପର୍ଶ କରୁନଥିଲା ତାଙ୍କ ଆଖିକୁ। ଅସ୍ଥିରତାର ସହ, ବ୍ୟଗ୍ରତାର ସହ ସେ ଅପେକ୍ଷା କରି ରହିଥିଲେ ନିଜର ସୃଜନ ସନ୍ତାନର ଜୀବନ୍ୟାସ ଦେଖିବା ପାଇଁ।

ଅନ୍ତହୀନ ସେଇ ପ୍ରତୀକ୍ଷାର କେବେ ଅବସାନ ହେବ, ସେଇ ଚିନ୍ତାରେ ସେ ମଗ୍ନ ଥିଲେ।

ସେଦିନ ଇଂରାଜୀ କ୍ଲାସ ଚାଲିଥାଏ। ମାଡାମ୍ ସୁଜାତା ନେଉଥାଆନ୍ତି କ୍ଲାସ। ଦେଖିବାକୁ ଖୁବ୍ ସୁନ୍ଦରୀ ଓ ସଂଭ୍ରାନ୍ତ। ଖୁବ୍ ଗମ୍ଭୀର ତାଙ୍କ ମୁହଁ ଓ ସ୍ୱର। ଗୋରା ତକତକ ଚେହେରା। ଆଭିଜାତ୍ୟପୂର୍ଣ୍ଣ ବେଶ ପୋଷାକ। ପିନ୍ଧନ୍ତି ସବୁବେଳେ ହାଲକା ରଙ୍ଗର ଶାଢ଼ୀ, ପ୍ରତିଦିନ ଅଲଗା ଅଲଗା। ଡାହାଣ ହାତରେ ପିନ୍ଧନ୍ତି ସୁନେଲି ବ୍ୟାଣ୍ଡର ଘଣ୍ଟା।

*(କ୍ରମଶଃ)*



## ବିଶେଷ କବିତା



### ଆମେ ଦୁହେଁ

**ରକ୍ଷକ ନାୟକ**

ସବୁ ଠିକ୍‌ଠାକ୍ ଥିଲା।
ଆମେ ଦୁହେଁ ଛନ୍ଦାଛନ୍ଦି ହେଇ
ଲଟେଇ ଯାଉଥିଲେ ଡ୍ରଇଁରୁମସାରା
ଝର୍କା ପାଖରେ ସନକ୍ଷତ୍ର ଆକାଶ
କାନପାରି ଆମ କଥା ଶୁଣୁଥିଲା।

ଆମର କୁଆଡ଼େ ନଜର ନଥିଲା
ମୋ ଭିତରେ ସେ ତା' ଭଳି
ତା' ଭିତରେ ମୁଁ ମୋ ଭଳି
ଖେଳ ଖୁବ୍ ଜମୁଥିଲା।

ଘର ଭିତର ଡ଼ାକରାରେ
ମୁଁ ଟିକେ ଫିଟିଗଲି, ଯେ
ଦେଖେଁ ବନ୍ଧୁ ଆଉ ନାହିଁ
ବୋଧେ ରୁଷି ଚାଲିଗଲା
ଏମିତି ହୁଦା'ସ ଚାଲିଯିବାର
କ'ଣ ବା କାରଣ ଥିଲା।

ଶୁଣ! ଶୁଣ! ଶୁଣ!
କୁଆଡ଼େ ଯାଉଛ
ବହୁ କଥା ବାକି ଅଛି
ଅନେକ ଗଣ୍ଠି ଫିଟାଇବାର ଅଛି।

ବନ୍ଧୁ ଚାଲିଛି ଏକ ମୁହାଁ
ଆଗକୁ ଆଗକୁ
ପଶ୍ଚିମ ଆକାଶରେ ସୂର୍ଯ୍ୟାସ୍ତ ପାଇଁ ସଜବାଜ
ମୋର ଗତି ଯେତେ ଦ୍ରୁତ ହେଉଛି
ତା'ର ବି ସେତିକି; ଏକପାତ
ଦୁହିଁଙ୍କ ଭିତରେ ମାତ୍ର ଛାଇଏ ଦୂରତା
ସମତାଳ; ଅତଳ କ୍ଳୀବକାଳ।
ରୁହ! ରୁହ!!
ବନ୍ଧୁ ରହିଯାଅ।
ତୁମେ ତ ଜାଣିଛ
ତୁମ ଥିଲାଯାକେ ମୁଁ
ନହେଲେ ମୁଁ କ'ଣ କେବେ ଥାଏ
ଥରେ ମୁଁ ହେଇଗଲେ
ଏ ମୁଣ୍ଡଳାରୁ ମୁକୁଳିବାକୁ
ଇଚ୍ଛା ହୁଏ ନାହିଁ।

ବନ୍ଧୁର ପାଦ ରୋକୁନାହିଁ
ସେ ବୋଧେ ଆଉ ପଛକୁ
ଫେରିବ ନାହିଁ
ଗଲା ବନ୍ଧୁ ବାହୁଡ଼ିବ ନାହିଁ
ତେବେ ମୁଁ କ'ଣ
ସୂର୍ଯ୍ୟାସ୍ତକୁ କିଛି କାଳ
ପାରିବି ଅଟକାଇ!

*ଦୂରଭାଷ : ୯୪୩୭୧୭୪୪୦*



### ପଶ୍ଚିମ ସାଗର ଆକର୍ଷ

**ଡ. ସୁନନ୍ଦା ତ୍ରିପାଠୀ**


ପଶ୍ଚିମ ସାଗର ଆଡ଼କୁ ପ୍ରଧାବିତା
ନଦୀ ସାବରମତୀ
କେଡେ ସାବଲୀଳ ଗତିରେ ବହିଚାଲିଚି,
କୂଳେ କୂଳେ ଯାର ଜମ୍ବୁ ଦେଶର କୁଞ୍ଜ,
ଜୁଥିକା, ବିତାନ,
ବନବନାନୀରେ କୋକିଳର କୁହୁତାନ।

ନଦୀର ଛାତିରେ ଛାତିଏ ପାଣି
ପାଣିରେ ସଫରିଙ୍କ ନୃତ୍ୟ ସହ
ଚିକ ମିକ ଜହ୍ନର ଜ୍ୟୋସ୍ନା,
କିଏ ବା ବଡ ଛାତିର ମଣିଷ
ଯିଏ ନବସିବ ଘଡ଼ିଏ ସେ
ନଈ ର କୂଳେ,
ଲତିକା କୁଞ୍ଜରେ ପିନ୍ଧାଇବାକୁ
ପ୍ରେମିକା ଗଭାରେ ବଣମଲ୍ଲି ମାଳା।

ଅଥଚ ନଈ ଯାଉଥିବ ବହି
ଦଣ୍ଡ, ମୂହୂର୍ତ୍ତ, ଲିତାରେ
ସେଇ ନଦୀ ତଟେ ଉର୍ଦ୍ଧ୍ୱରେତା
ଯୋଗୀ କେହି, ବସିଥିବ
ଧିଆନ ମୁଦ୍ରାରେ, ପର୍ଣ୍ଣ କୁଟୀରରେ,
କୁଟୀର ସାମ୍ନା ରେ କୁହୁଳୁଥିବ
ଜୀବନର ଯଜ୍ଞକୁଣ୍ଡ।

ଦିଆ ସରିଥିବ ପୂର୍ଣ୍ଣାହୁତି
ସେଇ ସବୁ ପ୍ରତିଫଳନକୁ
ଛାତିରେ ଯାକି,
ନଈ ହିଁ ଯାଉଥିବ ବହି
ମିଶିବାକୁ ପଶ୍ଚିମ ସାଗରେ।

*ପ୍ରଧାପିକା, ପିପିଲି କଲେଜ*
*ଦୂରଭାଷ : ୮୨୪୯୭୮୬୫୯୩*



### ପାର୍ବଣ ସରିବା ପରେ

**ନିରଞ୍ଜନ ସାହୁ**

ପାର୍ବଣ ସରିବା ପରେ ଆମ ଗାଆଁ
ଲାଗୁଥାଏ ଖାଆଁ ଖାଆଁ
ସଭିଙ୍କ ଆଖିରେ ଲୁହ ଜମିଆସେ
ଚାହୁଁ ଚାହୁଁ ଛାଆଁ ଛାଆଁ ।

ପୂଜା ମଣ୍ଡପରୁ ବିଦାୟ ନେଇକି
ଭସାଣି ହୁଅନ୍ତି ଦେବୀ
ବଞ୍ଚିଥିବ ଯଦି ଆର ବରଷକୁ
ମା ' ପାଦ ପାରିବ ସେବି
ଦେବୀଙ୍କୁ ବିଦାୟ ଦେଇଦେବା ପରେ
ଶୋକାକୁଳ ଲାଗେ ଗାଆଁ ।

ସୁନ୍ଦର ଭାବରେ ସଜା ହୋଇଥିବା
ଗାଆଁ ଲାଗେ ଛାରଖାର
ଉଠା ଦୋକାନୀଏ ଛାଡି ଚାଲିଯାନ୍ତି
ନ ହେବାରୁ କାରବାର
ଆଗ ପରି ଆଉ ଗାଆଁରେ ହୁଏନି
କଦାପି ଦଉଡ଼ ଧାଆଁ ।


ବନ୍ଧୁବାନ୍ଧବ ଯେ ବିଦା ହୋଇଯାନ୍ତି
ଘର ଲାଗେ ଖାଲିଖାଲି
ପରିବାର ଲୋକେ ଦୁଃଖ କରୁଥାନ୍ତି
ଖୁସି ଯାଇଥାଏ ଚାଲି
ଯାହାକୁ ଡାକିଲେ କେହି ଶୁଣେନାହିଁ
ଯେତେ ଡାକ ଧରି ନାଆଁ ।

ଲାଗଇ ଯେମିତି ଶିରୀ ହଜିଗଲା
ଦୂର ହୋଇଗଲା ଖୁସି
ସତେ ଅବା ଗାଆଁ ମନ ମାରିଦେଇ
ବସିଛି ଯାଇକି ରୁଷି
ଛୋଟ ପିଲାମାନେ ବଜାନ୍ତି ପେଁକାଳି
ଶୁଭୁଥାଏ ପେଁ ପାଆଁ ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ*
*ଦୂରଭାଷ : ୯୯୩୮୭୪୧୫୮୩*

## ପିଲାଙ୍କ ଦୁନିଆ





**ମଧୁସୂଦନ ରଣା**
ଷ୍ଟାଣ୍ଡାର୍ଡ - ୫
ତପୋବନ ଏକାଡେମୀ,
ଟିଟିଲାଗଡ - ୭୬୭୦୩୩

# ଧୂଆଁ

**ଲକ୍ଷ୍ମୀ ଚାନ୍ଦ୍**



*(ପୂର୍ବପ୍ରକାଶ ଉତ୍ତାରୁ)*

ମଡେଲିଂର ସେ ଯୋଉ ଚମକଦାର ଜୀବନ ତମେମାନେ କଣ ବୁଝିବ। ଆଉ ଯଦିବି ସେଥିରୁ ପଇସା ନ ଆସିଲା ତା ବାପାଙ୍କର କଣ ପଇସା ଅଭାବ ଅଛି? ଗୋଟିଏ ବୋଲି ପୁଅ ସେ। ସତରେ ମୋର ସବୁଆଡୁ ଖୁସି।

ରାହୁଲ ଏମଟେକ୍ କରି କୌଣସି ଏକ ବହୁରଷ୍ଟ୍ରୀୟ କମ୍ପାନୀରେ ଲକ୍ଷେ ଟଙ୍କା ବେତନରେ କାମ କରୁଥିଲା। ସତରେ ଚାକିରି କରିବା ତାର ପସନ୍ଦ ନଥିଲା। ମଡେଲିଂ ପାଇଁ ସେ ପ୍ରଥମରୁ ପ୍ରସ୍ତୁତ ହେଉଥିଲା। ସେଯାଏଁ ତାକୁ ସେମିତି କିଛି ସୁଯୋଗ ମିଳିନଥିଲା। ତେବେ ତାର ବଳିଷ୍ଠ ଚେହେରା ଉପରେ ତାର ଖୁବ୍ ଭରସା ଥିଲା। ତାକୁ ଯେ ଦିନେ ବଡ ଅଫର ମିଳିବ ଏ କଥା ସେ ବନ୍ଧୁମହଲରେ କହୁଥିବାର ସୋମା ଶୁଣିଥିଲା। ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ କାନ୍ଥରେ ଟଙ୍ଗାଇବା ତାର ସଉକ ଥିଲା। ତା ରୁମସାରା ବିଭିନ୍ନ ମଡେଲଙ୍କ ଫଟୋ ଲଗାଇବା ସହ ସେହି ପୋଜରେ ତାର ମଧ୍ୟ ଏକ ଫଟୋ ସେ ନିଶ୍ଚୟ ରଖୁଥିଲା। ବୋଧେ ନିଜକୁ ସେମାନଙ୍କ ସହ ତୁଳନା କରି ଆତ୍ମସଂତୋଷ ପାଉଥିଲା। କେହି ତାକୁ ମଡେଲିଂ ଉପରେ କହିଲେ ସେ ତାର ପ୍ରିୟ ମଣିଷ ପାଲଟି ଯାଉଥିଲା। କିଛି ଚାମଚା ଏଥିପାଇଁ ତା ପାଖ ଛାଡୁନଥିଲେ। ମଡେଲିଂ ଓ ସିନେମା ହିରୋର ଦ୍ୱାହି ଦେଇ ତାଠୁ ବେଶ୍ ଝଡାଉଥିଲେ।

ବାପା ଟିକେ ଆଶଙ୍କା କରୁଥିଲେ-ପିଲାଟା ଅଧିକ କଳ୍ପନା ବିଳାସୀ। ଦଳେ ଅକର୍ମା ଧରି ଘୂରିବୁଲୁଛି। ଚିନ୍ତା କରିବାର କିଛି ନାହିଁ, ବାହାଘର ହୋଇଗଲେ ସବୁ ଠିକ ହୋଇଯିବ।

ମାଆ ଆଖି ତରାଟି ପଚାରିଲେ ତୀରଟା କାହା ଉଦ୍ଦେଶ୍ୟରେ?

ହସରେ ଘର ଫାଟିଉଠିଲା।

-ମିଲିନ୍ଦ ସୋମନ ପରି ଲାଗ ତୁମେ ମୋତେ କୌଣସି ଗୋଟେ ଉତ୍ସବରେ ଉଭୟ ପରିବାର ଏକାଠି ହୋଇଥିଲାବେଳେ ସୋମା ରାହୁଲକୁ କହିଥିଲା।

-କଣ କହିଲ କଣ କହିଲ? ଆଉଥରେ କହିଲ?

-ମଡେଲ ନାଁ ଟା ଶୁଣିବା ପାଇଁ ଏତେ ଆଗ୍ରହ! ମୁଁ କହିଲି ତୁମେ ମୋତେ ମିଲିନ୍ଦ ସୋମନ ଦ ବେଷ୍ଟ ମଡେଲ ପରି ଲାଗ।

-ଆଃ ସୋମା ସତ କହୁଛ?

-ଆରେ ଯାହା ଦେଖିଲି ତାହା କହିଲି, ଏଥିରେ ମିଛର ପ୍ରଶ୍ନ ଆସିଲା କୁଆଡୁ?

ସେଇଦିନଠୁ ରାହୁଲ ତାକୁ ତାର ବ୍ୟକ୍ତିଗତ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ବୋଲି ମାନୁଥିଲା ଓ ମାନ୍ୟତା ଦେଉଥିଲା। ସୋମା ବି ତା ଉପରେ ହକ୍ ଜମାଉଥିଲା। ତେବେ ପ୍ରେମ ଫ୍ରେମ ବ୍ୟାପାରକୁ କଥାଟା ଯାଇନଥିଲା। ଯିଏ ଯାହା ରାସ୍ତାରେ ଚାଲିଥିଲେ। ଏବେ ତା ସହ ବିବାହ ପ୍ରସ୍ତାବ ପଡିଲାଦିନୁ ସୋମା ଜାଣିପାରୁଛି କୋଉଠି ହେଲେ ବି ଏ ଚମତ୍କାର ରାହୁଲ ସୃଷ୍ଟି କରିଛି। ସିଏ ତା ବାପା ମାଆଙ୍କୁ ତା ଘରକୁ ବିବାହ ପ୍ରସ୍ତାବ ଦେଇ ପଠାଇଥିଲା। ଅଥଚ ଯାଦୁଗର କେତେବେଳେ ଏତେ କାମ କଲା ସେ ସୁରାଗ ପାଇଲାନି।

ରାହୁଲ ଖବର ଦେଲା ସେ ସୋମାକୁ ନିରୋଳାରେ ଭେଟିବାକୁ ଚାହୁଁଛି।

ସୋମା ମନେ ମନେ ଭାବିଲା ଖାଲି ମିଲିନ୍ଦ ସୋମନ ପସନ୍ଦ ହେଲାନି ବାବୁଙ୍କର ଆଉ କିଛି ମଡେଲଙ୍କ ନାଁ ଦରକାର।

ସୋମାକୁ ଦେଖୁ ଦେଖୁ ରାହୁଲ ତା ହାତ ବଢାଇ କହିଲା ଆମେ ଦୁହେଁ ଜାଣିଛେ ଆମେ ଏଠି କାହିଁକି ଭେଟ ହୋଇଛେ।

-ହମମ ନିଶ୍ଚୟ। ମୁଁ ତୁମକୁ ଖାଲି ମିଲିନ୍ଦ ସୋମନ ନୁହେଁ, ରୋହିତ ଖାଣ୍ଡେଲୱାଲା, ନିତିନ ଚୌହାନ, ମାର୍କ ରବିନସନ କିମ୍ବା ସିକ୍ସ ପ୍ୟାକ ବାଲା ଗୌରବ ଆରୋରା ମଧ ଭାବେ। ତେବେ ତୁମେ ମଡର୍ଣ୍ଣ ହେୟାର କଟ୍ ରଖିଛ ସେଥିପାଇଁ ଆନ୍ତର୍ଜାତୀୟ ମଡେଲ ସିନ ଓପ୍ରି, ଲୁକା ସାବତ କି ଟାଇସନ ବେକଫୋର୍ଡ ବି କହିପାରେ। ତେବେ ତୁମ ବଡି ଠିକଠାକ୍ ଥିଲେ ବି ବିଲ୍ଡିଂ ଏ ପର୍ଯ୍ୟନ୍ତ ହୋଇପାରିନି ବୋଲି ଲାଗୁଛି। ସିକ୍ସ ପ୍ୟାକ ତ ଏ କ୍ଷେତ୍ରରେ ନିହାତି ଜରୁରୀ। ଶୁଣିଥିଲି ବାହୁବଳୀ ସିନେମାର ହିରୋ ବଡି ବିଲ୍ଡିଂ ପାଇଁ ପ୍ରତିଦିନ ୪୦ଟା ଅଧାସିଝା ଅଣ୍ଡା ଖାଉଥିଲା। ତୁମ ଡାଏଟିସିଆନ କଣ କହୁଛି?

ସୋମା ଭାବୁଥିଲା ରାହୁଲ କହିବ ମୋର ଡାଏଟିସିଆନ ତ ତୁମେ। ତୁମେ ଏଣିକି ମୋର ସ୍ୱାସ୍ଥ୍ୟର ଖବର ରଖିବ। ଅଥଚ ରାହୁଲ ତାକୁ ଠିକ ଓଲଟା କହିଲା। *(କ୍ରମଶଃ)*

### ଏକ ପେଡ୍ ମା କେ ନାମ ୨.୦

# ରାଜ୍ୟ ସ୍ତରୀୟ ତଦାରଖ କମିଟି ବୈଠକ



**ଭୁବନେଶ୍ୱର :** 'ଏକ ପେଡ଼୍ ମା'କେ ନାମ" ୨.୦ କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ବୃକ୍ଷ ରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସ୍ଥିରୀକୃତ ବିସ୍ତୃତ ନିୟମାବଳୀ ଆଧାରରେ ରାଜ୍ୟ ସ୍ତରୀୟ ତଦାରଖ କମିଟିର ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଲେ ଯେ ଚାରା ଗଛ ବଞ୍ଚିବା ଏବଂ ଏହାର ବୃଦ୍ଧି ଉପରେ ଏକ ପେଡ୍ ମା କେ ନାମ' ୨.୦ର ସଫଳତା ନିର୍ଭର କରେ। ମାର୍ଗଦର୍ଶିକା ଅନୁଯାୟୀ ବୃକ୍ଷ ରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସରକାରୀ ଭାବେ ଆମେ ସମସ୍ତେ ଯତ୍ନବାନ ହେବା ଦରକାର। ୧୭ ସେପ୍ଟେମ୍ବର ୨୦୨୫ରେ ବ୍ୟାପକ ବୃକ୍ଷରୋପଣର ଏକ ମାସ ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ୟାପକ ବୃକ୍ଷରୋପଣ ପରେ, ତ୍ରିସ୍ତରୀୟ ନିରୀକ୍ଷଣ ଓ ଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ଦୃଢ଼ ନିରୀକ୍ଷଣ ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ୨୨ ସେପ୍ଟେମ୍ବର ୨୦୨୫ ରେ ମିଳିତ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ଏହି ବୈଠକରେ ଗାଇଡଲାଇନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଓଆରଏସଏସି ଆଧାରିତ ମନିଟରିଂ ୱେବ ପୋର୍ଟାଲର ଏକ ପ୍ରଦର୍ଶନ କରାଯାଇଥିଲା। ବୃକ୍ଷ ଗୁଡ଼ିକ ବଞ୍ଚିବା ଉପରେ ନଜର ରଖିବା ପାଇଁ ଏହି ପୋର୍ଟାଲ ଏକକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏହାର ପ୍ରଭାବଶାଳୀ ଉପଯୋଗକୁ ସୁଗମ କରିବା ପାଇଁ କ୍ଷେତ୍ରୀୟ ଅଧିକାରୀଙ୍କ ପାଇଁ ଆଗାମୀ ଦିନରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲ୍ଲା ଓ ବିଭାଗମାନଙ୍କ ସମନ୍ୱିତ ପ୍ରୟାସ ଓ ସକ୍ରିୟ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ କହିଥିଲେ ଯେ "ଏକ ପେଡ଼୍ ମା' କେ ନାମ ୨.୦" ଅଭିଯାନର ସଫଳତା ମାତ୍ର ଗଛ ରୋପଣରେ ନୁହେଁ, ବରଂ ପ୍ରତ୍ୟେକ ଗଛର ଅବିଚ୍ଛିନ୍ନ ଅସ୍ତିତ୍ୱ ଓ ସୁସ୍ଥ ବୃଦ୍ଧି ନିଶ୍ଚିତ କରିବାରେ ରହିଛି। ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ, କୃଷି, ପଞ୍ଚାୟତୀ ରାଜ, ଉଦ୍ୟାନ ଏବଂ ଓଡ଼ିଶା ରିମୋଟ ସେନ୍ସିଂ ଆପ୍ଲିକେସନ ସେଣ୍ଟରର ବରିଷ୍ଠ ଅଧିକାରୀମାନଙ୍କ ସମେତ ସମସ୍ତ ଜିଲ୍ଲାପାଳ, ବିଭାଗୀୟ ବନ ଅଧିକାରୀ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନ୍ଧାରରେ ...

ବୋର୍ଡର ଅନ୍ୟ ଦୁଇ ସଦସ୍ୟ ଅବିନାଶ କୁମାର ଓ ସୁବାସ ଚନ୍ଦ ପଣ୍ଡାଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏହି ବୈଠକର ବିବରଣୀ ଅନୁସାରେ ସେପ୍ଟେମ୍ବର ୨୯ତାରିଖରେ ଅଭିଯୋଗ ମିଳିବା (ଆନ୍ଧ୍ର ଯିବାବେଳେ ପରୀକ୍ଷାର୍ଥୀ ଧରାପଡ଼ିଥିଲେ) ପରେ ସଙ୍ଗେସଙ୍ଗେ ଓପିଆରବି ଏକ ଜରୁରୀ ବୈଠକ ଡାକିଥିଲା। ସେହି ବୈଠକରେ ଆଇଟିଆଇ ଲିମିଟେଡ ପକ୍ଷରୁ ଚିଫ ମ୍ୟାନେଜର ମହେଶ୍ୱର ବେହେରା ଓ ସିଲିକନ୍ ଟେକଲାବର ନିର୍ଦ୍ଦେଶକ ସୁରେଶ କୁମାର ନାୟକ ଯୋଗ ଦେଇଥିଲେ। ତେବେ ୯ତାରିଖ ବୈଠକବେଳେ ପଞ୍ଚସଫ୍ଟକୁ ହଟାଇଥିବା ନେଇ ସିଲିକନ୍ ଏକ ଅଣ୍ଡରଟେକିଂ ଦାଖଲ କରିସାରିଥିଲା। ସେହିପରି ଆଇଟିଆଇ ଲିମିଟେଡର ସିଏମଡିଙ୍କୁ ହାଜର ହୋଇ ପକ୍ଷ ରଖିବାକୁ କୁହାଯିବା ସହ ଏହି ଚୁକ୍ତି କାହିଁକି ବାତିଲ ନହେବ ସେଥିପାଇଁ ଆଇଟିଆଇ ଜିଏମଙ୍କୁ ମଧ୍ୟ କାରଣଦର୍ଶାଅ ନୋଟିସ୍ ଜାରି ହୋଇଥିବା ନେଇ ମଧ୍ୟ ଏହି ବିବରଣୀରେ ଉଲ୍ଲେଖ ରହିଛି। ଏହି ସମଗ୍ର ପ୍ରକ୍ରିୟା (ଓଡ଼ିଶା ପୁଲିସ ଏକ୍‌ଜାମ)ରେ ରାଜ୍ୟ ସରକାରଙ୍କ ନିରବତା ମଧ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିରୋଧୀ ବିଜେଡି ଖୋଲାଖୋଲି ଭାବେ ଓପିଆରବି ଅଧ୍ୟକ୍ଷ, ଗୃହ ସଚିବ ଓ ସିଲିକନ୍ ଟେକଲାବ ମାଲିକଙ୍କୁ 'ଢେଙ୍କାନାଳ ଲିଙ୍କ୍' କହି କାଠଗଡ଼ାରେ ଛିଡ଼ା କରିବା ସହ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ ପାଇଁ ଦାବି କରିସାରିଛି। ଏବେ ଯେଉଁସବୁ ତଥ୍ୟ ପଦାକୁ ଆସିବାରେ ଲାଗିଛି ତାହା ମଧ୍ୟ ସିଲିକନ୍ ଟେକଲାବ୍ ପ୍ରତି 'ଓପିଆରବି' ଓ କ୍ରାଇମବ୍ରାଞ୍ଚର ଦରଦକୁ ପଦାରେ ପକାଇ ଦେଇଛି।

### 'କଡ଼ା କାର୍ଯ୍ୟାନୁଷ୍ଠାନ ...

ସଂପୃକ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି ରାଜ୍ୟପାଳ। ଏହା ଏବେ ଡ୍ରାଫ୍ଟରେ ରହିଛି। ଗ୍ରାମସଭା ହେଉଛି ସତ କିନ୍ତୁ କିଛି ପଞ୍ଚାୟତ ଗୁଡ଼ିକୁ ଆଲୋଚନାକୁ ନ ନେବାରୁ ବିରୋଧାଭାସ ଆସୁଛି। ଲୋକଙ୍କ ସହ ଆଲୋଚନା କରି ତା'ର ସମାଧାନ କରିବାକୁ ସରକାରଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ନିଶାମୁକ୍ତ କ୍ୟାମ୍ପସ ଉପରେ ଗୁରୁତ୍ୱ ଦେବା ସହ ମହିଳା ହିଂସା ରୋକିବା କ୍ଷେତ୍ରରେ ସରକାର ଅଧିକ ପଦକ୍ଷେପ ନେବା ଉଚିତ ବୋଲି କହିଛନ୍ତି। ବାଲେଶ୍ୱର, ଗୋପାଳପୁର ଓ ପଶ୍ଚିମବଙ୍ଗରେ ଛାତ୍ରୀଙ୍କ ସହ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ। ସାମୁହିକ ଭାବେ ସରକାର, ପୋଲିସ ଓ ସମାଜ ଗୁରୁଦାୟିତ୍ୱ ସେଥିପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କଡ଼ା କାର୍ଯ୍ୟାନୁଷ୍ଠାନ ହେଲେ ରାଜ୍ୟରେ ଅପରାଧ ଦମନ କରିହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ରାଜ୍ୟପାଳ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

### ଭାରତରେ ...

କ୍ଷେତ୍ରଫଳଠାରୁ ମଧ୍ୟ ଅଧିକ। ଏଥିରୁ ନିର୍ଗତ ହୋଇଥିବା ଅଙ୍ଗାରକାମ୍ଳ ୮ ବିଲିୟନ ଟନ୍ରୁ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱବ୍ୟାପୀ ବନାଗ୍ନି ଘଟଣାକୁ ବଢ଼ାଇବା ସହ ଏହାର ଗମ୍ଭୀରତାକୁ ବୃଦ୍ଧି କରିଛି ବୋଲି ଏହି ଅଧ୍ୟୟନ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିବା ଅଧ୍ୟୟନର ମୁଖ୍ୟ ଲେଖକ ଡଗ୍ଲାସ କେଲୀ କହିଛନ୍ତି। ଗତବର୍ଷ ସାରା ବିଶ୍ୱରେ ୧୦ କୋଟି ଲୋକ ବନାଗ୍ନିର ସମ୍ମୁଖୀନ ହୋଇ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ, ମଧ୍ୟ ଏବଂ ପୂର୍ବ ଆଫ୍ରିକାରେ ଏହି ସଂଖ୍ୟା ସର୍ବାଧିକ ଥିଲା ବୋଲି ଅଧ୍ୟୟନରେ କୁହାଯାଇଛି। ବନାଗ୍ନି ଯୋଗୁ ଭାରତ ଏବଂ ରିପବ୍ଲିକ ଅଫ୍ କଙ୍ଗୋରେ ସର୍ବାଧିକ ୧.୫ କୋଟି ଲେଖାଏ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ନାଇଜେରିଆ, ଚାଇନା, ମୋଜାମ୍ବିକ ଏବଂ ଦକ୍ଷିଣ ସୁଦାନରେ ୫୦ ଲକ୍ଷ ଲେଖାଏ ଲୋକ ପ୍ରଭାବିତ ହୋଇଥିବା ଏହି ଅଧ୍ୟୟନ କହିଛି। ବନାଗ୍ନି ଯୋଗୁ ଗତବର୍ଷ ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାର ମୂଲ୍ୟର ଘର ଏବଂ ଭିତ୍ତିଭୂମିକୁ କ୍ଷତି ପହଞ୍ଚିଛି। ଭାରତରେ ୪୪ ବିଲିୟନ ଡଲାର (ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କା)ର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହାପଛକୁ ଆମେରିକାରେ ୨୬ ବିଲିୟନ ଡଲାର ଏବଂ ଚାଇନାରେ ୧୭ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ଏହି ରିପୋର୍ଟ କହିଛି।

### ସରକାରୀ ପାଣ୍ଠିରେ ...

ସମସ୍ତ ବିଭାଗର ସଚିବମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ରାଜ୍ୟ ଅର୍ଥ ବିଭାଗ ମଧ୍ୟ ସମସ୍ତ ରାଜ୍ୟ କାର୍ଯ୍ୟାଳୟକୁ ଏହି କଟକଣାକୁ କଡ଼ାକଡ଼ି ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ଦ୍ୱାରା ୨୦୨୫ ମସିହା ସେପ୍ଟେମ୍ବର ୧୯ତାରିଖରେ ଜାରି ହୋଇଥିବା ସର୍କୁଲାରର ନକଲକୁ ମଧ୍ୟ ଏହି ନିର୍ଦ୍ଦେଶନାମା ସହ ସଂଲଗ୍ନ କରିଛନ୍ତି ଅର୍ଥ ସଚିବ ଶ୍ରୀ ମିଶ୍ର। କେନ୍ଦ୍ର ସରକାରଙ୍କ ଏହି ନୀତି ଦୀପାବଳି ଓ ଅନ୍ୟାନ୍ୟ ପର୍ବ ପାଇଁ ଉପହାର ଓ ଏସଂକ୍ରାନ୍ତୀୟ ସାମଗ୍ରୀ କ୍ରୟ ବାବଦ ଖର୍ଚ୍ଚ ଉପରେ କଟକଣା ଜାରି କରିଛି। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଆର୍ଥିକ ଅନୁଶାସନ ବଜାୟ ରଖିବା ଏବଂ ଅଣ-ଅତ୍ୟାବଶ୍ୟକ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ନିର୍ଦ୍ଦେଶନାମା ଜାରି କରିଥାଏ। ରାଜକୋଷ ପାଣ୍ଠିର ବିବେକପୂର୍ଣ୍ଣ ଓ ନ୍ୟାୟସଙ୍ଗତ ଉପଯୋଗକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଦୀପାବଳି ଅବା ଅନ୍ୟ କୌଣସି ପର୍ବପର୍ବାଣୀରେ ଉପହାର ଓ ଏ ସଂକ୍ରାନ୍ତ ସାମଗ୍ରୀ କ୍ରୟ ବାବଦରେ ରାଜକୋଷରୁ କୌଣସି ଅର୍ଥ ଖର୍ଚ୍ଚ କରାଯିବ ନାହିଁ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ସେପ୍ଟେମ୍ବର ୧୯ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରି ତତ୍କାଳ ପ୍ରଭାବରୁ କାର୍ଯ୍ୟକାରୀ କରିବାକୁ କହିଥିବାରୁ ରାଜ୍ୟରେ ମଧ୍ୟ ଏହି ନୀତି ତୁରନ୍ତ ଲାଗୁ ହେବ ବୋଲି ରାଜ୍ୟ ଅର୍ଥ ବିଭାଗ ଶୁକ୍ରବାର ଏକ ନିର୍ଦ୍ଦେଶନାମା ଜାରି କରିଛି। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଅର୍ଥ ସଚିବ ଶ୍ରୀ ମିଶ୍ର କହିଛନ୍ତି।

### ଚିଲିକାକୁ ...

ଆଗମନ ଦେଖି ଖୁସିବ୍ୟକ୍ତ କରିଛନ୍ତି ବନବିଭାଗ ଓ ପରିବେଶବିତ୍। ସାଇବେରିଆରୁ ଅଧିକ ପ୍ରଜାତିର ପକ୍ଷୀମାନେ ଚିଲିକାକୁ ଆସିବା ସହ ଏଠାରେ ଅଣ୍ଡାଦାନ ମଧ୍ୟ କରିଥାନ୍ତି। ୨୦୧୬-୧୭ ପକ୍ଷୀ ଗଣନାରେ ୧୦୦ ପ୍ରଜାତିର ୯.୨୪ ଲକ୍ଷ ପକ୍ଷୀଙ୍କ ଆଗମନ ହୋଇଥିଲା। ତା'ପରଠାରୁ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି। ୨୦୨୫ ପକ୍ଷୀ ଗଣାନରେ ସଂଖ୍ୟା ୧୧ ଲକ୍ଷରୁ ଅଧିକ ପକ୍ଷୀ ଆସିଛନ୍ତି। ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶା ବାନ୍ଧିଛି ବନବିଭାଗ। ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚିଲିକାରେ ଲକ୍ଷ ଲକ୍ଷ ପ୍ରବାସୀ ପକ୍ଷୀ ଦେଖିବାକୁ ମିଳିଥାଏ। ସେମାନଙ୍କ ମଧ୍ୟରେ ସାଇବେରିଆନ କ୍ରେନ, ଫ୍ଲେମିଙ୍ଗୋ, ଗ୍ରେଟର୍ ଫ୍ଲେମିଙ୍ଗୋ, ସ୍ପଟ-ବିଲ୍ଡ ପେଲିକାନ, ପିନଟେଲ୍ ଡକ୍, ବାର୍-ହେଡେଡ୍ ଗୁଜ ଅନ୍ୟତମ।

### ୭୧୧ ହିନ୍ଦୀ ...

ବୋଲି ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ପ୍ରିଲିମିନାରି ପରୀକ୍ଷାର ଫଳ ଆଧାରରେ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀ ଲିଖିତ ପରୀକ୍ଷା ଦେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ଏଥି ସହିତ ପରୀକ୍ଷାରେ ଉଭୟ ଇଂରାଜୀ ଓ ହିନ୍ଦୀରେ ପ୍ରଶ୍ନ ପଡ଼ିବ ବୋଲି ମଧ୍ୟ କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରିଲିମିନାରି ପରୀକ୍ଷା ନ କରି ସିଧାସଳଖ ଲିଖିତ ପରୀକ୍ଷା କରାଯାଇଥିଲା। ଏଥି ସହିତ ଦ୍ୱିଭାଷୀ ସୁବିଧା ମଧ୍ୟ ପରୀକ୍ଷାରେ ପ୍ରଦାନ କରାଯାଇ ନଥିଲା। କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଡ଼ିଥିଲା। ପଦବି ସଂଖ୍ୟାଠାରୁ ୫ ଗୁଣରୁ ଅଧିକ ପ୍ରାର୍ଥୀ ଥିବା ବେଳେ ମୂଳ ନିଯୁକ୍ତି ବିଜ୍ଞପ୍ତିର ଉଲ୍ଲଂଘନ କରି ପ୍ରିଲିମିନାରି ପରୀକ୍ଷା କରାଯାଇ ନଥିବା ଅଭିଯୋଗ ହୋଇଥିଲା। ଏଥିସହିତ ଦ୍ୱିଭାଷୀ ସୁବିଧା ମଧ୍ୟ ପ୍ରଦାନ କରାଯାଇ ନଥିଲା। ତେଣୁ ନିଯୁକ୍ତି ପ୍ରକ୍ରିୟାକୁ ବେଆଇନ ବୋଲି ଦର୍ଶାଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହିନ୍ଦୀ ଶିକ୍ଷକ ୭୧୧ଟି ପଦବି ଥିବା ବେଳେ ଏଥିପାଇଁ ୪୪୯୩ ପ୍ରାର୍ଥୀ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱବିହାରୀ ମହାନ୍ତି ଓ ଜ୍ଞାନରଞ୍ଜନ ସେଠୀ ମାମଲା ପରିଚାଳନା କରୁଥିଲେ।

### ବିବାଦୀୟ ...

ଦେବୀପ୍ରସାଦ ମିଶ୍ରଙ୍କ ସମେତ ଟୁକୁନି ସାହୁ, ରୋହିତ ପୂଜାରୀ ଓ ନିରଞ୍ଜନ ବିଶିଙ୍କୁ ବାଦ୍ ଦେଇଛି। ଯଦିଓ ଦେବୀଙ୍କୁ ଛାଡ଼ି ଏହି ସମସ୍ତ ନେତାଙ୍କୁ ପୂର୍ବ କମିଟିରେ ସ୍ଥାନ ମିଳିଥିଲା। କୋର କମିଟି ଦ୍ୱାରା ପ୍ରସ୍ତୁତ ସମ୍ଭାବ୍ୟ ପ୍ରାର୍ଥୀ ତାଲିକାକୁ ଅଣଦେଖା କରି ଅନ୍ୟ ଜିଲ୍ଲାରୁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଆଣି ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ କରାଯିବା ପଛର ରହସ୍ୟ ଉପରୁ ପରଦା ହଟିବାରେ ଲାଗିଛି। ଦଳୀୟ ପ୍ରାର୍ଥୀ ଘୋଷଣା ପରଠୁ ଦଳର ନେତାମାନେ ଯେଭଳି ଢଙ୍ଗରେ ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିତ୍ୱକୁ କ୍ୟାମେରା ଆଗରେ ଯଥାର୍ଥ ଦର୍ଶାଇବାକୁ ପ୍ରୟାସ କରୁଛନ୍ତି ତାହା କେବଳ ବିଜେଡିର ଅଘୋଷିତ ସର୍ବେସର୍ବାଙ୍କ 'ଅଘୋଷିତ ଡିଲ'କୁ ସୁରକ୍ଷା ଦେବାର ପ୍ରୟାସ ବୋଲି ଚର୍ଚ୍ଚା ହେଉଛି। ଯଦିଓ ଦଳର ଅଧିକାଂଶ ନେତା-କର୍ମୀ ଏଭଳି ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି ଓ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟାଶୀଳ ହେବାରେ ଲାଗିଛନ୍ତି। ଦଳ ସୂତ୍ରରୁ ଜଣାପଡ଼ିଛି ଯେ, ଜୟ ଢ଼ୋଲକିଆଙ୍କ ପରିବର୍ତ୍ତେ ସ୍ନେହାଙ୍ଗିନୀଙ୍କୁ ପ୍ରାର୍ଥୀ କରିବା ପାଇଁ ଦଳର ଅଘୋଷିତ ସର୍ବେସର୍ବା ଓ ତାଙ୍କ ଖାସ୍ ଅନୁଗତ ଗତ କିଛିଦିନ ଧରି କସରତ ଚଳାଇଥିଲେ। ଆଉ କୋର୍ ଟିମକୁ ମୋହରା ମଧ୍ୟ ସଜାଇବାକୁ ପଛାଇ ନଥିଲେ। ନିଜର ଅପକର୍ମରୁ ସୁରକ୍ଷିତ ରହିବା ପାଇଁ ବିଜେଡିର ଅଘୋଷିତ ସର୍ବେସର୍ବା ଉପରେ ପଡ଼ି ବିଜେପିକୁ ଖୁସି କରିବା ଚକ୍କରରେ ଜିଲ୍ଲା ବାହାରର ପ୍ରାର୍ଥୀଙ୍କୁ ନୂଆପଡ଼ା ଭୋଟରଙ୍କ ଉପରେ ଲଦି ଦେବାର ରଣନୀତି କରିଛନ୍ତି। ବିଜେଡି ଭୋଟ୍ ବିଭାଜନ ହେଲେ ତା'ର ଅଧିକ ଫାଇଦା ବିଜେପିକୁ ମିଳିବ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ସାଧାରଣ ନିର୍ବାଚନରେ ଭିକେ ପାଣ୍ଡିଆନ ନିର୍ବାଚନୀ ପ୍ରଚାର କରିବା ଦ୍ୱାରା ଦଳ ଯେଉଁ ଢଙ୍ଗରେ କ୍ଷତି ସହିଲା ଓ ସରକାରରୁ ବିଦା ହୋଇଗଲା ଏବେ ସେହି ଫର୍ମୁଲାରେ ନୂଆପଡ଼ାବାସୀଙ୍କୁ ଭାବନାତ୍ମକ ଆଘାତ ଦେବା ପାଇଁ ଅନ୍ୟ ଜିଲ୍ଲାରୁ ପ୍ରାୟ ୧୬ମାସ ତଳେ ୨୯ହଜାର ଭୋଟ୍ ବ୍ୟବଧାନରେ ପରାଜିତ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଆଣି ନୂଆପଡ଼ାବାସୀଙ୍କ ଉପରେ ଲଦି ଦିଆଯାଇଛି। ଏହାସହିତ ନୂଆପଡ଼ା ବିଜେଡିରେ କେହି ଜଣେବି ଯୋଗ୍ୟ ମହିଳା କିମ୍ବା ପୁରୁଷ ନଥିବା ମଧ୍ୟ ବିଜେଡି ନେତୃତ୍ୱ ସିଧାସଳଖ ପ୍ରମାଣିତ କରିବାକୁ ଚାହିଁଛନ୍ତି। ପରଦା ପଛରେ ରହି ଦଳକୁ ତଳିତଳାନ୍ତ କରିବାରେ ଲାଗିଥିବା ଅଘୋଷିତ ସର୍ବେସର୍ବା ନୂଆପଡ଼ା ଉପନିର୍ବାଚନ ପ୍ରଚାର ମଇଦାନକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଓହ୍ଲାଇ ଉଭୟ ଦଳ ଓ ଦଳପତିଙ୍କ ସମ୍ମାନକୁ ବାଜି ଲଗାଇବାକୁ ପଛାଇ ନଥିବା ଚର୍ଚ୍ଚା ହେଉଛି।

### ନଭେମ୍ବର ୧ରୁ ...

ପ୍ରି-ଟେଷ୍ଟ ଦ୍ୱାରା ପ୍ରଚଳିତ ବ୍ୟବସ୍ଥା, ସାମ୍ନାକୁ ଆସିବାକୁ ଥିବା ଚ୍ୟାଲେଞ୍ଜ ଓ ମେଥଡଗୁଡ଼ିକୁ ଆଗୁଆ ଜାଣିହେବ। ତ୍ରୁଟିକୁ ସମୟପୂର୍ବରୁ ଠିକ କରାଯାଇ ପାରିବ। ଏଥିସହ ଭାରତର ପ୍ରଥମ ଡିଜିଟାଲ ଜନଗଣନାର ମୂଳଦୁଆ ମଧ୍ୟ ଏଥର ପଡ଼ିବ। ପ୍ରଥମଥର ପାଇଁ ଲୋକମାନଙ୍କ ଜାତିଭିତ୍ତିକ ତଥ୍ୟ ସଂଗ୍ରହ ହେବ। ଟେଷ୍ଟ ପର୍ଯ୍ୟାୟରେ ପ୍ରଶ୍ନ ଠାରୁ ଆରମ୍ଭ କରି ତଥ୍ୟ ସଂଗ୍ରହ, ଟ୍ରେନିଂ, ଲଜିଷ୍ଟିକ ଓ ସଫ୍ଟୱେୟାର କେମିତି ମୋବାଇଲ ଆପ୍ଲିକେସନରେକାମ କରୁଛି, ସେସବୁ ଠିକଣା ପୂର୍ବରୁ ସରକାର ପରଖିବାକୁ ଚାହୁଁଛନ୍ତି। ପ୍ରଥମ ପର୍ଯ୍ୟାୟରେ ହାଉସ ଲିଷ୍ଟିଂ ଅପରେସନ (ଏଚଏଲଓ) ଘରଗୁଡ଼ିକର ଅବସ୍ଥା ଓ ପ୍ରତିଟି ଘରେ କ'ଣ ସବୁ ସୁବିଧା ରହିଛି, ତା'ର ଆକଳନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା, ଭୌଗଳିକ ସ୍ଥିତି, ସାମାଜି-ଅର୍ଥନୀତି, ସାଂସ୍କୃତିକ ସ୍ଥିତି ଓ ପ୍ରତିଟି ଘରୁ ବ୍ୟକ୍ତିଗତ ତଥ୍ୟକୁ ରେକର୍ଡ କରାଯିବ। ଦେଶର ଜନଗଣନା ସମୟରେ ଜାତି ଭିତ୍ତିକ କାଉଣ୍ଟିଂ ମଧ୍ୟ ଅନୁଷ୍ଠିତ ହେବ। ମୋଟ ୨ଟି ପର୍ଯ୍ୟାୟରେ ଜନଗଣନା ହେବ। ପ୍ରଥମ ପର୍ଯ୍ୟାୟ ଅର୍ଥାତ ୨୦୨୬ ଅକ୍ଟୋବର ୧ରୁ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ସମେତ କେନ୍ଦ୍ର ଶାସିତ ଲଦାଖ ଓ ଜମ୍ମୁ-କଶ୍ମୀରରେ ଜନଗଣନା କରାଯିବ। ଏଠାରେ ତୁଷାର ପାତର ଆଶଙ୍କା ଥିବାରୁ ଏହି ସବୁ ସ୍ଥାନରେ ଆଗୁଆ ଜନଗନା କରାଯିବ। ଏହାପରେ ଦେଶର ବାକି ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୨୦୨୭ ମସିହା ମାର୍ଚ୍ଚ ୧ରୁ ଜନଗଣନା କରାଯିବ। ଦେଶବ୍ୟାପୀ ହେବାକୁ ଥିବା ଜନଗଣନାରେ ୩୪ ଲକ୍ଷ ଗଣନାକାରୀ ଓ ସୁପରଭାଇଜରଙ୍କ ସମେତ ୧.୩ ଲକ୍ଷ ଜନଗଣନା କାର୍ଯ୍ୟକର୍ତ୍ତା ସାମିଲ ହେବେ। ଏହା ଭାରତର ୧୬ତମ ଓ ସ୍ୱାଧୀନତା ପରେ ୮ମ ଜନଗଣନା ହେବ। ୨୦୧୧ରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ କ୍ଷମତାରେ ଥିବା ବେଳେ ଜନଗଣନା ହୋଇଥିଲା। ସେତେବେଳେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଦେଶରେ ଜନଗଣନା କରାଯାଇଥିଲା। ପ୍ରଥମେ ୨୦୧୦ ଏପ୍ରିଲରୁ ସେପ୍ଟେମ୍ବର ଯାଏ ଗଣନା ଚାଲିଥିଲା। ଏହାପରେ ୨୦୧୧ ଫେବୃଆରୀରୁ ବଳକା ଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଜନଗଣନା କରାଯାଇଥିଲା। ସେତେବେଳେ ଦେଶର ଜନସଂଖ୍ୟା ୧,୨୧୦,୮୫୪,୯୭୭ ବା ୧.୨୧ ବିଲିୟନରୁ ଅଧିକ ରହିଥିଲା।

### ବାଦ୍ ପଡ଼ିଲେ ...


ସିପ୍ରା ବାଜପେୟୀ (ବାଲେଶ୍ୱର), ସୁଦର୍ଶନ ଗୋଏଲ (ରାଉରକେଲା) ଓ ବିଷ୍ଣୁ ଦାସ (କେନ୍ଦ୍ରାପଡ଼ା) ସ୍ଥାନ ପାଇଛନ୍ତି। ଦଳର କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ସୁଦର୍ଶନ ଗୋଏଲଙ୍କୁ କମିଟିରେ ଉପସଭାପତି ଭାବେ ସାମିଲ କରାଯାଇଛି। ପୂର୍ବ କମିଟିରେ ଥିବା ଗୋଲକ ମହାପାତ୍ର, ଅପରାଜିତା ଷଡ଼ଙ୍ଗୀ, ନାଉରୀ ନାଏକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ବାଦ୍ ପଡ଼ିଛନ୍ତି। ସେହିପରି ୪ଜଣ ସାଧାରଣ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ (ପୁରୀ), ଶାରଦା ପ୍ରସାଦ ଶତପଥୀ (ଭୁବନେଶ୍ୱର), ସୀମାଞ୍ଚଳ ଖଟେଇ (ସମ୍ବଲପୁର) ଓ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ (କୋରାପୁଟ)ଙ୍କୁ ସ୍ଥାନ ମିଳିଛି। ପୂର୍ବ କମିଟିରେ ଉପସଭାପତି ଥିବା ବିରଂଚି ତ୍ରିପାଠୀଙ୍କୁ ସାଧାରଣ ସମ୍ପାଦକ କରାଯାଇଥିବାବେଳେ ଯତୀନ ମହାନ୍ତିଙ୍କୁ ଉପସଭାପତି ଦାୟିତ୍ୱ ଦିଆଯାଇଛି। ସାଧାରଣ ସମ୍ପାଦକ ପଦବୀରୁ ରାଉରକେଲାର ପୂର୍ଣ୍ଣିମା କେରକେଟା ବାଦ୍ ପଡ଼ିଥିବା ଜଣାପଡ଼ିଛି। ସେହିପରି ଦଳର ରାଜ୍ୟ ସମ୍ପାଦକ ସରୋଜ କୁମାର କର (କଟକ), କାଳନ୍ଦୀ ସାମଲ (ଅନୁଗୁଳ), ସ୍ମୃତି ପଟ୍ଟନାୟକ (କଟକ), ପ୍ରୀତି ପ୍ରତିଭା ଭୋଳ (ପୁରୀ), ଭଗବାନ ମହାନ୍ତି (କନ୍ଧମାଳ), ପିଙ୍କି ପ୍ରଧାନ (ଭୁବନେଶ୍ୱର), ରାମ ଚନ୍ଦ୍ର ହାଁସଦା (ମୟୂରଭଞ୍ଜ ପଶ୍ଚିମ), ମମତା ସିଂହ (କେନ୍ଦୁଝର), ପୃଥ୍ୱୀରାଜ ମହାପାତ୍ର (ଘୁମୁସର-ଆସିକା) ଓ ସ୍ମିତା ପ୍ରଧାନ (ଜଗତସିଂହପୁର) ରହିଛନ୍ତି। ଅଜୟ କୁମାର ଅଗ୍ରୱାଲ (ଭୁବନେଶ୍ୱର)ଙ୍କୁ କୋଷାଧ୍ୟକ୍ଷ ଭାବେ ନୂତନ ଭାବେ ନିଯୁକ୍ତି ମିଳିଥିବାବେଳେ ଦିବାକର ହରିଚନ୍ଦନ (ପୁରୀ)ଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ ପଦ ବଜାୟ ରଖିଛନ୍ତି। ୨୦୨୪ ବିଧାନସଭା ନିର୍ବାଚନରେ ବିଜେପି ଓଡ଼ିଶାରେ ସରକାର ଗଠନ କରିବା ପରେ ରାଜ୍ୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି ପଦାଧିକାରୀ ନିଯୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ମନମୋହନ ନିଜସ୍ୱ ଟିମ୍ ବାଛି ସଂଗଠନକୁ ରାଜ୍ୟରେ ଅଧିକ କ୍ରିୟାଶୀଳ କରିବେ ବୋଲି ଜଣାପଡ଼ିଛି।

# ନବରଙ୍ଗପୁରରେ କୌଶଳ ବିକାଶ ରଥ




**ନବରଙ୍ଗପୁର :** ଆଇସେକ୍ଟ ଓଡ଼ିଶା ଶାଖା ତରଫରୁ ନବରଙ୍ଗପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଠାରେ ଆଇସେକ୍ଟର ମିଳିତ ଉଦ୍ୟମରେ କୌଶଳ ବିକାଶ ଯାତ୍ରା ଏବଂ ଏ ୧ ସାକ୍ଷରତା ମିଶନ ନବରଙ୍ଗପୁର ରେ ସଫଳତାର ସହ ଆୟୋଜିତ ହେଇଯାଇଛି। ଦେଶର ଅଗ୍ରଣୀ ଦକ୍ଷତା ଏବଂ ଉଚ୍ଚଶିକ୍ଷା ସଂଗଠନ ଆଇସେକ୍ଟ ଦ୍ୱାରା ଆୟୋଜିତ କୌଶଳ ବିକାଶ ଯାତ୍ରା ୨୦୨୫ ସଫଳତାର ସହ ଆରମ୍ଭ ହୋଇଅଛି। ୬ ଅକ୍ଟୋବର ୨୦୨୫ ରେ ଆରମ୍ଭ ହୋଇଥିବା ଏହି ଯାତ୍ରା ୨୦ଟି ରାଜ୍ୟର ୩୦୦ଟି ଜିଲ୍ଲାର ୫୦୦ ରୁ ଉର୍ଦ୍ଧ୍ୱ ସ୍କୁଲ, କଲେଜ ଏବଂ ଶିକ୍ଷାନୁଷ୍ଠାନରେ ପହଞ୍ଚି ବହୁଳ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନଙ୍କର ଦକ୍ଷତା ବିକାଶ ଏବଂ ଭବିଷ୍ୟତ ପ୍ରଯୁକ୍ତିବିଦ୍ୟା ବିଷୟରେ ଆଲୋଚନା କରୁଅଛନ୍ତି। ଯାତ୍ରା ସମୟରେ ମାଗଣା ଏ ୧ସେମିନାର, କର୍ମଶାଳା, କ୍ୟାରିଅର ପରାମର୍ଶ ଅଧିବେଶନ ଏବଂ ବୈଷୟିକ ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ଆଇସେକ୍ଟ ମୁଖପାତ୍ର ସନ୍ତୋଷ ଚୋବେ କହିଛନ୍ତି, "ଦକ୍ଷତା ବିକାଶ ଯାତ୍ରା ୨୦୨୫ କେବଳ ଏକ ଶିକ୍ଷାଗତ ଅଭିଯାନ ନୁହେଁ, ବରଂ ଯୁବପିଢ଼ିଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ସହିତ ସଂଯୋଗ କରିବା, ନିଯୁକ୍ତି-ମୁଖୀ ଶିକ୍ଷା ପ୍ରଦାନ କରିବା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ଏକ ପଦକ୍ଷେପ। ଆୟୋଜିତ କାର୍ଯ୍ୟକ୍ରମରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷା ଶୁଭାଶିନୀ ସାହୁ, ଏବଂ ଆଇସେକ୍ଟ ନବରଙ୍ଗପୁର ଜିଲ୍ଲାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହିବା ସହିତ ଆଇସେକ୍ଟ ଓଡ଼ିଶା ପ୍ରକଳ୍ପ ପରିଚାଳକ ନୀଳାଦ୍ରି ମହାରଣା, ସୁଧାଂଶୁ ନାୟକ ଏବଂ ଅଭିଷେକ ପ୍ରଧାନ ଓ ପ୍ରଦୀପ ପଟ୍ଟନାୟକ ଏପରି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଇଓ ସାକ୍ଷରତା ମିଶନ ଏବଂ ଦକ୍ଷତା ବିକାଶ ଯାତ୍ରା ଯୁବ ପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ଏବଂ ନିଯୁକ୍ତି-ମୁଖୀ ପଦକ୍ଷେପ। ଆଇସେକ୍ଟ ଭବିଷ୍ୟତରେ ଭାରତର ପ୍ରତ୍ୟେକ ଯୁବକଙ୍କୁ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ସହିତ ସଶକ୍ତ କରିବା ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଗୋପାଳ କୃଷ୍ଣ ମହାପାତ୍ର, ଭୂଷଣ ଲାଲ୍ ସାହୁ, ଗୋବର୍ଦ୍ଧନ ସାହୁ, ସତୀଶ କୁମାର, ଆନନ୍ଦ ସାହା, ଗୁଲାମ ଜାଫର, ମୋହନ ମହାକୁଡ଼ ଓ ଶିକ୍ଷୟିତ୍ରୀ ତୃପ୍ତିମୟୀ ପ୍ରଧାନ, ଦୀପ୍ତିମୟୀ ସାହୁ, ମାଳିକମାଳା ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ୧୮ତମ ଯଜ୍ଞ ମହୋତ୍ସବ ପ୍ରସ୍ତୁତି ବୈଠକ



**ଅସ୍ତରଙ୍ଗ :** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଛୁରିଆନା ଗ୍ରାମ ପଞ୍ଚାୟତର ସ୍ୱପେଶ୍ୱର ସିରିଡି ସାଇ ସେବା ସଂସ୍ଥାନ ପକ୍ଷରୁ ପୀର ଜାହାନିଆଁ ଠାରେ ସାଇ ମନ୍ଦିର ପ୍ରାଙ୍ଗଣରେ ସାଧୁ କାଳୁଚରଣ ବାବାଙ୍କ ଉପସ୍ଥିତିରେ ଚଳିତ ବର୍ଷ ଯଜ୍ଞ ମହୋତ୍ସବ ପାଇଁ ପ୍ରସ୍ତୁତି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ସଭାପତି ପ୍ରସନ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆସନ୍ତା ନଭେମ୍ବର ୫ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଚଳିତ ବର୍ଷ ୧୮ ତମ ଯଜ୍ଞ ମହୋତ୍ସବ କିପରି ଭାବେ ସଫଳ କରାଯିବ ତାହାକୁ ଦୃଷ୍ଟିରେ ରଖି ସଭ୍ୟ ମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୪ ତାରିଖରେ ପାଣି ତୋଳାଯାଇ ୫ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ଉପଦେଷ୍ଟା ଶିଶିର କାନ୍ତ ନାୟକ କହିଛନ୍ତି। ଏହି ବୈଠକ ରେ ଉପଦେଷ୍ଟା ତାରାପ୍ରସାଦ ମହାନ୍ତି, ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, କୋଷାଧକ୍ଷ ପବିତ୍ର ମୋହନ ରାଉତ, ସଂଗଠନ ସମ୍ପାଦକ ଯୁଜିଷ୍ଠିର ବେହେରା, ସହ ସମ୍ପାଦକ ସନ୍ତୋଷ କୁମାର ପରିଡା, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ବିଶ୍ୱାଳ, ସହ ସମ୍ପାଦକ ନୃସିଂହ କୁମାର ବିଶ୍ୱାଳ ଓ ଧରଣୀଧର ବିଶ୍ୱାଳ ପ୍ରମୁଖ ଉକ୍ତ ବୈଠକ ରେ ଯୋଗଦେଇ ଥିଲେ।

# ଗଣେଶ ନଗରରେ ୨୭ତମ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ପାଳିତ



**ରେଢ଼ାଖୋଲ :** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଗଣେଶ ନଗର ସ୍ଥିତ ପୂଜା ମଣ୍ଡପ ଠାରେ ୨୭ ତମ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ସମ୍ପନ୍ନ ହୋଇଯାଇଛି। ଏଥିରେ ଆଠ ଦିନ ଧରି ଚାଲିଥିବା ମହାଲକ୍ଷ୍ମୀ ପୂଜା ଉତ୍ସବରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଥା ସଙ୍କୀର୍ତ୍ତନ ମଣ୍ଡଳୀ, ମ୍ୟାଜିକ ସୋ, ଶିଶୁ କଳାକାର ମାନଙ୍କୁ ନେଇ ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତା, ପାରାୟଣ, ପ୍ରବଚନ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗଜଲକ୍ଷ୍ମୀ ପୂଜା ଅବସରରେ ଓଡ଼ିଶା ରାଜ୍ୟ ରାଜସ୍ୱ ମନ୍ତ୍ରୀ ମାନ୍ୟବର ସୁରେଶ ପୂଜାରୀ, ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହି ଆଶିଷ କାମନା କରିଥିଲେ। ଏହି ଗଜଲକ୍ଷ୍ମୀ ପୂଜାରେ ମୁଖ୍ୟ ପୂଜକ ଭାବରେ ପଣ୍ଡିତ ରୁଦ୍ର ନାରାୟଣ ନନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବରେ ଶମ୍ଭୁ ପ୍ରସାଦ ରାଉଳ ଏବଂ ଧର୍ମପତ୍ନୀ ସବିତା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ରବି ନାରାୟଣ ପ୍ରଧାନ ଏବଂ କମିଟି ଅନ୍ୟ ସଦସ୍ୟ ଓ ପଡ଼ାବାସୀ ମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ସରକାରୀ ନୁତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ରଶ୍ମିତା ନେତମଙ୍କ ଅଧକ୍ଷତାରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲାଫ ବିସ୍ତୃତ ବିଷୟ ବସ୍ତୁ 'ମାନବ ଜାତିର ଲାଭ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ତଥା ଉପ ବିଷୟ ବସ୍ତୁ। ବିଜ୍ଞାନରେ ମହିଳା, ସ୍ମାର୍ଟ କୃଷି, ଡିଜିଟାଲ ଭାରତ:ଜୀବନକୁ ସଶକ୍ତ କରିବା, ସମସ୍ତଙ୍କ ପାଇଁ ସ୍ୱଚ୍ଛତା, ସବୁଜ ପ୍ରଯୁକ୍ତି ବିଦ୍ୟା କୁ ଆଧାର କରି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନାଟକ ଉପସ୍ଥାପନ କରାଯାଇଥିଲା। ଉକ୍ତ ପ୍ରତିଯୋଗୀତାରେ ଆଠ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନାଟକ ପ୍ରତିଯୋଗୀତାର ବିଚାରପତି ଭାବେ ଭୈରବ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟାପକ ଲିପୁ ଚନ୍ଦ୍ର ମାଝୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡ ସେନା ଓ ଧନଞ୍ଜୟ ବଡ ଜେନା ପ୍ରମୂଖ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗୀତାରେ 'ବିଜ୍ଞାନରେ ମହିଳା' ଉପ ବିଷୟ ବସ୍ତୁକୁ ଆଧାର କରି ନାଟକ ମଞ୍ଚସ୍ଥ କରିଥିବା ଓଡିଶା ଆଦର୍ଶ ବିଦ୍ୟାଳୟ, ଡଙ୍ଗରିଗୁଡ଼ା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନୋଜ କୁମାର ମହାପାତ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ପଣ୍ଡା, ଗିରୀଶ ବାଳା ଜେନା, ଗୀତାଞ୍ଜଳି ବସ୍ତିଆ ପ୍ରମୂଖ ସହଯୋଗ କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ମହାପାତ୍ର ନାଟକ ପ୍ରଦର୍ଶନ କରାଇବାରେ ସହଯୋଗ କରିଥିଲେ। ଏଠାରେ ପ୍ରକାଶ ଥାଉକି ବ୍ଲକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଆଗାମୀ ଦିନରେ ହେବାକୁ ଥିବା ଚଳିତ ବର୍ଷର ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗୀତାରେ ଭାଗ ନେବେ।

# ପୂଣ୍ୟ କାର୍ତ୍ତିକରେ ଆକାଶଦୀପ



ପ୍ରେମାନନ୍ଦ ପାଣିଗ୍ରାହୀ



ହିନ୍ଦୁ ପଞ୍ଜିକାରେ ବାରଟି ଚାନ୍ଦ୍ର ମାସ ରହିଛି । ସେଥି ମଧ୍ୟରୁ ଅଷ୍ଟମ ଚାନ୍ଦ୍ର ମାସ ହେଉଛି କାର୍ତ୍ତିକ । ଧର୍ମଶାସ୍ତ୍ରରେ ସବୁଠାରୁ ପୂଣ୍ୟ ମାସ ଭାବେ କାର୍ତ୍ତିକକୁ ଗ୍ରହଣ କରାଯାଏ । ବ୍ରହ୍ମା ନାରଦଙ୍କୁ କହିଛନ୍ତି-ନା କାର୍ତ୍ତିକ ସମୋ ମାସ,ନ କୃତେନ ସମଂ ଯୁଗମ୍ । ନ ବେଦ ସଦୃଶଂ ଶାସ୍ତ୍ରଂ,ନ ତୀର୍ଥଂ ଗଙ୍ଗୟା ସମମ୍ । ଅର୍ଥାତ-କାର୍ତ୍ତିକ ପରି ମାସ, ସତ୍ୟ ଯୁଗ ପରି ଯୁଗ, ବେଦ ପରି ଶାସ୍ତ୍ର ଓ ଗଙ୍ଗା ତୂଲ୍ୟ ତୀର୍ଥ ନାହିଁ । ଆଷାଢ,କାର୍ତ୍ତିକ,ମାଘ ଓ ବୈଶାଖ ଏହି ଚାରି ମାସ ହେଉଛି ସୂର୍ଯ୍ୟଙ୍କର ଅୟନାନ୍ତ କାଳ । ଏହି ଚାରି ମାସରେ ତୁଳସୀ ନିକଟରେ ଦୀପଦାନ କଲେ ସୁଖ ଓ ସମୃଦ୍ଧି ପ୍ରାପ୍ତ ହୋଇଥାଏ । ସୂର୍ଯ୍ୟଦେବ କର୍କଟ ରାଶିରେ ପ୍ରବେଶ କଲେ ଭଗବାନ ବିଷ୍ଣୁ ଶୟନ କରନ୍ତି ଓ ସୂର୍ଯ୍ୟଦେବ ତୁଳା ରାଶିରେ ପ୍ରବେଶ କଲେ ବିଷ୍ଣୁ ନିଦ୍ରା ତ୍ୟାଗ କରନ୍ତି । ଆଷାଢ ମାସ ଶୁକ୍ଳ ପକ୍ଷରୁ କାର୍ତ୍ତିକ ଶୁକ୍ଳ ପକ୍ଷ ପର୍ଯ୍ୟନ୍ତ ବିଷ୍ଣୁ ଶେଷନାଗ ଉପରେ ଶୟନ କରନ୍ତି । କାର୍ତ୍ତିକ ମାସରେ ସୂର୍ଯ୍ୟଦେବ ଦକ୍ଷିଣାୟନରୁ ଉତ୍ତରାୟଣ ଯାତ୍ରା କରିଥାନ୍ତି । ଏହି ଉତ୍ତରାୟଣ ଯାତ୍ରା କାଳରେ ଶ୍ରୀ ଓ ସମୃଦ୍ଧି ବିକଶିତ ହୋଇଥାଏ । ତେଣୁ ଆଧ୍ୟାତ୍ମିକ ଚେତନା ସମ୍ପନ୍ନ ନରନାରୀ କୀର୍ତ୍ତିମୟ କାର୍ତ୍ତିକରେ ନିଷ୍ଠାର ସହିତ କାର୍ତ୍ତିକ ବ୍ରତ ପାଳନ କରି ପୂଣ୍ୟ ଅର୍ଜନ କରିଥାନ୍ତି । ପ୍ରାତଃ ସ୍ନାନ, ଜପ, ତପ, ଦାନ, ଧର୍ମ, କର୍ମ, ହବିଷ୍ୟ ଭୋଜନ, ପିତୃ ଶ୍ରାଦ୍ଧ କରି ବ୍ରତଧାରୀ ସକଳ ସୌଭାଗ୍ୟ କାମନା କରିଥାନ୍ତି । ଆମ ସଂସ୍କୃତିରେ ତୁଳସୀ ବୃକ୍ଷକୁ ପବିତ୍ର ବୃକ୍ଷର ମାନ୍ୟତା ଦିଆ ଯାଇଛି । ତୁଳସୀ ବୃକ୍ଷ ସାକ୍ଷାତ ପରମେଶ୍ୱରଙ୍କ ସ୍ୱରୂପ । ପ୍ରତ୍ୟେକ ହିନ୍ଦୁ ଘର ଦୁଆର ମୁହଁରେ ତୁଳସୀ ବୃକ୍ଷ ଅତି ପବିତ୍ରତାର ସହ ସ୍ଥାପନା କରିଥାନ୍ତି । ଘରେ ତୁଳସୀ ରହିଲେ ଦେବଦେବୀ ପ୍ରସନ୍ନ ହୁଅନ୍ତି । ତେଣୁ କାର୍ତ୍ତିକ ବ୍ରତଧାରୀମାନେ ଏହି ମାସରେ ପ୍ରାତଃ ସ୍ନାନ କରି ଚଉରା ମୂଳରେ ପଞ୍ଚବର୍ଣ୍ଣ ମୂରୁଜ ପକାଇ ମା ବୃନ୍ଦାବତୀଙ୍କୁ ଅତି ପବିତ୍ରତାର ସହ ପୂଜାର୍ଚ୍ଚନା କରନ୍ତି । ଗଙ୍ଗା ମାତାଙ୍କ ସହ ତେତିଶି କୋଟି ଦେବତା କାର୍ତ୍ତିକ ମାସରେ ଜଳରେ ଅବସ୍ଥାନ କରୁଥିବା ବେଳେ ମାଲକ୍ଷ୍ମୀ ତେଲରେ ଅବସ୍ଥାନ କରନ୍ତି । ତେଣୁ କାର୍ତ୍ତିକ ବ୍ରତଧାରୀମାନେ ପାହାନ୍ତା ପ୍ରହରରେ ସ୍ନାନ କରିବା ଓ ସନ୍ଧ୍ୟାରେ ତୁଳସୀ ମୂଳରେ ଦୀପ ଜାଳିବା ପରମ୍ପରା ରହିଛି । ଯେଉଁ ବ୍ୟକ୍ତି କାର୍ତ୍ତିକ ମାସ ସନ୍ଧ୍ୟାରେ ଦେବତାଙ୍କୁ ଦୀପଦାନ ଓ ବ୍ରାହ୍ମଣଙ୍କୁ ବସ୍ତ୍ର ଦାନ କରନ୍ତି ସେ ବୈକୁଣ୍ଠ ପ୍ରାପ୍ତ ହୁଅନ୍ତି । ଶୃଙ୍ଖଳା,ନୀତି,ନିୟମ ଓ ନିଷ୍ଠାରେ ସର୍ବ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଆକାଶଦୀପ ଜଳାଯାଏ । ଯେଉଁମାନେ ମାସସାରା ଦୀପ ଜଳାଇ ପାରନ୍ତି ନାହିଁ ସେମାନେ କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ ଆକାଶଦୀପ ପ୍ରତିଷ୍ଠା କରି ସମାନ ପୂଣ୍ୟ ଅର୍ଜନ କରିଥାନ୍ତି ବୋଲି ଧାରଣା ରହିଛି । ଆକାଶ ଦୀପ ପ୍ରତିଷ୍ଠା କଲେ ଧର୍ମ ବଢେ ଓ ସାତ ଜନ୍ମର ପାପ ଖଣ୍ଡିତ ହୁଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ଛିଦ୍ରଯୁକ୍ତ ମାଟି ହାଣ୍ଡି ଭିତରେ ଦୀପକୁ ଶିକାରେ ରଖି ଉଚ୍ଚ ବାଉଁଶରେ ଝୁଲାଇ ରଖା ଯାଉଥିବାରୁ ଏହାକୁ ଆକାଶ ଦୀପ କୁହାଯାଏ ।

ପୁରାଣ କାହାଣୀ - ପୌରାଣିକ ତଥ୍ୟ ଅନୁସାରେ ପୂର୍ବ କାଳରେ ବୃଦ୍ଧ ନାମକ ଜନୈକ ବ୍ରାହ୍ମଣର ସ୍ତ୍ରୀ ଅତ୍ୟନ୍ତ ଦୁଷ୍ଟ ଓ ଦୁରାଚାରୀ ଥିଲା । ଏହାଦ୍ୱାରା ବୃଦ୍ଧର ଆୟୁଷ ହ୍ରାସ ପାଇଲା । ସେ କମ ବୟସରେ ମୃତ୍ୟୁବରଣ କଲା । ସ୍ୱାମୀର ମୃତ୍ୟୁ ପରେ ମଧ୍ୟ ଦୁରାଚାରୀ ସ୍ତ୍ରୀର ପାପ କାର୍ଯ୍ୟର ପରିସମାପ୍ତି ହେଲା ନାହିଁ ବରଂ ସ୍ୱାମୀର ପରଲୋକ ପରେ ତାର ପାପ କାର୍ଯ୍ୟ ସୀମା ଅତିକ୍ରମ କଲା । ପାପ ଭାରରେ ସର୍ବଦା ବୁଡି ରହି ଦିନେ ସେ ରୋଗଗ୍ରସ୍ତ ହେଲା । ରୋଗ ଶଯ୍ୟାରେ ସେ ବହୁ ଦୁଃଖଯନ୍ତ୍ରଣା ଭୋଗ କଲା । ଦିନେ କୁମ୍ଭ ନାମକ ଜଣେ ତୀର୍ଥଚାରୀ ବ୍ରାହ୍ମଣ ସେହି ବିଧବା ମହିଳାର ଘରେ ଆଶ୍ରୟ ନେଲେ । ବିଧବା ମହିଳା ଠାରୁ ତାର କୃତ କର୍ମ ସବୁ ସେ ଶୁଣିଲେ । ସେହି ପାପିନୀ ବିଧବାଟି ପ୍ରତି ଦୟାପୂର୍ବକ ସେ ବହୁ ଶାସ୍ତ୍ର ପୁରାଣ ଅଧ୍ୟୟନ କରି ଉପକ୍ରମଣିକାମାନ ସଂଗ୍ରହ କଲେ । ବିଷ୍ଣୁଙ୍କର ଅତି ପ୍ରିୟ କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତ ପାଳନ କରି ମାସ ସାରା ପ୍ରତ୍ୟହ ସନ୍ଧ୍ୟାରେ ବୃନ୍ଦାବତୀ ତୁଳସୀଙ୍କ ନିକଟରେ ଆକାଶଦୀପ ଜାଳିଲେ ପରଦାରା ପରି ମହାପାପରୁ ମୁକ୍ତି ମିଳିବ ବୋଲି ବ୍ରାହ୍ମଣ ସାଧୁ ବିଧବା ମହିଳାଙ୍କୁ ଉପଦେଶ ଦେଲେ । ବ୍ରାହ୍ମଣ ସାଧୁଙ୍କ ଉପଦେଶକୁ ପାଳନ କରିବାରୁ ବିଧବା ମହିଳାଟି ମୃତ୍ୟୁ ପରେ ସ୍ୱର୍ଗ ପ୍ରାପ୍ତି ହେଲା । ଅନ୍ୟ ଏକ କାହାଣୀ ଅନୁଯାୟୀ ଧର୍ମରାଜ ଯୁଧିଷ୍ଠିର ଆକାଶଦୀପ ଦାନ ଦ୍ୱାରା ସ୍ୱର୍ଗ ପ୍ରାପ୍ତି ହୋଇଥିଲେ । ଆକାଶଦୀପ ପ୍ରତିଷ୍ଠା ସମ୍ପର୍କରେ ସ୍କନ୍ଦପୁରାଣରେ ରହିଥିବା ଏକ କିମ୍ବଦନ୍ତୀ ଅନୁଯାୟୀ ଥରେ ମାତଙ୍ଗ ମହର୍ଷି ନିଜ ଆଶ୍ରମ ବାହାରେ ଥିବା ଏକ ଶୁଖିଲା ବୃକ୍ଷରେ ଆକାଶଦୀପ ପ୍ରତିଷ୍ଠା ପରେ ଉପସ୍ଥିତ ସାଧୁମାନଙ୍କୁ ବିଷ୍ଣୁଙ୍କ କଥା ଶୁଣାଉଥାନ୍ତି । ଏହି ସମୟରେ ବୃକ୍ଷଟି ଦୁଇ ଫାଳ ହୋଇଗଲା । ତା ମଧ୍ୟରୁ ଜଣେ ଦିବ୍ୟ ପୁରୁଷ ବାହାରି ଆସିଲେ । ତାଙ୍କ ଶରୀରରୁ ଦୀପ୍ତି ଉଦ୍ଭାଷିତ ହେଉଥିଲା । ସେ ସାଧୁମାନଙ୍କୁ କହିଲେ,ହେ ସାଧୁଗଣ,ପୂର୍ବ ଜନ୍ମରେ ମୁଁ ଜଣେ ଧନଶାଳୀ ଲୋକ ଭାବରେ ପରିଚିତ ହୋଇଥିଲେ ମଧ୍ୟ ଦୀନଦୁଃଖୀଙ୍କୁ କାଣିଚାଏ ତଣ୍ଡୁଳ ଦାନ କରିନଥିଲି ।

ପ୍ରତିପତ୍ତି ଏତେ ଅନ୍ଧ କରିଦେଲା ଯେ ସେମାନେ ଭିକ୍ଷା ପାଇଁ ଆସୁଥିବା ବେଳେ ସେମାନଙ୍କ ଆଡକୁ ମୁଁ ପାଦ କରି ବସୁଥିଲି । ଏହିପରି ମୁଁ ଅନେକ ପାପ କରିଥିଲି । ଫଳରେ ପରଜନ୍ମରେ ମୁଁ କୁକୁର ଜନ୍ମ ପାଇଲି । ତାପରେ କାଉ,ଏଣ୍ଡୁଅ,କୀଟ ଆଦି ଜନ୍ମ ପାଇଲି । ଶେଷରେ ମୁଁ ବୃକ୍ଷ ରୂପରେ ଜନ୍ମ ନେଇଥିଲି । ତେବେ ହଠାତ ମୁଁ କିପରି ମଣିଷ ଜନ୍ମ ପାଇଲି ! ସାଧୁମାନେ କହିଲେ,ଏସବୁ କେବଳ ଆକାଶଦୀପ ଦ୍ୱାରା ସମ୍ଭବ ହୋଇପାରିଛି । ତୁମେ ଯେଉଁ ବୃକ୍ଷ ଶରୀର ଧାରଣ କରିଥିଲ ସେଠାରେ ଆମେ ଆକାଶଦୀପ ପ୍ରତିଷ୍ଠା କରିବା ଫଳରେ ତୁମେ ଏବେ ନାନା ଜନ୍ମରୁ ମୁକ୍ତ ହୋଇଛ । ସାଧୁମାନଙ୍କ କଥା ଶୁଣି ବ୍ୟକ୍ତି ଜଣକ ଆନନ୍ଦିତ ହୋଇ ସମସ୍ତ କାମନାରୁ କିପରି ମୁକ୍ତି ମିଳିବ ପଚାରିଲେ । ପ୍ରତିଦିନ ସନ୍ଧ୍ୟାରେ ତୁଳସୀ ବୃକ୍ଷ ମୂଳରେ ଦୀପ ଜାଳିବାକୁ ପରାମର୍ଶ ଦେଲେ । ଅନ୍ୟ ଏକ ଆଖ୍ୟାନ ଅନୁଯାୟୀ ଚନ୍ଦ୍ରମୌର୍ଯ୍ୟ ବ୍ରାହ୍ମଣଙ୍କର ଉପଦେଶ ଅନୁଯାୟୀ ମହାରାଜ ସୁନନ୍ଦ ମଧ୍ୟ କାର୍ତ୍ତିକ ମାସରେ ସମସ୍ତ ବିଧିବିଧାନ ପାଳନ ପୂର୍ବକ ଆକାଶଦୀପ ଦାନ କରିଥିଲେ । ଆକାଶଦୀପ ମଧ୍ୟ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ସହ ଜଡିତ । ସାଧବମାନେ ରାତ୍ରୀରେ ଗଭୀର ସମୁଦ୍ର ବକ୍ଷରୁ ସ୍ଥଳଭାଗ ଚିହ୍ନଟ ପାଇଁ ଏହି ଆକାଶଦୀପର ଆଲୋକକୁ ଚାହିଁ କରି ଦିଗ ଜାଣି ପାରୁଥିଲେ । ମୋଗଲ ସମ୍ରାଟ ଆକବର ଲେଖିଥିବା ଆଇନ-ଇ-ଆକବରୀରୁ ଜଣାଯାଏ ଯେ ସେସମୟରେ ଆକାଶଦୀପର ପ୍ରଚଳନ ଥିଲା । ଚାଳିଶ ଫୁଟ ଲମ୍ବ ବାଉଁଶରେ ଏହି ଆକାଶଦୀପ ସ୍ଥାପନା କରାଯାଉଥିଲା ।



***ଆକାଶଦୀପ ପ୍ରତିଷ୍ଠାର ନୀତିନିୟମ :*** ପୂଜା ଘରେ ହେଉକି ଦେବାଳୟ ଭଗବାନଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା ହିନ୍ଦୁ ଧର୍ମର ଏକ ପ୍ରାଚୀନ ପରମ୍ପରା । ଏହା ହିନ୍ଦୁ ଧର୍ମର ବିଶ୍ୱାସ ଓ ଆସ୍ଥାର ପ୍ରତୀକ । ପୂଣ୍ୟ କାର୍ତ୍ତିକ ଦୀପଦାନର ମାସ । ଏହି ମାସରେ ନଦୀ,ପୋଖରୀ,ନାଳ,କୂପ ଆଦି ଜଳାଶୟ ଓ ଅଶ୍ୱ□ ବୃକ୍ଷ ମୂଳରେ ଦୀପଦାନ କରିବା ଦ୍ୱାରା ଅଶେଷ ପୂଣ୍ୟ ମିଳିଥାଏ । ତେବେ କାର୍ତ୍ତିକ ମାସରେ ଆକାଶଦୀପ ଦାନ କଲେ ଦୀପଦାନ କରୁଥିବା ବ୍ୟକ୍ତି ଧନବାନ ଓ ସମୃଦ୍ଧିଶାଳୀ ହୋଇଥାଏ । କୁମାର ପୂର୍ଣ୍ଣିମା ପର ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମା ବୃନ୍ଦାବତୀଙ୍କ ନିକଟରେ ଏକ ବାଉଁଶ ଖୁଣ୍ଟ ଉପରେ ଆକାଶଦୀପ ପ୍ରଜ୍ୱୋଳିତ କରି ରଖାଯାଏ । ଆକାଶଦୀପ ପ୍ରତିଷ୍ଠା ପାଇଁ ଅଠର ହାତ ଲମ୍ବାର ବାଉଁଶ, ବରକୋଳି ଡାଳ, ଗୁଆ, ହରିଡା, କଳା ମାଟି ହାଣ୍ଡି, ଦଉଡି, ଦୀପ, ବାଲି, ସଳିତା, ଘିଅ ଆବଶ୍ୟକ ହୁଏ । ମାଟି ହାଣ୍ଡିରେ ଏକୋଇଶଟି ରନ୍ଧ୍ର କରାଯାଏ । ପ୍ରଥମେ ଦୀପକୁ ଗୃହକର୍ତ୍ତା ପୁରାହିତଙ୍କ ସାହାଯ୍ୟରେ ପୂଜା ସାରିବା ପରେ ଛିଦ୍ରଯୁକ୍ତ ମାଟି ହାଣ୍ଡିରେ ଦୀପକୁ ସ୍ଥାପନା କରନ୍ତି । ଦଉଡିରେ ବନ୍ଧା ଯାଇଥିବା ଶିକାରେ ଏହି ମାଟି ହାଣ୍ଡି ସ୍ଥାପନ କରନ୍ତି । ମାଟି ହାଣ୍ଡି ଚାରି ପାଖରେ ଝୋଟି ପକାଯାଇ ଫୁଲ ହାର ଗୁଡା ଯାଇଥାଏ । ହୁଳହୁଳି, ଶଙ୍ଖ, ଘଣ୍ଟ ବଜାଇ ଏହି ମାଟି ହାଣ୍ଡିକୁ ଘୋଡାଇ ଦିଆଯାଏ । ତାପରେ ପୁରାହିତ ଦଉଡି ସାହାଯ୍ୟରେ ଆକାଶ ଦୀପକୁ ବାଉଁଶର ଅଗ୍ର ଭାଗକୁ ଉଠାନ୍ତି । ଅଗ୍ର ଭାଗରେ ନାଲି ଛିଟ କପଡାରେ କଉଡି,ଗୁଆ,ହରିଡା ଗୁଡାଯାଇ ବନ୍ଧା ହୋଇଥାଏ । ମାଟି ହାଣ୍ଡିର ଛିଦ୍ର ଯୋଗୁଁ ପ୍ରଜ୍ୱଳିତ ଦୀପଟି ଦୀର୍ଘ ସମୟ ଜଳି ରହେ । ଏହାର ଆଲୋକ ଶିଖା ବହୁ ଦୂରକୁ ଦେଖାଯାଇଥାଏ । ଏହି ଆକାଶଦୀପ ପ୍ରତିଷ୍ଠା କରିବା ଫଳରେ ପିତୃପୁରୁଷଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଏ । ଆକାଶଦୀପ ପିତୃପୁରୁଷଙ୍କ ପ୍ରତି ସମର୍ପିତ ଏକ ଦୀପ । ରାଇଦାମୋଦର ବ୍ରତ ପାଳନ ସହ ଚଉରା ମୂଳରେ ଆକାଶଦୀପ ପ୍ରତିଷ୍ଠା କରିବା ଦ୍ୱାରା ବିଧବାମାନେ ସେମାନଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରନ୍ତି । ଆକାଶଦୀପର ବୈଜ୍ଞାନିକ ପୃଷ୍ଠଭୂମି ମଧ୍ୟ ଯଥାର୍ଥ । ଋତୁ ପରିବର୍ତ୍ତନର ଏହି ସମୟରେ ପ୍ରବଳ ଭାବରେ କୀଟପତଙ୍ଗ ଉଡୁ ଥିବାରୁ ସେମାନଙ୍କୁ ନଷ୍ଟ କରିବାରେ ଆକାଶଦୀପର ଭୂମିକା ରହିଛି । ଏହି ଅନିଷ୍ଟକାରୀ କୀଟମାନେ ଆକାଶଦୀପ ନିକଟକୁ ଆକୃଷ୍ଟ ହୋଇ ଆସି ନଷ୍ଟ ହୋଇଥାନ୍ତି ।







ଦୂରଭାଷ : ୯୪୩୭୭୨୯୩୮୪



### ରାସନ କାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର

# ଏଣିକି ୫ କେଜି ଅଧିକ ମିଳିବ ଚାଉଳ

**ଭୁବନେଶ୍ୱର :** ରାସନ କାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର। ମୁଣ୍ଡ ପିଛା ବଢ଼ିପାରେ ଚାଉଳ। ପ୍ରତ୍ୟେକ ରାସନ କାର୍ଡ ହିତାଧିକାରୀଙ୍କୁ ୫ କିଲୋ ସ୍ଥାନରେ ଅଧିକ ୫ କେଜି ଚାଉଳ ଦେବାକୁ ଚିନ୍ତା କରୁଛନ୍ତି ରାଜ୍ୟ ସରକାର। ରାସନ କାର୍ଡରେ ଥିବା ପ୍ରାୟ ୩ କୋଟି ୨୫ ଲକ୍ଷ ହିତାଧିକାରୀ ୫ କେଜି ଲେଖାଏଁ ଅଧିକ ଚାଉଳ ପାଇବେ। ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଏନେଇ ନିଷ୍ପତ୍ତି ନେବେ। ଅନେକ ଗରିବ ହିତାଧିକାରୀଙ୍କୁ ୫ କିଲୋ ଚାଉଳ ପର୍ଯ୍ୟାପ୍ତ ହେଉ ନଥିବାରୁ ଏନେଇ ଚିନ୍ତା କରୁଛି ଯୋଗାଣ ବିଭାଗ। ସେପଟେ ରାସନ୍ କାର୍ଡକୁ ନେଇ ବଡ଼ ବୟାନ ଦେଇଥିଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଯେଉଁ ରାସନ୍ କାଡ ହିତାଧିକାରୀ ଇ-କେୱାଇସି କରିନଥିବେ ସେମାନଙ୍କୁ ଆସନ୍ତା ମାସରୁ ଆଉ ମାଗଣା ଚାଉଳ ମିଳିବନି ବୋଲି ଯୋଗାଣ ମନ୍ତ୍ରୀ କହିଥିଲେ। ଯୋଗାଣ ମନ୍ତ୍ରୀ କହିଛନ୍ତି, ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନଙ୍କ ଚାଉଳ ଆସନ୍ତା ମାସରୁ ବନ୍ଦ ହୋଇଯିବ। ଏବେ ଇ-କେୱାଇସି ପ୍ରକ୍ରିୟାକୁ କେନ୍ଦ୍ର ସରକାର ବନ୍ଦ କରି ଦେଇଛନ୍ତି। ଫଳରେ ଆଉ ସମୟ ନାହିଁ। ଏବେ ବି ସରକାର କେୱାଇସି କରିନଥିବା ଲୋକଙ୍କୁ ଚାଉଳ ପଠାଉଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଯେଉଁମାନେ ଇ-କେୱାଇସି କରିବେ ନାହିଁ, ସେମାନଙ୍କ ପାଇଁ ଆଉ ଚାଉଳ ଯିବ ନାହିଁ। କେନ୍ଦ୍ର ସରକାର ସମୟ ବଢ଼ାଇଲେ, ରାଜ୍ୟ ସରକାର ମଧ ବଢ଼େଇବେ। ଯଦି କିଏ ବାଦ୍ ପଡ଼ିଥିବେ ଲିଖିତ ଭାବେ ଆବନଦନ କଲେ ବିଚାର କରାଯିବ। ଏବେ ବି ରାଜ୍ୟର ୧୫ ଲକ୍ଷ ୬୭ ହଜାର ହିତାଧିକାରୀ ଇ-କେୱାଇସି କରିନଥିବା ଯୋଗାଣ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଗତ ବିଧାନସଭା ମୌସୁମୀ ଅଧିବେଶନରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ୩୦ ହଜାର ଅଯୋଗ୍ୟ ରାସନ କାର୍ଡ ହିତାଧିକାରୀଙ୍କୁ ତାଲିକାରୁ ହଟାଇ ଦିଆଯାଇଛି। ଏହାଦ୍ୱାରା ୧ ଲକ୍ଷ ୯ ହଜାର ୮୫୩ ଜଣ ପ୍ରଭାବିତ ହୋଇଛନ୍ତି। ସେତେବେଳେ ମନ୍ତ୍ରୀ କହିଥିଲେ, ୯୭.୪୦ ଲକ୍ଷ ପରିବାରର ୩.୨୫ କୋଟି ଲୋକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ମାଗଣା ଖାଦ୍ୟ ଶସ୍ୟ ପାଉଛନ୍ତି। ଯାଞ୍ଚ ଚାଲୁଥିବା ବେଳେ ୩୦ ହଜାର ୧୨୫ ଅଯୋଗ୍ୟ ରାସନ କାର୍ଡ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କ ନାଁ ତାଲିକାରୁ ବାଦ୍ ଦିଆଯାଇଛି। ଏଥିସହ ୬ ଲକ୍ଷ ୩୮ ହଜାର ୯୯୬ ମୃତ ବ୍ୟକ୍ତିଙ୍କ ନାମ ମଧ ଡାଟାବେସ୍ରୁ ହଟାଇ ଦିଆଯାଇଛି। ଏହି ନାମ ଗୁଡ଼ିକୁ ବାଦ ଦେବା ଦ୍ୱାରା ନୂତନ ଯୋଗ୍ୟ ଆବେଦନକାରୀଙ୍କୁ ଏହି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ଥାନ ସୃଷ୍ଟି ହୋଇଛି। ମନ୍ତ୍ରୀଙ୍କ କହିବା କଥା, ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ପରେ, ଏବେ ସୁଦ୍ଧା ୨ ଲକ୍ଷ ୫ ହଜାର ୩୮୪ ନୂଆ ପରିବାର ଅର୍ଥାତ୍ ୩ ଲକ୍ଷ ୮୭ ହଜାର ୮୧୯ ନଆ ହିତାଧିକାରୀଙ୍କୁ ଏହି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ବର୍ତ୍ତମାନ ସାରା ରାଜ୍ୟରେ ୫ ଲକ୍ଷ ୯ ହଜାର ୬୦୬ ନୂତନ ଆବେଦନ ପତ୍ରର ଯାଞ୍ଚ କରାଯାଉଛି।

## କ୍ୟାପିଟାଲ୍ କଥା

# ପାର୍ବଣ ଓ ପଲ୍ୟୁସନ୍



**ନିଶୀଥ ବୋଷ**

ପୂଜା ଆସିଲେ ଭୁବନେଶ୍ୱର ରେ ଖଟି ଖୁବ୍ ଜମେ। ମହାଳୟାରୁ ବିଭିନ୍ନ ଖଟିରେ ଆରମ୍ଭ ହେଇଯାଏ ପୂଜା ଉପରେ ଆଲୋଚନା। ଏଥର ଗୋଟେ ଖଟିରେ ବସି ଶୁଣୁଥିଲି କିଏ କଣ କହୁଛି। ଜଣେ କହିବାର ଶୁଣିଲି - ଏଥର ମା' ଡଙ୍ଗାରେ ଆସିବେ।

ଅବଶ୍ୟ ମଝିରେ ମଝିରେ ଛେଚା ବର୍ଷା ବି ଲୋକଙ୍କୁ ଡରେଇଲା। ପୂଜା ଚାରିଦିନ ବୁଲି ବୁଲି କୁଟିଲା। କଛି ଏଇ ମଉକାରେ ପଳେଇଲେ ହିଲ୍ ଷ୍ଟେସନ୍। ଛୁଟି ଏନଜୟ କରିବାକୁ। କିଛି ପିଲା କବିଲା, ଗାଡି ଘୋଡ଼ା ମୋହରେ ପଡ଼ି ଏଇଠି ରହିଗଲେ। ଆଉ ଗୁଡାଏ ପାର୍ଟି ପିକନିକ୍, ଜଳୀୟ, ଗ୍ୟାସୀୟ ରେ ଆତ୍ମା ଶାନ୍ତି କରେଇଲେ। ଏସେନସିଆଲ୍ କମୋଡିଟିର ସୋ ରୁମ୍ ଗୁଡ଼ା ଅଧାଅଧି ଖାଲି ହେଇଗଲେ। ସନ୍ଧ୍ୟାରେ ପୂଜା ପେଣ୍ଡାଲ୍ ଚାରିକଡେ ଚାଲିଲା ବ୍ୟୁଟି କଣ୍ଟେଷ୍ଟ। ଷ୍ଟାଟସ୍ ଆଉ ଏଷ୍ଟାବ୍ଲିଶମେଣ୍ଟକୁ ନେଇ ଚାପା ଆଲୋଚନା। ଡେକୋରେସନ୍ ଆଉ ଲାଇଟିଂରେ କୋଟି କୋଟି ଉଡିଗଲା। ଟିପସ୍, ବକସିସ୍, ବୋନସ୍, କ'ଣ ହବ ସେସବୁ ? ଏଇ ମଉକାରେ ସେସବୁର ଅନ୍ତତଃ ୮୦% ଶ୍ରାଦ୍ଧ କରାଯାଉ।

ସୁଇଚ୍ ଟିପି ରାବଣ ପେଟରେ ନିଆଁ ଲଗେଇଲେ ଚିଫ୍ ଗେଷ୍ଟ। କହିଲେ - ରାବଣ ସଂତ୍ରାସର ପ୍ରତୀକ। ତେଣୁ ରାବଣ ପୋଡ଼ି ମାଧ୍ୟମରେ ସଂତ୍ରାସବାଦର ବିରୋଧାଚରଣ କରାଯିବା ଆବଶ୍ୟକ। ଲୋକେ ତାଳି ବାଡେଇଲେ।

ଏଥର ଆସିଗଲା ମା'ଙ୍କ ବିସର୍ଜନ ପର୍ବ। ଏରିଆ ଟୋକା ପୂରା ଚାର୍ଜ। ଡିଜେ ବାଲା ଗୋଟେ ପରେ ଗୋଟେ ନଛା ନଛା ଗୀତ ନାଦି ଚାଲିଲା। ବିସର୍ଜନ ବେଳେ ୟଙ୍ଗ୍ ମାସ୍ ଟିକେ ଏକ୍ସାଇଟେଡ୍ ନହେଲେ, ଦେବୀ କାଳେ ପ୍ରସନ୍ନ ହୁଅନ୍ତିନି। ଗୋଳିଆ ପାଣି ସୁଅରେ ମାଙ୍କ ମାଟି ଶରୀରଟା ଭାସି ଭାସି କୁଆଡେ ଲୀନ ହେଇଗଲା।

ଲୋକେ ପୁଣି ଖଟିରେ ଆଲୋଚନା କଲେ। କିଏ କହିଲା - ମା' ତ ସବୁ ବର୍ଷ ଆସନ୍ତି, ଏଥର ବି ଆସିଲେ। ହେଲେ ସିଏ ଆସିବା ଦ୍ୱାରା ଲୋକଙ୍କ ଭିତରେ ଏକ୍ସାଇଟମେଣ୍ଟ ପ୍ରବଳ ମାତ୍ରାରେ ବଢୁଚି। ଲୋକେ ଆସ୍ତେ ଆସ୍ତେ ଓ୍ୱାଇଲ୍ଡ ହେଇପାରନ୍ତି।

ଆଉ ଜଣେ କହିଲେ - ଏକ୍ସାଇଟମେଣ୍ଟ ବଢିବା ସାଙ୍ଗକୁ ପଲ୍ୟୁସନ୍ କେତେ ହଉଚି। ଟନ୍ ଟନ୍ ଖଣ୍ଡିଆ ବିଡି, ସିଗ୍ରେଟ୍, ପଲି ବ୍ୟାଗ୍, ପାଉଚ୍, ବୋତଲ୍, ନ୍ୟୁଜ୍ ପେପର୍ କାର୍ଟୁନ୍ ଏଣେତେଣେ ପକେଇ ଲୋକେ ପଳେଇଲେ। ପାର୍କ ମାନଙ୍କରେ ଯେତିକି କଣ୍ଡୋମ୍ ପାକେଟ୍, ଛି ଛି ଛି ! ଏଥିରେ ସ୍ୱଚ୍ଛ ଭାରତର ସ୍ୱପ୍ନ କ'ଣ ସାକାର ହେଇ ପାରିବ ?

**ଦୂରଭାଷ : ୭୩୨୭୦୩୭୯୭୦**

# ପ୍ରଥମ ଚେଷ୍ଟାରେ ଆଦିତ୍ୟ ପାଇଲେ ଏମ୍‌ବିବିଏସ୍



**ଭୁବନେଶ୍ୱର :** ଜଟଣୀ ଅଞ୍ଚଳ ବରପଦା ଗାଁର ଲିଙ୍ଗରାଜ ସାହୁଙ୍କ ସୁପୁତ୍ର ଆଦିତ୍ୟ ପ୍ରସାଦ ସାହୁ ମାତ୍ର ୧୮ ବର୍ଷ ବୟସରେ ଏମ୍‌ବିବିଏସ୍ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଦିତ୍ୟଙ୍କ ପୂର୍ବରୁ ତାଙ୍କ ପଞ୍ଚାୟତରେ କେହି ଏମ୍‌ବିବିଏସ୍ ପାଠ ପଢ଼ିବାର ଯୋଗ୍ୟତା ହାସଲ କରିନଥିଲେ। ଆଦିତ୍ୟ ପ୍ରଥମ ଚେଷ୍ଟାରେ ଏହି ସଫଳତା ହାସଲ କରିଛନ୍ତି। ଏଥିପାଇଁ ପଞ୍ଚାୟତରେ ଖୁସିର ଲହରୀ ଖେଳିଯାଇଛି। ସେ ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ପାଠ ପଢ଼ିବେ।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

### ଓଡ଼ିଶା ସିଏଚ୍‌ଏସ୍‌ଇ ପରୀକ୍ଷା ପାଇଁ ପ୍ରସ୍ତୁତି

# ନଭେମ୍ବର ୨୯ ସୁଦ୍ଧା ସିସିଟିଭି ଲଗାଇବାକୁ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ

**ଭୁବନେଶ୍ୱର :** ସମସ୍ତ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ସେହି ତାରିଖ ସୁଦ୍ଧା ସେମାନଙ୍କ କ୍ୟାମ୍ପସରେ ଥିବା ସିସିଟିଭି କ୍ୟାମେରାର କାର୍ଯ୍ୟକ୍ଷମ ସ୍ଥିତି ନିଶ୍ଚିତ କରି ଏକ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶନାମା ୨୦୨୬ ମସିହାର ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ସୁପରିଚାଳିତ କରିବା ପାଇଁ ଲକ୍ଷ୍ୟ ରଖିଛି। ସିଏଚ୍‌ଏସ୍‌ଇ ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ୱୟଂ-ଅର୍ଥପ୍ରାପ୍ତ କଲେଜ ଗୁଡ଼ିକର କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ, ପରୀକ୍ଷା ହଲ୍ ଏବଂ ପ୍ରାକ୍ଟିକାଲ ହଲରେ ସିସିଟିଭି କ୍ୟାମେରା ବାଧ୍ୟତାମୂଳକ ହେବ। ସିଏଚ୍‌ଏସ୍‌ଇ ମୁଖ୍ୟାଳୟ, ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଏବଂ ସମ୍ପୃକ୍ତ ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟରୁ ପରୀକ୍ଷା ପ୍ରକ୍ରିୟାର ତଦାରଖ କରାଯିବ। ଯେଉଁ ସ୍କୁଲଗୁଡ଼ିକ ଏପର୍ଯ୍ୟନ୍ତ ସିସିଟିଭି କ୍ୟାମେରା ଲଗାଇ ନାହାଁନ୍ତି ସେମାନଙ୍କୁ ତୁରନ୍ତ ଏହା କରିବାକୁ କୁହାଯାଇଛି। ତ୍ରୁଟିପୂର୍ଣ୍ଣ କ୍ୟାମେରାଗୁଡ଼ିକୁ ମରାମତି କରିବାକୁ ପଡିବ, ଏବଂ ପ୍ରଶ୍ନପତ୍ର ଆସିବା ସମେତ ସମସ୍ତ କାର୍ଯ୍ୟକଳାପକୁ ସିସିଟିଭି ନଜରରେ ରଖିବାକୁ ପଡିବ। ନୂତନ ପରୀକ୍ଷା କେନ୍ଦ୍ର ମାନ୍ୟତା ପାଇଁ ଆବେଦନ କରୁଥିବା ଅନୁଷ୍ଠାନଗୁଡ଼ିକୁ ଅନୁମୋଦନ ପୂର୍ବରୁ ପରୀକ୍ଷା ହଲ୍ ଏବଂ ସୁପରିଣ୍ଟେଣ୍ଡେଣ୍ଟ କୋଠରୀରେ କ୍ୟାମେରା ଲଗାଯିବା ନିଶ୍ଚିତ କରିବାକୁ ପଡିବ। ପ୍ରତ୍ୟେକ କେନ୍ଦ୍ର, ୨୦୨୬ ଅଧିବେଶନ ପାଇଁ ନୂତନ କେନ୍ଦ୍ର ସମେତ, ଡିଭିଆର/ଏନ୍‌ଭିଆର ସିଷ୍ଟମ, ଇନ୍‌ଷ୍ଟା କ୍ଲାଉଡ୍ ଷ୍ଟାଟିକ୍ ଆଇପି ଠିକଣା, ଇନ୍‌ଷ୍ଟା କ୍ଲାଉଡ୍ ସିରିଜ୍ ନମ୍ବର ଏବଂ ହାଇ-ସ୍ପିଡ୍ ଇଣ୍ଟରନେଟ୍ (ସର୍ବନିମ୍ନ ୫୦ ଏମ୍‌ବିପିଏସ୍) ହେବା ଆବଶ୍ୟକ। ସ୍କୁଲଗୁଡ଼ିକୁ ନଭେମ୍ବର ୨୯ ସୁଦ୍ଧା କଲେଜ ନାମ ଏବଂ କୋଡ୍, ଇଣ୍ଟରନେଟ୍ ପ୍ରଦାନକାରୀ, ଡିଭିଆର/ଏନ୍‌ଭିଆର ସିରିଏଲ୍ ନମ୍ବର, ୟୁଜରନେମ୍ ଏବଂ ଉଉଞଠ ସିଷ୍ଟମର ପାସୱାର୍ଡ ଭଳି ତଥ୍ୟ ପ୍ରଦାନ କରିବାକୁ ପଡିବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପାଳନ ନ କଲେ ଥିଓରି ଏବଂ ପ୍ରାକ୍ଟିକାଲ୍ ପରୀକ୍ଷା କେନ୍ଦ୍ରର ସ୍ଥିତି ବାତିଲ ହୋଇଯିବ, ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା ସତର୍କ କରାଇ ଦେଇଛନ୍ତି ଯେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ରାଜ୍ୟ ସରକାରଙ୍କୁ ପଠାଯିବ। ଏହି ସମୟରେ, ପରିଷଦ ୯୦ଟି ଉନ୍ନତ ଶିକ୍ଷାନୁଷ୍ଠାନରେ ତତ୍ତ୍ୱ ପରୀକ୍ଷା କେନ୍ଦ୍ର ସ୍ଥାପନ କରିବାକୁ ଯୋଜନା କରୁଛି, ଯାହା ସମ୍ପ୍ରତି ହାଇସ୍କୁଲରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇଛି। ଅନୁମୋଦନ ପ୍ରଦାନ କରିବା ପୂର୍ବରୁ, ଏପରି ଶିକ୍ଷାନୁଷ୍ଠାନଗୁଡ଼ିକୁ ସିସିଟିଭି ନିରୀକ୍ଷଣ, ପାୱାର ବ୍ୟାକଅପ୍, ଇଣ୍ଟରନେଟ୍ ସଂଯୋଗ ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁନିଶ୍ଚିତ କରିବାକୁ ପଡିବ। ପରିଷଦର ଅଧିକାରୀମାନେ ବର୍ତ୍ତମାନ ଭିତ୍ତିଭୂମି ପ୍ରସ୍ତୁତି ଯାଞ୍ଚ କରିବା ପାଇଁ ଏହି ଉନ୍ନତ ବିଦ୍ୟାଳୟଗୁଡ଼ିକୁ ଯାଞ୍ଚ କରୁଛନ୍ତି। 'ଯଦି କୌଣସି ଶିକ୍ଷାନୁଷ୍ଠାନ ଆବଶ୍ୟକୀୟ ମାନଦଣ୍ଡ ପୂରଣ କରିବାରେ ବିଫଳ ହୁଏ, ତେବେ ଏହାକୁ ପରୀକ୍ଷା କେନ୍ଦ୍ର ଭାବରେ ନାମିତ କରାଯିବ ନାହିଁ ବୋଲି ପରିଡା କହିଛନ୍ତି। ବାର୍ଷିକ ପରୀକ୍ଷା ୨୦୨୬ର ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ, ପ୍ରୋଜେକ୍ଟ ପରୀକ୍ଷା ଏବଂ ବ୍ୟବହାରିକ ପରୀକ୍ଷା ସିଏଚଏସଇ ସହିତ ଜଡିତ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ / କଲେଜରେ ଯଥାକ୍ରମେ ୨୨.୧୨.୨୦୨୫ ରୁ ୩୧.୧୨.୨୦୨୫ ଏବଂ ୦୨.୦୧.୨୦୨୬ ରୁ ୧୫.୦୧.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।




PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ମଦମୁକ୍ତ ଭାରତ ପାଇଁ ରାଷ୍ଟ୍ରପତିଙ୍କୁ ଭେଟିଲେ 'ମୋନା'ର ନେତୃମଣ୍ଡଳୀ

**ନୂଆଦିଲ୍ଲୀ :** ପ୍ରବୀଣ ଗାନ୍ଧୀବାଦୀ, ମଦମୁକ୍ତ ଭାରତ ଅଭିଯାନର ଆବାହକ ଏବଂ ମିଳିତ ଓଡ଼ିଶାର ନିଶା ନିବାରଣ ଅଭିଯାନ (ମୋନା)ର ସଭାପତି ପଦ୍ମ ଚରଣ ନାୟକଙ୍କ ନେତୃତ୍ୱରେ ନିଶା ନିବାରଣ କର୍ମୀଙ୍କ ଏକ ଛଅ ଜଣିଆ ପ୍ରତିନିଧି ଦଳ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ପ୍ରତିନିଧି ଦଳ ବ୍ୟକ୍ତି, ପରିବାର ଏବଂ ସମାଜ ଉପରେ ମଦ ଏବଂ ନିଶାଦ୍ରବ୍ୟର ବିନାଶକାରୀ ପ୍ରଭାବ ବିଷୟରେ ମାନ୍ୟବର ରାଷ୍ଟ୍ରପତିଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ମଦ ନିଶା ସମଗ୍ର ଭାରତରେ ଘରୋଇ ହିଂସା, ଅପରାଧ, ଦାରିଦ୍ର୍ୟ, ସ୍ୱାସ୍ଥ୍ୟହାନୀ ଏବଂ ନୈତିକ ଅବକ୍ଷୟର ଏକ ପ୍ରମୁଖ କାରଣ ପାଲଟିଛି ବୋଲି ତଥ୍ୟ ଉପସ୍ଥାପନ କରିଥିଲେ। ସେମାନେ ଜୋର ଦେଇ କହିଥିଲେ ଯେ ଜାତୀୟ ସମନ୍ୱୟ ବିନା ରାଜ୍ୟସ୍ତରୀୟ ନିଶା ନିବାରଣ ନୀତି ସଫଳ ହୋଇପାରୁ ନାହିଁ, କାରଣ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ମଦ ଅନୁପ୍ରବେଶ ସମସ୍ତ ପ୍ରୟାସକୁ ଦୁର୍ବଳ କରିଦେଉଛି। ଆଲୋଚନା ସମୟରେ, ପ୍ରତିନିଧି ଦଳ ଭାରତୀୟ ସମ୍ବିଧାନ ଅନ୍ତର୍ଗତ ରାଷ୍ଟ୍ର ପାଇଁ ସାମ୍ବିଧାନିକ ନୀତି ନିର୍ଦ୍ଦେଶକ ର ଧାରା ୪୭କୁ ଉଲ୍ଲେଖ କରିଥିଲେ, ଯାହା ସ୍ପଷ୍ଟ ଭାବରେ ରାଜ୍ୟଗୁଡ଼ିକୁ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନିଶାଦ୍ରବ୍ୟ ଏବଂ ମାଦକ ଦ୍ରବ୍ୟକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦେଇଛି। ସମ୍ବିଧାନର ସର୍ବୋଚ୍ଚ ସଂରକ୍ଷକ ଭାବରେ ମହାମହିମ ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ କରି ମଦ ପ୍ରସାର ପରିବର୍ତ୍ତେ ଏହାର ପୂର୍ଣ୍ଣ ନିଷେଧକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। ରାଷ୍ଟ୍ରପତି ପ୍ରତିନିଧି ମଣ୍ଡଳୀଙ୍କୁ ଧୈର୍ଯ୍ୟର ସହ ଶୁଣି ଦେଶବ୍ୟାପୀ ମଦ ପ୍ରସାର ଯୋଗୁଁ ବୃଦ୍ଧି ପାଉଥିବା ନୈତିକ ମୂଲ୍ୟର ଅବକ୍ଷୟ ଏବଂ ସାମାଜିକ-ଆର୍ଥିକ ଓ ସାଂସ୍କୃତିକ ବିପର୍ଯ୍ୟୟ ଉପରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସେ ନିଜେ ସମାଜରେ ମଦ ଜନିତ ନୈତିକ ଏବଂ ସାଂସ୍କୃତିକ ଅବକ୍ଷୟ ଦେଖିଛନ୍ତି ଏବଂ ଏହି ପ୍ରସଙ୍ଗକୁ ତୁରନ୍ତ ଜାତୀୟ ସ୍ତରରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସହମତ ହୋଇଥିଲେ। ମହାମହିମ ରାଷ୍ଟ୍ରପତି ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥରେ ଦେଶବ୍ୟାପୀ ମଦ ଓ ଅନ୍ୟ ମାରାତ୍ମକ ନିଶା ଦ୍ରବ୍ୟର ପୂର୍ଣ୍ଣ ନିଷେଧ ପାଇଁ ଗମ୍ଭୀରତାର ସହ ବିଚାର କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ପରାମର୍ଶ ଦେବେ ବୋଲି ପ୍ରତିନିଧିଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ମଣ୍ଡଳୀ ମାନ୍ୟବର ରାଷ୍ଟ୍ରପତିଙ୍କୁ ତାଙ୍କର ସମତାପୂର୍ଣ୍ଣ, ସମ୍ବେଦନଶୀଳତା ଏବଂ ନୈତିକ ନେତୃତ୍ୱ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ ଏବଂ ଏହି ବୈଠକକୁ ମଦମୁକ୍ତ ଭାରତ ଆନ୍ଦୋଳନରେ ଏକ ଐତିହାସିକ ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରିଥିଲେ। ଏଥିରେ ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଯୋଗ ଦେଇଥିଲେ।



### ନିତି ଆୟୋଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ମୁଖ୍ୟ ଶାସନ ସଚିବଙ୍କ ବୈଠକ

# ରାଜ୍ୟର ବିକାଶ ସମ୍ପର୍କିତ ଆଲୋଚନା

**ଭୁବନେଶ୍ୱର :** 'ନୀତି ଆୟୋଗ'ଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି.ଆର ସୁବ୍ରମଣ୍ୟମ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଓଡ଼ିଶା ପ୍ରଶସନର ବିଭିନ୍ନ ବିଭାଗର ସଚିବ ତଥା ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ରାଜ୍ୟର ବିକାଶ ସଂପର୍କିତ ଆଲୋଚନା କରିଛନ୍ତି। ଭିଜନ ଡକ୍ୟୁମେଣ୍ଟ- ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ ଥିଲା। ଆଲୋଚନାରେ ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁବ୍ରମଣ୍ୟମ ଓଡ଼ିଶାରେ ପ୍ରଶାସନିକ କ୍ଷେତ୍ରରେ ତଥା ରାଜ୍ୟର ବିକାଶ ପାଇଁ ଆବଶ୍ୟକ ଥିବା ତଥ୍ୟଭିତ୍ତିକ ପ୍ରଶାସନିକ ନିଷ୍ପତ୍ତି (ଏଭିଡେନ୍ସ ବେସ୍‌ଡ ଡିସିସନ ମେକିଂ) ପରିପ୍ରେକ୍ଷୀରେ ତଥ୍ୟ ବିଶ୍ଳେଷଣ (ଡାଟା ଆନାଲିସିସ୍) ସଂପର୍କରେ ବିସ୍ତୃତ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ସେହିପରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା।



ଜନଜାତିମାନଙ୍କ ଜୀବିକା ନିର୍ବାହ, ବିଶେଷ କରି ସେମାନଙ୍କ ପାଇଁ ଲଘୁ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଏବଂ ଉଦ୍ୟମିତା ବିକାଶ ପାଇଁ ସୁଯୋଗ ସୃଷ୍ଟି ନିମନ୍ତେ ମତାମତ ପ୍ରକାଶ ପାଇଥିଲା। ସେହିପରି ନଗର ଉନ୍ନୟନ ବିଭାଗ ସଂପର୍କିତ ଆଲୋଚନାରେ ଭୁବନେଶ୍ୱର-କଟକ-ପୁରୀ ଅର୍ଥନୈତିକ ଅଞ୍ଚଳ ସମେତ ରାଜ୍ୟର ଅନ୍ୟ ଅଞ୍ଚଳର ସହରାଞ୍ଚଳ – ଶିଳ୍ପ ଓ ପର୍ଯ୍ୟଟନ କରିଡରର ବିକାଶ ସଂପର୍କିତ ଆଲୋଚନା ହୋଇଥିଲା। ଓଡ଼ିଶାରେ ଦକ୍ଷତା ବିକାଶ କେନ୍ଦ୍ର ଭଳି ଉଚ୍ଚମାନର ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ରହିଛି। ୱାର୍ଲ୍ଡ ସ୍କିଲ ସେଣ୍ଟର ଓ ବିଭିନ୍ନ ଆଇଟିଆଇରେ ଦିଆଯାଉଥିବା ପ୍ରଶିକ୍ଷଣ ବ୍ୟବସ୍ଥାରେ ଆବଶ୍ୟକ ସଂସ୍ଥାଗତ ବିକାଶ କରାଯାଇ ଶିଳ୍ପ ଓ ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହେଉଥିବା ଚାହିଦା ମୁତାବକ ଦକ୍ଷ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯିବା ସଂପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଠ୍ୟକ୍ରମ ସାଥିରେ ଦକ୍ଷତା ବିକାଶକୁ ସାମିଲ କରାଗଲେ ନିଜ ବୃତ୍ତିରେ ଛାତ୍ରଛାତ୍ରୀମାନେ ବିକଳ୍ପ ଚୟନ କରିପାରିବେ ବୋଲି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା । ନୀତି ଆୟୋଗ ଓଡ଼ିଶା ସରକାରଙ୍କ ସହିତ ଏ ଦିଗରେ ସମସ୍ତ ପ୍ରକାର ବୈଷୟିକ ସହଯୋଗିତା ପ୍ରଦାନ କରିବା ପାଇଁ ସ୍ୱନାମଧନ୍ୟ ପ୍ରତିଷ୍ଠାନମାନଙ୍କ ସହ ସହବନ୍ଧିତା କରିବାକୁ ପ୍ରଚେଷ୍ଟାରତ ବୋଲି ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**